NOVEMBER 02, 2026
MONDAY, BHUBANESWAR

ନଭେମ୍ବର ୦୨, ୨୦୨୬
ସୋମବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ଅକ୍ଷର

AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 2 ● ISSUE- 57 ବର୍ଷ- ୨ ● ସଂଖ୍ୟା-୫୭ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

ଶାନ୍ତି ଓ ସୁରକ୍ଷାର ପ୍ରତିଫଳନ

ଓଡ଼ିଶା ଏବେ ନକ୍ସଲମୁକ୍ତ ଓ ଶିକ୍ଷାୟନରେ ଅଗ୍ରଣୀ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ୦୧/୧୧ : ଭୁବନେଶ୍ୱରସ୍ଥିତ ୭ମ ବାଟାଲିୟନ ପରେଡ ପଡ଼ିଆଠାରେ 'ରାଷ୍ଟ୍ରୀୟ ଏକତା ଦିବସ' ମହାସମାରୋହରେ ପାଳିତ ହୋଇଯାଇଛି। 'ଲୌହ ମାନବ' ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପବିତ୍ର ଜୟନ୍ତୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଦେଶର ଅଖଣ୍ଡତା ଏବଂ ଜାତୀୟ ଏକତା ପ୍ରତି ଅଙ୍ଗୀକାରବଦ୍ଧତା ପ୍ରକାଶ

ନକ୍ସଲମୁକ୍ତ ଓଡ଼ିଶାରେ ଶିକ୍ଷାୟନର ନୂତନ ଅଧ୍ୟାୟ

କରିଛନ୍ତି। ସେ କହିଛନ୍ତି ଯେ ସର୍ଦ୍ଦାର ପଟେଲଙ୍କ ଅସାଧାରଣ ରାଜନୈତିକ ଦୂରଦୃଷ୍ଟି ଯୋଗୁଁ ଆଜି ଏକ ବିଶାଳ ଓ ଶକ୍ତିଶାଳୀ ଭାରତ ଗଠିତ ହୋଇପାରିଛି। କାର୍ଯ୍ୟକ୍ରମରେ ଓଡ଼ିଶା ପୋଲିସ ବାହିନୀର ନିଷ୍ଠା, କଠିନ ପରିଶ୍ରମ ଓ ଦକ୍ଷତାର ଭୂୟସୀ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ରାଜ୍ୟ ସରକାରଙ୍କ ଦୃଢ଼ ପଦକ୍ଷେପ ଏବଂ ପୋଲିସର ନିରନ୍ତର ଅଭିଯାନ ଫଳରେ ଓଡ଼ିଶା ଆଜି ନକ୍ସଲ ତଥା ମାଓବାଦୀ ହିଂସା କବଳରୁ ମୁକ୍ତ ହେବା ଦିଗରେ ବଡ଼ ସଫଳତା ହାସଲ କରିଛି। ଦିନେ ଯେଉଁ ଜିଲ୍ଲାଗୁଡ଼ିକରେ ଲୋକେ ଦିନବେଳେ ମଧ୍ୟ ଯାତାୟାତ କରିବାକୁ ଭୟ କରୁଥିଲେ, ଆଜି ସେହି ଭୟ ଓ ଆତଙ୍କର ପରିବେଶ ଆଉ ନାହିଁ। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଆଜି ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇପାରିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ରାଜ୍ୟର ଶିକ୍ଷାୟନ ଓ ଆଭ୍ୟନ୍ତରୀଣ ସୁରକ୍ଷା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ଦୁଇ ବର୍ଷ ଧରି ରାଜ୍ୟରେ ଶିକ୍ଷାୟନର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି ଏବଂ ଦେଶ-ବିଦେଶର ଶିଳ୍ପପତିମାନେ ଓଡ଼ିଶାରେ ପୁଞ୍ଜିନିବେଶ କରୁଛନ୍ତି। ଶିଳ୍ପ ଓ ବ୍ୟବସାୟର ବିକାଶ ପାଇଁ ଶାନ୍ତି, ସୁରକ୍ଷା ଓ ସୁଦୃଢ଼ ଆଇନଶୃଙ୍ଖଳା ନିତ୍ୟାନ୍ତ ଆବଶ୍ୟକ ଥିବାବେଳେ ଓଡ଼ିଶା ପୋଲିସର ନିଷ୍ଠାପର ଉଦ୍ୟମ ଯୋଗୁଁ ରାଜ୍ୟରେ ଏକ ଶାନ୍ତିପୂର୍ଣ୍ଣ ଓ ଅନୁକୂଳ ପରିବେଶ ବଜାୟ ରହିଛି। ସେହିପରି ସ୍ୱାଧୀନତା ସଂଗ୍ରାମ ତଥା ଗଡ଼ଜାତ ମିଶ୍ରଣରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ସମେତ ଓଡ଼ିଶାର ବରପୁତ୍ରମାନଙ୍କ ଅବଦାନକୁ ସ୍ମରଣ କରି ଜାତି, ପୃଷ୍ଠା ୨...

୧୮ତମ ନିଯୁକ୍ତି ମେଳା

ରାଜ୍ୟରେ ୨,୦୬୭ ଜଣଙ୍କୁ ମିଳିଲା ସରକାରୀ ନିଯୁକ୍ତି



- ସଶକ୍ତ ହେଉଛି ଓଡ଼ିଶାର ଯୁବପିଢ଼ି
- ୨୦୨୪ ଜୁନ୍ ମାସରୁ ମୋଟ ୪୮,୬୪୨ ଜଣଙ୍କୁ ନିଯୁକ୍ତି ମିଳିସାରିଛି
- ରାଜ୍ୟରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ସଂଖ୍ୟା ୬୯କୁ ବୃଦ୍ଧି କରାଯାଇଛି
- ଛାତ୍ରଛାତ୍ରୀଙ୍କ ପାଇଁ 'ବିଦେଶ ଶିକ୍ଷାବୃତ୍ତି ଯୋଜନା' ମଧ୍ୟ ଆରମ୍ଭ

ଭୁବନେଶ୍ୱର ୦୧/୧୧ : ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ଅଡିଟୋରିୟମରେ ଏକ ପ୍ରେରଣାଦାୟୀ ଏବଂ ଗର୍ବର ପରିବେଶ ଦେଖିବାକୁ ମିଳିଥିଲା। ରାଜ୍ୟର ଯୁବପିଢ଼ିଙ୍କୁ ଦକ୍ଷତା ବିକାଶ ଓ ନିଯୁକ୍ତି ମାଧ୍ୟମରେ ସଶକ୍ତ କରିବା ଲକ୍ଷ୍ୟରେ ଅନୁଷ୍ଠିତ ହୋଇଥିଲା ୧୮ତମ ନିଯୁକ୍ତି ମେଳା। ସୂଚନାଯୋଗ୍ୟ ଯେ ରାଜ୍ୟର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନ ବିଦ୍ୟାଳୟ ଗୁଡ଼ିକରେ ୨୦୬୭ ଜଣ ସେବକ-ସେବିକା ଓ ଜନଜାତି ଭାଷା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର କ୍ଷମତାକୁ ଆସିବା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଖାଲିଥିବା ସରକାରୀ ପଦପଦବୀ ଗୁଡ଼ିକୁ ପର୍ଯ୍ୟାୟକ୍ରମେ ପୂରଣ କରୁଛନ୍ତି। ୨୦୨୪ ଜୁନ୍ ମାସରୁ ଆରମ୍ଭ ହୋଇଥିବା ଏହି ନିଯୁକ୍ତି ପ୍ରକ୍ରିୟାରେ ଆଜିର ୧୮ତମ ନିଯୁକ୍ତି ମେଳାର ୨,୦୬୭ ଜଣଙ୍କୁ ମିଶାଇ ସମୁଦାୟ ୪୮,୬୪୨ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଆଜିର ମେଳାରେ ୧,୯୧୩ ଜଣ ସେବକ-ସେବିକା ଏବଂ ୧୫୪ ଜଣ ଜନଜାତି ଭାଷା ଶିକ୍ଷକ-ଶିକ୍ଷୟତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ଶିକ୍ଷକ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇ ଆଜି ସୁଦ୍ଧା ୨୮, ୬୯୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ, ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୪୦ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ହୋଇଥିବାରୁ, ସେମାନଙ୍କ ଶିକ୍ଷାଗତ ମାନବୃଦ୍ଧି ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି। ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଓଡ଼ିଶାରେ ସାନ୍ତାଳୀ ସମେତ ୧୦ଟି ଆଦିବାସୀ ଭାଷାରେ ବିଦ୍ୟାଳୟ ସ୍ତରରେ ଶିକ୍ଷାଦାନ କରାଯାଉଛି। ଏହାବ୍ୟତୀତ ଡ୍ରପ୍-ଆଉଟ୍ ହାର ରୋକିବା ପାଇଁ 'ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା' ମାଧ୍ୟମରେ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ରାଜ୍ୟରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ସଂଖ୍ୟା ୬୯କୁ ବୃଦ୍ଧି କରାଯାଇଥିବାବେଳେ ବର୍ଷକୁ ୫୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ 'ବିଦେଶ ଶିକ୍ଷାବୃତ୍ତି ଯୋଜନା' ମଧ୍ୟ ଆରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଶିକ୍ଷକମାନଙ୍କୁ ଜଣେ ଶିକ୍ଷକ ଭାବେ ପରାମର୍ଶ ଦେଇ କହିଥିଲେ ଯେ, ବିଦ୍ୟାଳୟରେ ପିଲାମାନଙ୍କ ମନରେ ସୁରକ୍ଷା ଓ ଆତ୍ମବିଶ୍ୱାସର ଭାବ ଜାଗ୍ରତ କରନ୍ତୁ ଏବଂ କଠିନ ନହୋଇ ଜଣେ ଆଦର୍ଶ ବନ୍ଧୁ ହୁଅନ୍ତୁ। ସେମାନଙ୍କର ମାର୍ଗଦର୍ଶନ କରନ୍ତୁ। କାର୍ଯ୍ୟକ୍ଷେତ୍ରର ବିଭିନ୍ନ ଆହ୍ୱାନକୁ ଧୈର୍ଯ୍ୟ, ନିଷ୍ଠା ଓ ସକାରାତ୍ମକ ମନୋଭାବ ସହ ସମାଧାନ କରନ୍ତୁ। 'କର୍ମ ହିଁ ଭଗବାନ' ନୀତିକୁ ଆପଣାଇ ନିୟମିତତା ବଜାୟ ରଖନ୍ତୁ। ପୃଷ୍ଠା ୨...

ବାତ୍ୟା 'ଅର୍ଣ୍ଣବ' ପରେ ବନ୍ୟା ବିପନ୍ନଙ୍କ ପାଇଁ ବଡ଼ ପ୍ୟାକେଜ୍



ଭୁବନେଶ୍ୱର୦୧/୧୧ : ଦକ୍ଷିଣ ଓଡ଼ିଶାରେ ବାତ୍ୟା 'ଅର୍ଣ୍ଣବ' ଏବଂ ଏହାର ପ୍ରଭାବରେ ସୃଷ୍ଟି ହୋଇଥିବା ବନ୍ୟା ଯୋଗୁଁ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ଜନଜୀବନକୁ

୫୦ କେଜି ଚାଉଳ ସହ ୨୫୦୦ ଟଙ୍କା ସହାୟତା ଘୋଷଣା : ମୁଖ୍ୟମନ୍ତ୍ରୀ

ସୁଧାରିବା ପାଇଁ ରାଜ୍ୟ ସରକାର ଏକ ବୃହତ ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି। ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାରକୁ ୫୦ କେଜି ଚାଉଳ ସହ ୨୫୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ।ସରକାରଙ୍କ ଘୋଷଣା ଅନୁଯାୟୀ, ଯେଉଁ ପରିବାରମାନଙ୍କର ଘର ଭିତରେ ବନ୍ୟା ପାଣି ପଶି ସବୁକିଛି ନଷ୍ଟ ହୋଇଯାଇଛି, ସେମାନଙ୍କୁ ପୋଷାକ କିଣିବା ପାଇଁ ଆର୍ଥିକ ସହାୟତା ମିଳିବା ସହ ବାସନକୁସନ ବାବଦକୁ ଅତିରିକ୍ତ ୨୫୦୦ ଟଙ୍କା ଯୋଗାଇ ଦିଆଯିବ। ପୃଷ୍ଠା ୨...

ଗଞ୍ଜାମ ବନ୍ୟାଞ୍ଚଳରେ ମନମୋହନ ସାମଲ

ଭୁବନେଶ୍ୱର / ଛତ୍ରପୁର୦୧/୧୧ : ବାତ୍ୟା ପରବର୍ତ୍ତୀ ଅବିଶ୍ରାନ୍ତ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି ଭାରତୀୟ ଜନତା ପାର୍ଟି ଓଡ଼ିଶା ରାଜ୍ୟ ସଭାପତି ମନମୋହନ ସାମଲ। ରବିବାର ସେ ଛତ୍ରପୁର ଓ ଗଞ୍ଜାମ ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି ।ଅବିଶ୍ରାନ୍ତ ବର୍ଷା ଯୋଗୁଁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତିସୃଷ୍ଟି ହେବା ସହ ଅନେକ ସ୍ଥାନରେ ଘାଇ ସୃଷ୍ଟି ହୋଇଛି । ଫଳରେ ବହୁ ଅଞ୍ଚଳ ଜଳମଗ୍ନ ହେବା ସହ ବ୍ୟାପକ ଫସଲ କ୍ଷୟକ୍ଷତି ହୋଇଛି । ଏହି ପରିପ୍ରେକ୍ଷୀରେ ଶ୍ରୀ ସାମଲ ବରପଲ୍ଲୀ, ଭୁଆଁଭୂଇଁ, ପୋଟଲାମପୁର, ଗଙ ଗାପୁର ସମେତ ବିଭିନ୍ନ ଗ୍ରାମ ପରିଦର୍ଶନ କରି ସ୍ଥାନୀୟ ଚାଷୀ ଓ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ ।ବନ୍ୟା ପ୍ରଭାବିତ ଲୋକଙ୍କ ନିକଟରେ ରିଲିଫ୍ ସାମଗ୍ରୀ ପହଞ୍ଚିଛି କି ନାହିଁ, ରନ୍ଧା ଖାଦ୍ୟ ବଣ୍ଟନର ବ୍ୟବସ୍ଥା କିପରି ଚାଲିଛି ପୃଷ୍ଠା ୨...


- ତୁରନ୍ତ ଥଇଥାନ ଓ ସହାୟତା ଉପରେ ଗୁରୁତ୍ୱ
- ଚାଷୀ ଓ ଜନସାଧାରଣଙ୍କ ବୁଝିଲେ ସମସ୍ୟା



ବନ୍ୟା ପରିଚାଳନା ଭିତ୍ତିଭୂମି ସମୀକ୍ଷା କଲେ ଶୁଭା ଶର୍ମା

ଭୁବନେଶ୍ୱର ୦୧/୧୧ ; ଗଞ୍ଜାମ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ଜଳ ନିଷ୍କାସନ ବ୍ୟବସ୍ଥା ଓ ବନ୍ୟା ପରିଚାଳନା ଭିତ୍ତିଭୂମିର ସ୍ଥିତି ସମୀକ୍ଷା ଜାରି ରଖିଥିଲେ। ଏହି ଅବସରରେ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଜଳ ନିଷ୍କାସନ ସ୍ଥାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ ।ଏହି ଗସ୍ତ ଅବସରରେ ଗୋପାଳପୁର ଜାତୀୟ ରାଜପଥ ସେତୁ ନିକଟସ୍ଥ ବାହାନା ନାଳ, ମାର୍କଣ୍ଡିଠାରେ ବାହାନା ନାଳର ମୁହାଣ ଏବଂ ହରିପୁରଠାରେ ବାହାଡ଼ା ନାଳର ମୁହାଣ ପରିଦର୍ଶନ କରାଯାଇଥିଲା। ବାତ୍ୟା ପରବର୍ତ୍ତୀ ସ୍ଥିତିରେ ନାଳଗୁଡ଼ିକର ଅବସ୍ଥା ଏବଂ ଜଳ ନିଷ୍କାସନ ମୁହାଣଗୁଡ଼ିକର ସ୍ଥିତି ଅନୁଧ୍ୟାନ ଉପରେ ଗୁରୁତ୍ୱ ଦିଆଯାଇଥିଲା ।ଏହି ପରିଦର୍ଶନ ସମୟରେ ସର୍ବୋଚ୍ଚ ଯନ୍ତ୍ରୀ, ଜଳ ସମ୍ପଦ, ମୁଖ୍ୟ ଯନ୍ତ୍ରୀ, ପୃଷ୍ଠା ୨...

'ମୁରାସୁ' ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି



ଭୁବନେଶ୍ୱର ୦୧/୧୧ : ସମ୍ଭାବ୍ୟ ବାତ୍ୟା 'ମୁରାସୁ'ର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ଓ ସତର୍କତା ଅବଲମ୍ବନ କରିବାକୁ ମନ୍ତ୍ରୀ ଶ୍ରୀ ନାଏକ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ପ୍ରଭାବିତ ହେବାର ସମ୍ଭାବନା ଥିବା ଅଞ୍ଚଳଗୁଡ଼ିକରେ ପାନୀୟ ଜଳ ଯୋଗାଣ, ଆବଶ୍ୟକୀୟ ସାମଗ୍ରୀ ଓ ଜରୁରୀକାଳୀନ ସେବାର ଉପଲବ୍ଧତା ସୁନିଶ୍ଚିତ କରିବା ସହ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ବ୍ୟବସ୍ଥା ପୂର୍ବରୁ ପ୍ରସ୍ତୁତ ରଖିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏଥିସହ କ୍ଷତିଗ୍ରସ୍ତ ପାନୀୟ ଜଳ ପ୍ରକଳ୍ପ, ରାସ୍ତାଘାଟ ଓ ଅନ୍ୟାନ୍ୟ ଗ୍ରାମ୍ୟ ଭିତ୍ତିଭୂମିର ପୁନରୁଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ସହ ଆବଶ୍ୟକ ସ୍ଥଳେ ଅଧିକ ଲୋକବଳ ଓ ସାଧନ ନିୟୋଜିତ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ପ୍ରଭାବିତ ଲୋକଙ୍କୁ ରିଲିଫ୍ ଓ ଆବଶ୍ୟକ ସହାୟତା ଯେପରି ଠିକ୍ ସମୟରେ ପହଞ୍ଚିବ, ସେଥିପାଇଁ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ କହିଥିଲେ। ପୃଷ୍ଠା ୨...

ଗଣତନ୍ତ୍ରକୁ ଦୁର୍ବଳ କରିବାକୁ କଂଗ୍ରେସର ବିଦେଶୀ ଷଡ଼ଯନ୍ତ୍ର : ଅନୀଲ ବିଶ୍ୱାଳ



ଭୁବନେଶ୍ୱର, .୦୧/୧୧: ଦେଶରେ ଅରାଜକତା ସୃଷ୍ଟି କରିବା ପାଇଁ କଂଗ୍ରେସ ଦଳ ଏବଂ 'ଇଣ୍ଡି'ଗଠବନ୍ଧନ କ୍ରମାଗତ ଭାବେ ଷଡ଼ଯନ୍ତ୍ର ଚଳାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ରାଜ୍ୟ ବିଜେପି ମୁଖପାତ୍ର ଅନୀଲ ବିଶ୍ୱାଳ। ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ପୃଷ୍ଠା ୨...

ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜାରେ ଶ୍ରଦ୍ଧାଳୁଙ୍କ ଜନସମୁଦ୍ର

ଶୃଙ୍ଖଳା ଓ ଭାଇଚାରାର ଅନନ୍ୟ ନିଦର୍ଶନ ଗଜଲକ୍ଷ୍ମୀ ପୂଜା : ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର





ଢେଙ୍କାନାଳ ୧/୧୧ (ବିଜ୍ଞାନ ମହାନ୍ତି) : ବିଶ୍ୱପ୍ରସିଦ୍ଧ ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜାରେ ଉତ୍ସବମୁଖର ହୋଇଉଠିଛି ସମଗ୍ର ସହର। ମା' ଗଜଲକ୍ଷ୍ମୀଙ୍କ ଦର୍ଶନ, ଆକର୍ଷଣୀୟ ତୋରଣ ଓ ରଙ୍ଗିନ ଆଲୋକମାଳା ଦେଖିବା ପାଇଁ ରବିବାର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଦିନବେଳା ସାମାନ୍ୟ ବର୍ଷା ସତ୍ତ୍ୱେ ସନ୍ଧ୍ୟାରେ ବିଭିନ୍ନ ପୂଜାମଣ୍ଡପରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ଚଳିତ ବର୍ଷ ସହରର ୪୧ଟି ପୂଜାମଣ୍ଡପ ପରିଦର୍ଶନ କରି ମା' ଗଜଲକ୍ଷ୍ମୀଙ୍କ ଦର୍ଶନ କରିଥିଲେ। ଗଣେଶ ବଜାର, ମହାବୀର ବଜାର, ଲକ୍ଷ୍ମୀ ବଜାର, କାଞ୍ଚନ ବଜାର, ମିନା ବଜାର, ଆନନ୍ଦ ବଜାର, ବାଜିଚୌକ, ବସ୍‌ଷ୍ଟାଣ୍ଡ, ଅମଲାପଡ଼ା, ଚନ୍ଦନ ବଜାର, କାରିଗର ବଜାର, ପଦ୍ମ ବଜାର, ଗୋପବନ୍ଧୁ ବଜାର ଓ ଷ୍ଟେସନ ବଜାର ସମେତ ବିଭିନ୍ନ ମଣ୍ଡପରେ ପହଞ୍ଚି ସେ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ ।ଶୃଙ୍ଖଳା ଓ ଭାଇଚାରାର ପର୍ବ ଗଜଲକ୍ଷ୍ମୀ ପୂଜାଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ଯେ, ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ; ଏହା ଶୃଙ୍ଖଳା, ସାମାଜିକ ସଦ୍‌ଭାବ ଓ ଭାଇଚାରାର ଏକ ଅନନ୍ୟ ପରିଚୟ। ପୃଷ୍ଠା ୨...

- ବିଭିନ୍ନ ମଣ୍ଡପ ବୁଲି ମା'ଙ୍କ ଦର୍ଶନ କଲେ ମନ୍ତ୍ରୀ
- ପ୍ରତି ମଣ୍ଡପକୁ ରାଜ୍ୟ ସରକାରଙ୍କ ୫୦ ହଜାର ଟଙ୍କା ସହାୟତା
- ୪୧ଟି ମଣ୍ଡପରେ ଚାଲିଛି ମା'ଙ୍କ ଆରାଧନା
- ରବିବାର ଛୁଟିଦିନରେ ଚଳଚଞ୍ଚଳ ଢେଙ୍କାନାଳ
- ଆକର୍ଷଣୀୟ ତୋରଣ ଓ ଆଲୋକମାଳା ଦର୍ଶକଙ୍କୁ ବେଶ ଆକୃଷ୍ଟ କରୁଛି



ଅକ୍ଷର
AKHYARA ODISHA ଓଡ଼ିଶା

ବ୍ୟଙ୍ଗ ବିଚାର

ଡ.ଗିରୀଶ ରଂଜନ

ବାତ୍ୟାପରେ ଦେଖ ବାତ୍ୟା ଆସୁଛି
ଓଡ଼ିଶାକୁ ଖାଲି ମାଡ଼ି
ଟିଭି ଖୋଲିଲେ ପବନ ବୋହୁଛି
ମାରୁଛିତ ଘଡ଼ ଘଡ଼ି
ସାମ୍ବାଦିକ ତଳେ ପଡ଼ି
ଏମିତି ବାତ୍ୟାର ରିପୋର୍ଟିଂ କରେ
ସତେ ବୁମ ଯାଉଛି ଉଡ଼ି



ପ୍ରଥମ ପୃଷ୍ଠାର ଅବଶିଷ୍ଟାଶ.....

୧୮ତମ ନିଯୁକ୍ତି ମେଳା ....

ମଧ୍ୟାହ୍ନ ଭୋଜନ ଭଳି ଯୋଜନାରେ କୌଣସିପ୍ରକାର ଅନିୟମିତତାକୁ ବରଦାସ୍ତ କରାଯିବ ନାହିଁ ତେଣୁ ତା ପ୍ରତି ସଚେତନ ରୁହନ୍ତୁ। ଶିକ୍ଷକତା ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଥିବା ମଦ୍ୟପାନ କିମ୍ବା ଶିକ୍ଷାର୍ଥୀଙ୍କ ପ୍ରତି ଅମାନବିକ ଦଣ୍ଡବିଧାନ ଭଳି ବିଶୃଙ୍ଖଳିତ ଆଚରଣରୁ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତୁ। ଆଦର୍ଶ ଆଚରଣ ଶିକ୍ଷକ ମାନଙ୍କ ପାଇଁ ଅଧିକ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାସହ, ଦକ୍ଷିଣ ଓଡ଼ିଶାର ବନ୍ୟା ପ୍ରଭାବିତ ଅଞ୍ଚଳରେ ନିଯୁକ୍ତି ପାଇଥିବା ସେବକ/ସେବିକା ମାନଙ୍କୁ ବନ୍ୟା ଘେରରେ ଥିବା ଲୋକଙ୍କୁ ସହାୟତାର ହାତ ବଢ଼ାଇବାକୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ନିଯୁକ୍ତି ମେଳା କେବେ ହେବ ବୋଲି ଆପଣମାନଙ୍କ ମନରେ ଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଆଜି ଅନ୍ତ ଘଟିଛି । ଶିକ୍ଷକତା କେବଳ ଏକ ଚାକିରି ନୁହେଁ, ବରଂ ଏହା ଏକ ମହାନ ସେବା ଏବଂ ଆପଣମାନେ ହେଉଛନ୍ତି ରାଷ୍ଟ୍ର ନିର୍ମାତା, ଯାହାଙ୍କ ପାଇଁ ଆମ ଦେଶ ଗର୍ବିତ। ଯେତେବେଳେ ବିଦ୍ୟାଳୟଗୁଡ଼ିକ ଉତ୍ତମ ମଣିଷ ଗଢ଼ିବାର ଗୋଟିଏ ଗୋଟିଏ କାରଖାନା ପାଲଟିବେ, ସେତେବେଳେ ହିଁ 'ବିକଶିତ ଭାରତ' ଏବଂ 'ସମୃଦ୍ଧ ଓଡ଼ିଶା'ର ସ୍ୱପ୍ନ ସାକାର ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମସ୍ତ ନବନିଯୁକ୍ତଙ୍କ ନୂତନ ବୃତ୍ତିଗତ ଜୀବନର ଶୁଭକାମନା ଜଣାଇବା ସହ ଆଗାମୀ ଯୁବପିଢ଼ିର ଭବିଷ୍ୟତ ଗଢ଼ିବାର ସମ୍ପୂର୍ଣ୍ଣ ଦାୟିତ୍ୱ ଏବେ ଆପଣମାନଙ୍କ କାନ୍ଧରେ ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସେ ରାମକୃଷ୍ଣ ପରମହଂସ-ସ୍ୱାମୀ ବିବେକାନନ୍ଦ ହୁଅନ୍ତୁ କିମ୍ବା ଛତ୍ରପତି ଶିବାଜୀ, ଜଣେ ଉତ୍ତମ ଗୁରୁଙ୍କ ମାର୍ଗଦର୍ଶନ ବିନା କେହି ହେଲେ ସଫଳତା ପାଇନାହାନ୍ତି। ତେଣୁ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ସମୟରେ ଅତ୍ୟନ୍ତ ସଚେତନ ଓ ଯତ୍ନବାନ୍ ହେବାକୁ ସେ ନବନିଯୁକ୍ତ ଶିକ୍ଷକ ଓ ସେବକ ସେବିକା ମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଖୋର୍ଦ୍ଧାରୁ ଆସିଥିବା ସୁଶ୍ରୀ ସୁଲଗ୍ନା ଦାସ, କେନ୍ଦୁଝରର ବିଜୟ କୁମାର ନାୟକ ନୂତନ ନିଯୁକ୍ତି ପାଇ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ନିଜର ଅଭିଜ୍ଞତା ପ୍ରଦାନ କରିଥିଲେ।

୫୦ କେଜି ଚାଉଳ ସହ ....

ଏହାସହିତ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ପକ୍କା ଓ କଚ୍ଚା ଘରଗୁଡ଼ିକର ପୁନଃନିର୍ମାଣ ପାଇଁ ମଧ୍ୟ ସହାୟତା ରାଶି ଘୋଷଣା କରାଯାଇଛି। ସମତଳ ଅଞ୍ଚଳରେ ଘର ଭାଙ୍ଗିଥିବା ଲୋକଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଏବଂ ପାର୍ବତ୍ୟ ଅଞ୍ଚଳରେ ଘର ଭାଙ୍ଗିଥିଲେ ୧ ଲକ୍ଷ ୩୦ ହଜାର ଟଙ୍କା ସହାୟତା ମିଳିବ ।କେବଳ ଘରଦ୍ୱାର ନୁହେଁ, ବନ୍ୟାରେ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର କ୍ଷତିପୂରଣ ବ୍ୟବସ୍ଥା କରାଯାଇଛି। ଅଣଜଳସେଚିତ ଜମିରେ ଫସଲ ନଷ୍ଟ ହୋଇଥିଲେ ହେକ୍ଟର ପିଛା ୧୮ ହଜାର ଟଙ୍କା ଏବଂ ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୭ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ବାରମାସୀ ଫସଲ ନଷ୍ଟ ହୋଇଥିଲେ ହେକ୍ଟର ପିଛା ୨୨ ହଜାର ୫୦୦ ଟଙ୍କା ଏବଂ ବନ୍ୟାଜଳରେ ଚାଷଜମିରେ ଜମିଥିବା ପଟୁ ମାଟି ହଟାଇବା ପାଇଁ ହେକ୍ଟର ପିଛା ୧୮ ହଜାର ଟଙ୍କା ସହାୟତା ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି ।ବର୍ତ୍ତମାନ ସୁଦ୍ଧା ବନ୍ୟା ଯୋଗୁ ହୋଇଥିବା ସମସ୍ତ କ୍ଷୟକ୍ଷତିର ଚୂଡ଼ାନ୍ତ ଆକଳନ ସମ୍ଭବ ହୋଇନାହିଁ। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ପୂର୍ଣ୍ଣାଙ୍ଗ ରିପୋର୍ଟ ହସ୍ତଗତ ହେବା ପରେ ଆବଶ୍ୟକସ୍ଥଳେ ସହାୟତା ରାଶିର ପରିମାଣ ଆହୁରି ବୃଦ୍ଧି କରାଯାଇପାରେ। ସରକାରଙ୍କ ଏହି ସମୟୋଚିତ ପଦକ୍ଷେପ ଦ୍ୱାରା ବନ୍ୟାରେ ସର୍ବସ୍ୱ ହରାଇଥିବା ପ୍ରଭାବିତ ପରିବାର ଏବଂ ଚାଷୀ ଭାଇମାନେ ବେଶ୍ ଆଶ୍ୱସ୍ତି ପାଇବେ ବୋଲି ଆଶା କରାଯାଉଛି।

ଗଞ୍ଜାମ ବନ୍ୟାଞ୍ଚଳରେ...

ଏବଂ ସରକାରଙ୍କ ପକ୍ଷରୁ ମିଳୁଥିବା ସହାୟତା ଲୋକଙ୍କ ନିକଟରେ ଠିକ୍ ଭାବେ ପହଞ୍ଚୁଛି କି ନାହିଁ, ସେ ସମ୍ପର୍କରେ ସାମଲ ପଚାରି ବୁଝିଥିଲେ ।ଏହା ସହିତ ଚାଷୀମାନଙ୍କ ଫସଲ କ୍ଷୟକ୍ଷତି, କୃଷି ଋଣ ଛାଡ଼, ଘାଇ ମରାମତି, ଜଳନିଷ୍କାସନ ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । ଆଗାମୀ ଦିନରେ ଏଭଳି ପରିସ୍ଥିତିର ପୁନରାବୃତ୍ତି ରୋକିବା ସହ ଲୋକଙ୍କ ଜୀବନଯାପନକୁ ସ୍ୱାଭାବିକ କରିବା ଉପରେ ଶ୍ରୀ ସାମଲ ଗୁରୁତ୍ୱ ଦେଇଥିଲେ ।ଏଥିସହ ବନ୍ୟା ପରବର୍ତ୍ତୀ ଥଇଥାନ ଓ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କିଭଳି ସର୍ବବ୍ୟାପି ହୋଇପାରିବ, ଏଥି ନିମନ୍ତେ ସ୍ଥାନୀୟ ବିଡିଓ, ସରପଞ୍ଚ, ଜିଲ୍ଲା ପରିଷଦ ସଦସ୍ୟ ଓ ସମିତି ସଭ୍ୟମାନଙ୍କ ସହ ଆଲୋଚନା କରିଥିଲେ । ବନ୍ୟା ପ୍ରଭାବିତ ଅଞ୍ଚଳରେ ଲଗାତାର ରିଲିଫ୍ ସାମଗ୍ରୀ ଓ ରନ୍ଧା ଖାଦ୍ୟ ବଣ୍ଟନ ଜାରି ରଖିବା ସହ ପ୍ରଭାବିତ ପରିବାରଗୁଡ଼ିକୁ ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇଦେବା ଉପରେ ରାଜ୍ୟ ସଭାପତି ଶ୍ରୀ ସାମଲ ଗୁରୁତ୍ୱାରୋପ କରିଥିଲେ । ଜନସାଧାରଣଙ୍କ ସମସ୍ୟାର ସମାଧାନ ଓ ବନ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାଭାବିକ ଜୀବନଯାପନ ଫେରାଇ ଆଣିବା ପାଇଁ ସମସ୍ତ ପ୍ରକାର ଆବଶ୍ୟକୀୟ ପଦକ୍ଷେପ ନେବା ଉପରେ ଏହି ଗସ୍ତରେ ଶ୍ରୀ ସାମଲ ଆଲୋକପାତ କରିଥିଲେ ।ଏହି ଗସ୍ତ ଅବସରରେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ସମ୍ପାଦକ ସରୋଜ କର,ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମଚରଣ ସାହୁ, ଜିଲ୍ଲା ସମ୍ପାଦକ ଦୁର୍ଯ୍ୟୋଧନ ରେଡ୍ଡୀ ପ୍ରମୁଖଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ଶାନ୍ତି ଓ ସୁରକ୍ଷାର ...

ଧର୍ମ, ବର୍ଣ୍ଣ କିମ୍ବା ଭାଷାର ସୀମା ବାହାରେ ସମସ୍ତେ ପ୍ରଥମେ ଭାରତୀୟ ଓ ଓଡ଼ିଆ ହୋଇ ଏକ 'ସମୃଦ୍ଧ ଓ ବିକଶିତ ଓଡ଼ିଶା' ଗଠନ ପାଇଁ ସଙ୍କଳ୍ପ ନେବାକୁ ସେ ଆହ୍ୱାନ ଜଣାଇଛନ୍ତି ।ଏହି ଅବସରରେ ଗୁଜରାଟର ଏକ୍ତା ନଗର ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ଆୟୋଜିତ ଜାତୀୟ ରାଷ୍ଟ୍ରୀୟ ଏକତା ଦିବସ ପରେଡ୍ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଏହି ସମାରୋହରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୁଇନ୍ଦା ନିର୍ଦ୍ଦେଶକ ଶ୍ରୀ ଆଁ.ପି. କୋଚେଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, କର୍ମଚାରୀ ବୃନ୍ଦ ଏବଂ ଅନ୍ୟାନ୍ୟ ଅତିଥିବୃନ୍ଦ ଅଂଶଗ୍ରହଣ କରିଥିଲେ।

'ମୁରାସୁ' ମୁକାବିଲା ....

କ୍ଷେତ୍ରସ୍ତରରେ ରହିଥିବା ବାସ୍ତବ ସମସ୍ୟାକୁ ଗୁରୁତ୍ୱ ଦେଇ ସମସ୍ତ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରିତ ଭାବେ ସମ୍ପନ୍ନ କରିବା ଏବଂ ଅଧିକାରୀମାନେ ନିୟମିତ ଭାବେ କାର୍ଯ୍ୟର ଅଗ୍ରଗତି ତଦାରଖ କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ଗଣତନ୍ତ୍ରକୁ ଦୁର୍ବଳ କରିବାକୁ ...

ପ୍ରେସ୍ ବାର୍ତ୍ତାରେ ସେ କହିଛନ୍ତି ଯେ ନିର୍ବାଚନରେ ପରାଜୟ ସ୍ୱୀକାର କରିବା ବଦଳରେ କଂଗ୍ରେସ ବାରମ୍ବାର ନିର୍ବାଚନ ଆୟୋଗ, ସୁପ୍ରିମକୋର୍ଟ ଏବଂ ଭାରତୀୟ ସେନା ଭଳି ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରି ଦେଶର ଗଣତନ୍ତ୍ରକୁ ଦୁର୍ବଳ କରିବାକୁ ଚାହୁଁଛି ।ଶ୍ରୀ ବିଶ୍ୱାଳ ଅନ୍ତର୍ଜାତୀୟ ଗଣମାଧ୍ୟମ 'ଫକ୍ସ ନ୍ୟୁଜ୍'ର ରିପୋର୍ଟକୁ ଉଦ୍ଧାର କରି ଅଭିଯୋଗ କରିଛନ୍ତି ଯେ, ପ୍ୟାରିସ୍, ସ୍ୱେନ୍ ଓ ବାଂଲାଦେଶ ଭଳି ଦେଶରେ ଦଙ୍ଗା ସୃଷ୍ଟି କରିଥିବା କିଛି ବାମପନ୍ଥୀ ସଂଗଠନ ସହ କଂଗ୍ରେସର ଶୀର୍ଷ ନେତୃତ୍ୱଙ୍କ ଯୋଗାଯୋଗ ରହିଛି । ଭାରତରେ ମଧ୍ୟ ସେହିଭଳି ହିଂସା ଓ ଅସ୍ଥିରତା ଘଟାଇବା ପାଇଁ ଦଳ ପକ୍ଷରୁ ବାରମ୍ବାର ପ୍ରୟାସ କରାଯାଉଛି। କିନ୍ତୁ ଦେଶର ଯୁବପିଢ଼ି ଏହି ଦୋମୁହାଁ ନୀତିକୁ ବୁଝିସାରିଥିବାରୁ ସେମାନଙ୍କର ଏପରି ଉଦ୍ୟମ ବିଫଳ ହୋଇଛି। ୧୯୮୯ ମସିହାରେ ରାଜୀବ ଗାନ୍ଧୀଙ୍କ ପରାଜୟ ପରେ ବାଲାଟ୍ ବନ୍ଦ କରି ଇଭିଏମ୍ ଆଣିବାକୁ ଦାବି କରୁଥିବା କଂଗ୍ରେସ ଆଜି ଠିକ୍ ଓଲଟା କଥା କହୁଛି। କିନ୍ତୁ ବାଲାଟ୍ ପେପରରେ ହୋଇଥିବା ନିକଟସ୍ଥ କିଛି ନିର୍ବାଚନରେ ଦଳ ଶୂନ ପାଇଛି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।ପୂର୍ବରୁ କଂଗ୍ରେସ ସରକାର ସମୟରେ ଆଇନମନ୍ତ୍ରୀ ଥିବା କପିଲ ସିବଲ 'ଆନ୍ଦୋଳନ କରିବା ମୌଳିକ ଅଧିକାର ନୁହେଁ' ବୋଲି କହୁଥିବାବେଳେ, ବର୍ତ୍ତମାନ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନକୁ ନେଇ କଂଗ୍ରେସର ବିରୋଧ ତାଙ୍କର ଦୋହରା ଚରିତ୍ରକୁ ପଦାରେ ପକାଇଛି ।କେରଳ ଓ କର୍ଣ୍ଣାଟକର ନେତାମାନେ ଏସ୍.ଆଇ.ଆର୍. ଦ୍ୱାରା ନକଲି ଏବଂ ମୃତ ଭୋଟର ବାଦ୍ ପଡ଼ିଥିବା ସ୍ୱୀକାର କରିଥିବାବେଳେ କଂଗ୍ରେସ ଏହାକୁ ବିରୋଧ କରିବା ଅନୁଚିତ୍ ବୋଲି ସେ ମତ ଦେଇଛନ୍ତି। ଶେଷରେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, 'ମ୍ୟାଚ୍ ହାରିଲେ ଅମ୍ପାୟାରଙ୍କୁ ଦୋଷ ଦେବା' ଭଳି ମାନସିକତା କଂଗ୍ରେସ ଆପଣାଇଛି। ଦେଶର ସଚେତନ ନାଗରିକମାନେ କଂଗ୍ରେସର ଏହି ଷଡ଼ଯନ୍ତ୍ରକୁ ଭଲ ଭାବେ ବୁଝିସାରିଛନ୍ତି ଏବଂ ଗଣତନ୍ତ୍ରକୁ ଦୁର୍ବଳ କରିବାର କୌଣସି ଅପଚେଷ୍ଟାକୁ ଦେଶବାସୀ ସଫଳ ହେବାକୁ ଦେବେ ନାହିଁ।ଗଣତନ୍ତ୍ରରେ ଆନ୍ଦୋଳନ କରିବା ପାଇଁ ମନା ନାହିଁ। କିନ୍ତୁ ଯେଉଁ ପ୍ରସଙ୍ଗକୁ ସେମାନେ ଆଣୁଛନ୍ତି ଏବଂ ଯେଉଁ ଢଙ୍ଗରେ ଆନ୍ଦୋଳନ କରୁଛନ୍ତି ତାହା ଦେଶର ଶାନ୍ତି ଓ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିଛି।

ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜାରେ ....

ଏହି ମହୋତ୍ସବ ଢେଙ୍କାନାଳର ସାଂସ୍କୃତିକ ଗୌରବକୁ ଦେଶବିଦେଶରେ ପରିଚିତ କରାଇଛି ।ଗଜଲକ୍ଷ୍ମୀ ପୂଜାକୁ ଅଧିକ ଆକର୍ଷଣୀୟ ଓ ସୁବ୍ୟବସ୍ଥିତ କରିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ପୂଜାମଣ୍ଡପକୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯାଇଥିବା ସେ ସୂଚନା ଦେଇଥିଲେ। ଏଥିସହ ମା' ଗଜଲକ୍ଷ୍ମୀଙ୍କ ନିକଟରେ ଢେଙ୍କାନାଳବାସୀଙ୍କ ସମେତ ସମଗ୍ର ବିଶ୍ୱବାସୀଙ୍କ ସୁଖ, ସମୃଦ୍ଧି ଓ ନିରାମୟ ଜୀବନ କାମନା କରିଥିଲେ ।ଆଗାମୀ ଦିନରେ ଏହି ମହୋତ୍ସବକୁ ଆହୁରି ଆକର୍ଷଣୀୟ କରିବା ସହ ପୂଜା ପରିଚାଳନାରେ ଅଧିକ ସୁବ୍ୟବସ୍ଥା ଆଣିବା ନେଇ ବିଭିନ୍ନ ବଜାରର ପୂଜା କମିଟି କର୍ମକର୍ତ୍ତାଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ ।ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତମନ୍ତ୍ରୀଙ୍କ ଗସ୍ତ ସମୟରେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ମିଳିତ ବଜାର ପୂଜା କମିଟିର ପୂର୍ବତନ ସଭାପତି ରୁଦ୍ରନାରାୟଣ ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ନବକିଶୋର ଗୁରୁ, ପୂର୍ବତନ ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶବନ୍ତ ମହିମା, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ ଓ ନଗର ମଣ୍ଡଳ ସଭାପତି ବିକାଶ ସାହୁଙ୍କ ସମେତ ଅପର୍ଣ୍ଣା ରଥ, ସନ୍ତୋଷ ବେହେରା, ସୁଚିତ୍ର ବେହେରା, ମନୋଜ ବେହେରା ଏବଂ ବିଜେପିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଦଧୀଚି ଉପନ୍ୟାସ ଏକ ମହାଗାଥା: ଡ. ରବି ପଣ୍ଡା

ନୀଳଗିରି,,୦୧/୧୧- (ଅକ୍ଷର ଓଡିଶା)ସାହିତ୍ୟର ଗୁଣ ହେଲା ଆନନ୍ଦ ପ୍ରଦାନ । ଦ୍ୱନ୍ଦ୍ୱ ନଥିଲେ ସାହିତ୍ୟରେ ଆନନ୍ଦ ନାହିଁ । ରାଷ୍ଟ୍ର କୁଚକ୍ରୀ ଗୋଷ୍ଠୀର ଏକ ସଂଗଠନ । ଦଧୀଚି ଉପନ୍ୟାସ ଏକ ମହାଗାଥା । ମଣିଷ ଆଦିମ କାଳରୁ ଶୋଷଣ କରିଚାଲିଛି । ଉପନ୍ୟାସରେ ଶ୍ରେଣୀ ସଂଘର୍ଷ ଏକ ମୂଳ ଉତ୍ସ । ମନସ୍ତାତ୍ତ୍ୱିକ ବିଶ୍ଳେଷଣରୀତି ଚେତନ ପ୍ରବାହକୁ ଦୃଢ଼ କରିଛି । ତତକାଳୀନ ରାଜନୀତିକ ଦୃଶ୍ୟ ଏଥିରେ ପ୍ରତିଫଳିତ ହୋଇଛି । ଚରିତ୍ରାନୁସାରୀ ଭାଷା ଦଧୀଚିରେ ବିସ୍ମୟ । ସାମାଜିକ ଉପନ୍ୟାସ ଭିତରେ ଚେତନାଧର୍ମୀ, ସୁଦୃଢ଼, ଶୃଙ୍ଖଳାବୋଧ, ଗାମ୍ଭୀର୍ଯ୍ୟ ଅର୍ଥଦ୍ୟୋତନା ମଧ୍ୟରେ ଆତ୍ମପ୍ରକାଶ କରିଛି । କଳ୍ପନା ଭିତରେ ବାସ୍ତବତାର ପ୍ରତିଛବି ପାଠକୀୟତା ସୃଷ୍ଟି କରିଛି । ତାରତମ୍ୟରେ ଭାରସାମ୍ୟ ଉପନ୍ୟାସକୁ ବିସ୍ତୃତ କରିବାରେ ସହାୟ ହୋଇଛି । ଦଧୀଚି ଏକ ଧୁରନ୍ଧର ଉପନ୍ୟାସ । ଚରିତ୍ର ଚିତ୍ରଣରେ ଉଦ୍ଦାତ୍ତ ଶୈଳୀ ଉପନ୍ୟାସକୁ ବଳିଷ୍ଠ କରିଛି । ଏଠାରେ ଆତ୍ମକଥନ ଶୈଳୀର



ଗଠନାତ୍ମକ ଦୃଷ୍ଟିଭଙ୍ଗୀ ଅନନ୍ୟ । ଦଧୀଚି ଉପନ୍ୟାସରେ ଦଶପଲ୍ଲାର କଥା କୁହାଯାଇଛି । ଉପନ୍ୟାସରେ ସଂଘର୍ଷ ନ୍ୟାୟ ପାଇଁ ମୁଣ୍ଡ ଟେକିଛି । ଦଶପଲ୍ଲାର କମନମ୍ୟାନ ଔପନ୍ୟାସିକ ଗିରୀଶ ଚନ୍ଦ୍ର ମିଶ୍ର । ଅସ୍ତି ସ୍ୱାର୍ଥର ନୁହେଁ ନିଃସ୍ୱାର୍ଥର ଏକ ପ୍ରତିବିମ୍ବ । ଜ୍ଞାନୀର ଜ୍ଞାନରୁ ବ୍ରହ୍ମାସ୍ତ୍ର ନିର୍ମାଣ ହୁଏ । ସର୍ବୋପରି ମଣିଷର ସମସ୍ୟା ଉପନ୍ୟାସର କଥାବସ୍ତୁ ବୋଲି ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରର ୧୩ତମ ପାଠଚକ୍ରରେ ଆଧୁନିକ ଉପନ୍ୟାସ ଧାରାରେ ପ୍ରଫେସର ଗିରୀଶ ଚନ୍ଦ୍ର ମିଶ୍ରଙ୍କ ଦଧୀଚି ଉପନ୍ୟାସ ଆଲୋଚନା କାଳରେ ଅତିଥି ପ୍ରଫେସର କବି ସୌଭାଗ୍ୟ କୁମାର ମିଶ୍ର,ଆଲୋଚକ ଓଡିଶାର ବିଶିଷ୍ଟ ଅନୁବାଦକ ଡ. ମିହିର ପଟ୍ଟନାୟକ, ପ୍ରଫେସର ରବିନାରାୟଣ ପଣ୍ଡା ଓ ସାହିତ୍ୟିକ ହାଡିବନ୍ଧୁ ମହାକୁଡ଼ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ସଂପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ସ୍ମିତିପ୍ରଜ୍ଞା ମହାନ୍ତି ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶେଷରେ ଗବେଷିକା ଅର୍ଚ୍ଚନା ମହାପାତ୍ର ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦନ କରିଥିଲେ । ଏହି ପାଠଚକ୍ରରେ ପ୍ରଫେସର ନଟବର ଶତପଥୀ, ପ୍ରଫେସର କାଳିଦାସ ମିଶ୍ର ପ୍ରମୁଖଙ୍କ ସହ ବହୁ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ଗବେଷକ ଗବେଷିକା ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।

ନୀଳମାଧବ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ଅବସର ସମ୍ବର୍ଦ୍ଧନା ଓ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ

କଣ୍ଟିଲୋ ୧।୧୧ (ଅକ୍ଷର ଓଡ଼ିଶା) କଣ୍ଟିଲୋସ୍ଥିତ ନୀଳମାଧବ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ନନ୍ଦିତା ବାରିକ ଅବସର ଗ୍ରହଣ କରିବା ପରିପ୍ରେକ୍ଷୀରେ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଜଣାଯାଇଛି । ଏ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ରହି ଡ.ବାରିକଙ୍କୁ ମାନପତ୍ର,ଉପଢୌକନ ପ୍ରଦାନ କରି ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ବରିଷ୍ଠ ପ୍ରଧ୍ୟାପକ ସୁଜଳ କୁମାର ମହାରଣା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏ ପରିପ୍ରେକ୍ଷୀରେ ନୂତନ ଅଧ୍ୟକ୍ଷଙ୍କୁ ଅନୁଷ୍ଠାନ ପରିସରରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଜଣାପଡିଛି ।

ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ରାସାୟନିକ ବିଜ୍ଞାନ (କେମିଷ୍ଟ୍ରି) ଅଲମ୍ପିଆଡ଼ ପ୍ରତିଯୋଗିତା କାର୍ଯ୍ୟକ୍ରମ



ନୂଆପଡା:-୦୧/୧୧(ଅକ୍ଷର ଓଡିଶା)ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଶା କେମିକାଲ ସୋସାଇଟି, ଓଡ଼ିଶା (ଡଉଝ-ଡଉଓଝଇ) ତାରଫରୁ କେମିଷ୍ଟ୍ରି ଅଲମ୍ପିଆଡ଼ (ଉଷରଙ୍କସ୍ପଶ୍ଚଙ୍କଚ ଡଂକ୍ଷଚଙ୍କକ୍ରସବୟ) ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ଖଡ଼ିଆଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଯୁକ୍ତ ଦୁଇ) ଏବଂ ପରୀକ୍ଷିତ ଟାଇଗର ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁ

ଅକ୍ଷର
AKHYARA ODISHA ଓଡ଼ିଶା

ଡିଜେ ସାଉଣ୍ଡରେ ଦୁଲୁକିଲା ଦୁଇ ଗାଁ
୧୫ଟି ମେଢ଼କୁ ନେଇ ଧୁମ୍‌ଧାମରେ ମା' ଲକ୍ଷ୍ମୀଙ୍କ ଭସାଣି ଉତ୍ସବ



ପରଜଙ୍ଗ, ୧।୧୧ (ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ କନ୍ଦରସିଂହା ଓ ବାରହାପୁର ଗ୍ରାମରେ ରବିବାର ମହାଆଡ଼ମ୍ବର ସହକାରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଡିଜେ ସାଉଣ୍ଡ ର ତାଳେ ତାଳେ ଯୁବପିଢ଼ିଙ୍କ ନାଚଗୀତରେ ଦୁଇ ଗ୍ରାମର ପରିବେଶ ଉତ୍ସବମୁଖର ହୋଇଉଠିଥିଲା । ନୃତ୍ୟ, ସଙ୍ଗୀତ ଓ ଆକର୍ଷଣୀୟ ଆଲୋକସଜ୍ଜା ମଧ୍ୟରେ ମା'ଙ୍କ ମେଢ଼ଗୁଡ଼ିକୁ ଗ୍ରାମ ପରିକ୍ରମା କରାଯାଇଥିଲା ।ବାରିହାପୁର ଗ୍ରାମର ତାରିଣୀ ମନ୍ଦିର ନିକଟରୁ ଭସାଣି ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା । ଏଥିରେ ମୋଟ ୧୦ଟି ମେଢ଼ ସାମିଲ ହୋଇଥିଲେ । ସେଗୁଡ଼ିକ ହେଲା ନବଜ୍ୟୋତି କ୍ଲବ, ନିଯୁ ଗୌରୀ ସଂଘ, ମହାଲକ୍ଷ୍ମୀ ପୂଜା କମିଟି, ପଦ୍ମାଳୟା ପୂଜା କମିଟି, ମହାଜନ ସାହି ପୂଜା କମିଟି, ଜୟ ଶ୍ରୀରାମ ପୂଜା କମିଟି, ୟଙ୍ଗ୍ ଷ୍ଟାର କ୍ଲବ, ପ୍ରେମରତୁ ପୂଜା କମିଟି, କ୍ଲାସିକ୍ ଚେନ୍ ପୂଜା କମିଟି ଓ ୟୁନିକ୍ କ୍ଲବ ।ସେହିପରି କନ୍ଦରସିଂହା ଗ୍ରାମରେ ମଧ୍ୟ ୫ଟି ମେଢ଼ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସେଗୁଡ଼ିକ ହେଲା ପଦ୍ମ ପଦ୍ମାଳୟା ପୂଜା କମିଟି, ଗଜଲକ୍ଷ୍ମୀ ପୂଜା କମିଟି, ବିଶ୍ୱଜନନୀ ପୂଜା କମିଟି, କମଳାଳୟା ପୂଜା କମିଟି ଓ ବିଷ୍ଣୁପ୍ରିୟା ପୂଜା କମିଟି ।ଉଭୟ ଗ୍ରାମର ୧୫ଟି ପୂଜା କମିଟି ପକ୍ଷରୁ ଡିଜେ ସଙ୍ଗୀତ, ବିଭିନ୍ନ ପ୍ରକାରର ଆଲୋକସଜ୍ଜା ଓ ଆକର୍ଷଣୀୟ ସାଜସଜ୍ଜାରେ ମେଢ଼ଗୁଡ଼ିକୁ ସୁସଜ୍ଜିତ କରାଯାଇଥିଲା । ସିଂହବାଜାର ତାଳେ ତାଳେ ଭସାଣି ଶୋଭାଯାତ୍ରା ଆଗକୁ ବଢ଼ିଥିବାବେଳେ ଏହାକୁ ଦେଖିବା ପାଇଁ ଆଖପାଖ ଗ୍ରାମରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଉତ୍ସବରେ ଦୁଇ ଗ୍ରାମରେ ଆନନ୍ଦ ଓ ଉତ୍ସାହର ମାହୋଲ ସୃଷ ହୋଇଥିଲା । ପୂଜା କମିଟି ସଦସ୍ୟ ସହିତ ପୋଲିସ ଉପସ୍ଥିତ ରହିବା ସହ ସମସ୍ତଙ୍କ ସହଯୋଗରେ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା ।

ଶ୍ରୀଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ପ୍ରସାର ଲକ୍ଷ୍ୟରେ ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜ୍ଞାନ ପରୀକ୍ଷା



ଗଁଦିଆ ୧/୧୧(ବେତୁଜୀ ପ୍ରସାଦ): ଜୟ ଜଗନ୍ନାଥ । ଓଡ଼ିଆ ଜାତିର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ । ତାଙ୍କ ମହିମା, ଲୀଳା ଓ ମହାନ ସଂସ୍କୃତିରେ ରହିଛି ଓଡ଼ିଆ ଜାତିର ଆଧ୍ୟାତ୍ମିକ ପରିଚୟ । ଏହି ମହାନ ପରମ୍ପରାକୁ ଆଗାମୀ ପିଢ଼ି ମଧ୍ୟରେ ଉଜ୍ଜୀବିତ କରିବା ସହ ଛାତ୍ରଛାତ୍ରୀଙ୍କ ମନରେ ଧାର୍ମିକ ଭାବନା ଓ ସାଂସ୍କୃତିକ ଚେତନା ଜାଗ୍ରତ କରିବା ଲକ୍ଷ୍ୟରେ ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା । ଏହି ପରୀକ୍ଷାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା, ଦିବ୍ୟ ଲୀଳା, ଶ୍ରୀମନ୍ଦିରର ଇତିହାସ, ପବିତ୍ର ରଥଯାତ୍ରା, ନୀତିକାନ୍ତି ଏବଂ ଓଡ଼ିଆ ଜାତିର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାକୁ ନେଇ ବିଭିନ୍ନ ପ୍ରଶ୍ନ ରହିଥିଲା । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ଓଡ଼ିଆ ଜାତିର ଗର୍ବ ଓ ଗୌରବ ମହାପ୍ରଭୁଙ୍କ ଅନନ୍ୟ ସଂସ୍କୃତି ସମ୍ପର୍କରେ ଜ୍ଞାନ ଆହରଣ କରିବାର ସୁଯୋଗ ପାଇଥିଲେ ।ପରୀକ୍ଷାରେ ବିଦ୍ୟାଳୟର ଶିକ୍ଷକ ତଥା ପ୍ରକୃତିବନ୍ଧୁ ମନୋଜ କୁମାର ମହାନ୍ତି ଏବଂ ଚାରଣ ଗୋଷ୍ଠୀ, ଯୋରନ୍ଦାର ପ୍ରସନ୍ନ କୁମାର ରାଉତ ପରୀକ୍ଷା ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ । ଚାରଣ ସଂଗଠକ ତଥା ମହିମା ମଣ୍ଡଳ, ଯୋରନ୍ଦାର ଶ୍ରୀ ଶରତ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ସମଗ୍ର ପରୀକ୍ଷା କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା ।ବର୍ତ୍ତମାନର ଆଧୁନିକ ଶିକ୍ଷା ବ୍ୟବସ୍ଥାରେ କେବଳ ପାଠ୍ୟପୁସ୍ତକ ଜ୍ଞାନ ନୁହେଁ, ବରଂ ନିଜ ଧର୍ମ, ସଂସ୍କୃତି, ପରମ୍ପରା ଓ ଗୌରବମୟ ଇତିହାସ ସମ୍ପର୍କରେ ଜ୍ଞାନ ଆହରଣ କରିବା ମଧ୍ୟ ଅତ୍ୟନ୍ତ ଆବଶ୍ୟକ । ଏଭଳି ଆଧ୍ୟାତ୍ମିକ ଓ ଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମନରେ ନୈତିକ ମୂଲ୍ୟବୋଧ, ଭକ୍ତିଭାବ ଓ ନିଜ ସଂସ୍କୃତି ପ୍ରତି ଶ୍ରଦ୍ଧା ଜାଗ୍ରତ କରିବାରେ ନିଶ୍ଚିତ ସହାୟକ ହେବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାନ ଦର୍ଶନ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗାମୀ ପିଢ଼ି ନିଜର ଗୌରବମୟ ଐତିହ୍ୟ ଓ ପରମ୍ପରାକୁ ଜାଣିବା ସହ ଏହାର ସୁରକ୍ଷା ଓ ପ୍ରଚାର ପ୍ରସାର ଦିଗରେ ଆଗେଇ ଆସିବେ ବୋଲି ଆଶା ପ୍ରକାଶ ପାଇଛି ।

କାଦୁଅରେ ଭର୍ତ୍ତି ନୂଆସାହି ରାସ୍ତା, ଦୈନନ୍ଦିନ ଜୀବନରେ ବ୍ୟତିବ୍ୟସ୍ତ



ପରଜଙ୍ଗ, ୧।୧୧(ଅକ୍ଷର ଓଡ଼ିଶା): ପରଜଙ୍ଗ ବ୍ଲକ ପାଟରପଦ୍ଦା ପଞ୍ଚାୟତ କଟାବାହାଳ ଗ୍ରାମ ନୂଆ ସାହି ରାସ୍ତା କାର୍ଦ୍ଦାମାକ୍ତ ହୋଇ ପଡ଼ିଛି । ଫଳରେ ଦୈନନ୍ଦିନ ଚଳାଚଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସାହି ବାସିନ୍ଦା । ସ୍ଥାନୀୟ ଯୁବଗୋଷ୍ଠୀଙ୍କ ଅଭିଯୋଗ ମୁତାବକ ମୁଖ୍ୟ ଗ୍ରାମରୁ ସାହି ରାସ୍ତା ମଧ୍ୟରେ ଥିବା ଗୁଡିଆନାଳି ପାଖରେ ପଞ୍ଚଦଶ କେନ୍ଦ୍ରୀୟ ଯୋଜନାରେ ଏକ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ଏକ କଲଭର୍ଟ ନିର୍ମିତ ହେଇଥିଲା । କାର୍ଯ୍ୟରେ ଅନିୟମିତତା ସହ ଅସମ୍ପୂର୍ଣ୍ଣ ଯୋଗୁଁ ସ୍ୱଳ୍ପ ବର୍ଷା ଯୋଗୁଁ କାଦୁଅ ରେ କାଦମର୍ଦ୍ଦା ହେବାରୁ ଦୈନନ୍ଦିନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି । ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପଦକ୍ଷେପ ନେବାକୁ ଦାବି ହୋଇଛି ।

ରାଜ କିଆରୀ ଛକରୁ ସିଧାମୁଳା ମହାନଦୀ ସେତୁକୁ ସଂଯୋଗ କରୁଥିବା ରାସ୍ତା ପାଲଟିଛି ମରଣଯନ୍ତା



କଣ୍ଡିଲୋ ୧।୧୧ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତର ରାଜକିଆରୀ ଛକରୁ ନିକଟସ୍ଥ ମହାନଦୀ ସେତୁକୁ ସଂଯୋଗ କରୁଥିବା ପ୍ରାୟ ୨ କିଲୋମିଟର ରାସ୍ତାପୁରା ମରଣଯନ୍ତା ପାଲଟିଥିବା ଜଣାପଡିଛି ।ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଛୋଟ ବଡ ଖାଲଖମା ସୃଷ୍ଟି ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମି ରହୁଛି ।ରାସ୍ତା ସାରା ଖାଲଖମା ଯୋଗୁଁ ବିଭିନ୍ନ ସମୟରେ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି ।ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ ଏ ସଂର୍ପକରେ ଅବଗତ ଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ବେଳକୁ ବେଳ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡୁଥିବା ଜଣାପଡିଛି ।ଦୈନିକ ଉକ୍ତ ରାସ୍ତା ଦେଇ ଦୂରଗାମୀ ଯାତ୍ରୀବାହି ବସ ଠାରୁ ଆରମ୍ଭ କରି ଶହଶହ ସଂଖ୍ୟକ ଭାରି ଯାନବାହନ ଗୁଡିକ ନରସିଂହପୁର, ଅନୁଗୁଳ,ତାଳଚେର ଓ ରାଉରକେଲା ଅଞ୍ଚଳକୁ ଯାତାୟାତ କରୁଛି । ତେଣୁ ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାର ଆନୁସଙ୍ଗିକ ମରାମତି ଦିଗରେ ନୟାଗଡ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ,ମୁଖ୍ୟ ଯନ୍ତ୍ରୀ,ଖଣ୍ଡପଡ଼ା ଓ ଦଶପଲ୍ଲା ବିଧାୟକ ଦୃଷ୍ଟି ଦେବାକୁ ସିଧାମୂଳା ପଞ୍ଚାୟତବାସୀ ଦାବି କରିଛନ୍ତି ।

ଢେଙ୍କାନାଳ କୃଷି କର୍ମଚାରୀ ଓ କୃଷକ ଅଧିଦର୍ଶକ ମାନଙ୍କର ବୈଠକ



ଢେଙ୍କାନାଳ, ୦୧/୧୧(ଅକ୍ଷର ଓଡ଼ିଶା) : ସ୍ଥାନୀୟ ଶ୍ରୀ ଶ୍ରୀ ସିଦ୍ଧ ବଳରାମ ମନ୍ଦିର ପରିସରରେ ଜିଲ୍ଲାର ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ ଓ କୃଷକ ଅଧିଦର୍ଷକମାନଙ୍କୁ ନେଇ ଏକ ବୈଠକ ହୋଇଥିଲା । ଉକ୍ତ ବୈଠକରେ ଶ୍ରୀକାନ୍ତ କୁମାର ବାହାଲିଆଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କୃଷକମାନଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା । ବିଭାଗ ତରଫରୁ କୃଷକମାନଙ୍କୁ ଦିଆଯାଉଥିବା ତାଲିମ୍‌ର ସଠିକ୍ ତଥ୍ୟ ଓ ଖର୍ଚ୍ଚକୁ ଉପସ୍ଥାପନ କରାନଯିବା । କର୍ମଚାରୀଙ୍କର ଗସ୍ତଖର୍ଚ୍ଚ ସହ ଅନ୍ୟାନ୍ୟ ଆର୍ଥିକ ସମସ୍ୟାର ତୁରନ୍ତ ସମାଧାନ କରିବା ଆଦି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ସଂଘର ସମସ୍ତ ସଭ୍ୟ ଓ ସଭ୍ୟା ଉପସ୍ଥିତ ରହି କର୍ମକର୍ତା ଚୟନ କରାଯାଇଥିଲା । ସେଥିରେ କୃଷି ଅଧିଦର୍ଷକ ସଂଘର ସଭାପତି ଭାବେ ଶ୍ରୀମତୀ ଶ୍ୱେତପଦ୍ମା ମିଶ୍ର, ଉପସଭାପତି ଶ୍ରୀକାନ୍ତ ବାହାଲିଆ, ସଂପାଦକ ଅମୀୟ କୁମାର ରାଉତ, ସହ ସଂପାଦକ ପ୍ରକାଶ କୁମାର ମହାପାତ୍ର, ସଂଗଠକ ସଂପାଦକ ହିରଣ୍ୟମୟୀ ବେହେରା, କୋଷାଧ୍ୟକ୍ଷ ହିମାଂଶୁ କୁମାର ମହାନ୍ତି ଓ ସମୀକ୍ଷକ ଭାବେ ପ୍ରକାଶ କୁମାର ବେହେରା ଓ ପ୍ରଦୀପ୍ତ କୁମାର ଧଳ ନିର୍ବାଚିତ ହୋଇଥିଲେ । ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ସଭାପତି ସୁଶ୍ରୀ କଳ୍ପନା ମାରାଣ୍ଡି, ଉପସଭାପତି ସୁଶ୍ରୀ ଝରଣା ମୁଣ୍ଡା, ସଂପାଦକ ଆଲୋକ କୁମାର ପାଣିଗ୍ରାହୀ, ସହ-ସମ୍ପାଦକ ପ୍ରାଣବନ୍ଧୁ ପ୍ରଧାନ, ଯୁଗ୍ମ ସଂପାଦକ ଯଶୋବନ୍ତ ଜେନା, ସଂଗଠନ ସଂପାଦକ ପ୍ରଶାନ୍ତ କୁମାର ରାଉତ ଓ ବେଣୁଧର ସାହୁ, ଗଣମାଧ୍ୟମ ସଂପାଦକ ଅଞ୍ଜୁଲତା ଲାକ୍ରା, ଅଧକ୍ଷ ପ୍ରଦୀପ କୁମାର ସାହୁ ଓ ଉପଦେଷ୍ଟା ଶିଶିର କୁମାର ସାହୁଙ୍କୁ ମନୋନୟନ କରାଗଲା । ସଭା ଶେଷରେ ସମସ୍ତ କର୍ମକର୍ତାଙ୍କୁ ଶିଶିର କୁମାର ସାହୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

ଦୀପାବଳି ପର୍ବ ଉପଲକ୍ଷେ ଦୀପ ପ୍ରସ୍ତୁତିରେ ବ୍ୟସ୍ତ କୁମ୍ଭକାର



ବୁଗୁଡ଼ା : ୦୧/୧୧/(ଅକ୍ଷର ଓଡିଶା) : ଆଲୋକର ପର୍ବ ଦୀପାବଳି ଆସନ୍ତା ୮ ତାରିଖ ରବିବାର ଦିନ ପାଳନ ହେବାକୁ ଯାଉଥିବା ବେଳେ ବୁଗୁଡ଼ା ଅଞ୍ଚଳର ବହୁ କୁମ୍ଭକାର ପରିବାର ମାଟି ଦୀପ ପ୍ରସ୍ତୁତିରେ ବ୍ୟସ୍ତଥିବା ଦେଖିବାକୁ ମିଳୁଛି । ପୂର୍ବ ପୁରୁଷରୁ ମାଟିରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତିକୁ କୌଳିକ ବୃତ୍ତି ଭାବେ ଆପଣାଇ ନେଇଥିବା କୁମ୍ଭକାରଙ୍କ ବେଉସା ଆଧୁନିକତାରପ୍ରଭାବରେ ହଜିନଯାଇ ଅଦ୍ୟାବଧି ବଞ୍ଚିରହିଛି । ପୂର୍ବରୁମାଟି ପାତ୍ରର ଚାହିଦା ଯଥେଷ୍ଟ ଅଧିକ ଥିଲା ଏବଂ ରୋଷେଇ ପାଇଁ ଆବଶ୍ୟକ ମାଟିପାତ୍ରଠାରୁ ଆରମ୍ଭ କରି ହାଣ୍ଡି, ମାଠିଆ, ସୁରେଇ ଆଦି ଭଳି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି କୁମ୍ଭକାର ପରିବାର ବେଶ୍ ଦୁଇ ପଇସା ରୋଜଗାର କରି କୁଟୁମ୍ବର ଗୁଜରାଣ ମେଣ୍ଟାଇ ପାରୁଥିଲା । ସମୟାନୁକ୍ରମେ ଆଧୁନିକ ମଣିଷର ରୁଚିରେ ମଧ୍ୟ ପରିବର୍ତ୍ତନ ଦେଖା ଦେଲାଣି । ଏବେ ରୋଷେଇ ପାଇଁ ସାଧାରଣ ଲୋକେ ମାଟିପାତ୍ରକୁ ଭୁଲି ବିଭିନ୍ନଧାତୁରେ ନିର୍ମିତ ବାସନ କୁସନ ବ୍ୟବହାର କରିବାକୁ ପସନ୍ଦ କଲେଣି । ଏଭଳି ପରିସ୍ଥିତରେ କୁମ୍ଭକାରଙ୍କ ବୃତ୍ତି ପ୍ରତି ସଙ୍କଟ ସୃଷ୍ଟି ହୋଇଛି । ତଥାପି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାପାଇଁ ଏବେ ସୁଦ୍ଧା ସଘର୍ଷ ଜାରି ରଖିଛନ୍ତି କୁମ୍ଭକାର ପରିବାର । ବିଶେଷକରି ପର୍ବପର୍ବାଣୀରେ କୁମ୍ଭକାରଙ୍କୁ ସାଧାରଣ ଲୋକେ ମନେ ପକାଇଥାନ୍ତି । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଏମିତି କିଛି ସାମଗ୍ରୀ ରହିଛି ଯାହାକି ପୂଜାବ୍ରତ ସକାଶେ ନିହାତି ଜରୁରୀ । ଓଡ଼ିଆଙ୍କ ଅଧିକାଂଶ ପର୍ବପର୍ବାଣୀରେ ମାଟି ହାଣ୍ଡିର ଆବଶ୍ୟକତାରହିଥିବା ବେଳେ ଏବେବି କିଛି ଗ୍ରାମାଞ୍ଚଳର ଲୋକେ ରୋଷେଇ ସକାଶେ ମାଟି ହାଣ୍ଡି ବ୍ୟବହାର କରିଥାନ୍ତି । ବିଜ୍ଞାନ ଯୁଗରେ ଆଲୋକର ପର୍ବ ଦୀପାବଳି ପାଳନ ସକାଶେ ରଙ୍ଗ ବେରଙ୍ଗର ମହମବତୀ ମିଳୁଥିଲେ ମଧ୍ୟ ମାଟି ଦୀପର ଚାହିଦା ଏବେ ବି ରହିଛି । ବର୍ଷ ତମାମ ବେକାରରେ ରହୁଥିବା କୁମ୍ଭକାର ପରିବାରଙ୍କ ପାଇଁ ଦୀପାବଳି ପର୍ବ ରୋଜଗାର ସୃଷ୍ଟି କରିଥାଏ । ଦୀପାବଳିର ମାସକ ପୂର୍ବରୁ କୁମ୍ଭକାର ପରିବାରର ସମସ୍ତ ସଦସ୍ୟ ଲାଗି ପଡ଼ିଥାନ୍ତି ମାଟି ଦୀପ ପ୍ରସ୍ତୁତିରେ ବୁଗୁଡା ବ୍ଲକର ଗୋଲାବନ୍ଧ ପଞ୍ଚାୟତ ଅନ୍ତର୍ଗତ ବେତାରସିଙ୍ଗି ଗ୍ରାମରେ ରହୁଥିବା ଗୋପୀନାଥ ବେହେରା, ବୁଲୁ ବେହେରା, ଆଦିକନ୍ଧ ବେହେରା,ଗୋବିନ୍ଦ ବେହେରା, ଅଶୋକ ବେହେରା ଆଦି କୁମ୍ଭକାର ପରିବାର ଏବେ ମାଟି ଦୀପ ତିଆରିରେ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି ।

ଜେନାଦେବୀ ବଜାର ରୌପ୍ୟଜୟନ୍ତୀ ଉତ୍ସବର ସପ୍ତମ ଦିନରେ ଅନ୍ନସଂଖୁଡି ଭୋଗ ଲାଗି



ଢେଙ୍କାନାଳ, ୦୧/୧୧(ଅକ୍ଷର ଓଡ଼ିଶା): ଚଳିତ ବର୍ଷ ଜେନାଦେବୀ ବଜାର ରୌପ୍ୟଜୟନ୍ତୀ ପାଳନ ଉତ୍ସବର ସପ୍ତମ ଦିନ ପାଳିତ ହୋଇଯାଇଅଛି । ଏହି ଅବସରରେ ମଧ୍ୟାହ୍ନରେ ମା'ଲକ୍ଷ୍ମୀଙ୍କ ପାଖରେ ଅନ୍ନସଂଖୁଡି ଭୋଗ ଲାଗି କରାଯାଇଥିଲା । ଏଥିରେ ଖେଚୁଡି, ଡାଲ୍‌ମା, ଆମ୍ବୁଲ ଖଟା, ଶାଗ ଓ କ୍ଷୀରି ଇତ୍ୟାଦି ପ୍ରସାଦକୁ ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ଭକ୍ତ ମହାଆନନ୍ଦର ସହ ସେବନ କରିଥିଲେ । ଅଧକ୍ଷ ଅସିତ୍ ରଥ, ସଭାପତି ସ୍ୱପ୍ନେଶ୍ୱର ସ୍ୱାଇଁ, ସ୍ମରଣିକା ସଂପାଦକ ବସନ୍ତ କୁମାର ବେହେରା, ସଂପାଦକ ସତ୍ୟାନନ୍ଦ ଦାସ ପ୍ରମୁଖ ମଂଚାସୀନ ଥିଲେ ।

ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ଆସୋସିଏସନ କର୍ମକର୍ତ୍ତା ଚୟନ ଓ ବନ୍ଧୁମିଳନ



ଖଣ୍ଡପଡ଼ା, ୧।୧୧(ଅକ୍ଷର ଓଡ଼ିଶା) : ଖଣ୍ଡପଡ଼ା ପୂର୍ତ୍ତ ଡାକ ବଙ୍ଗଳା ପରିସରରେ ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ଆସୋସିଏସନର ନୂତନ କର୍ମକର୍ତ୍ତା ଚୟନ ଏବଂ ଖଣ୍ଡପଡ଼ା ଓ ଭାପୁର ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ପ୍ରାକ୍ତନ ସଭାପତି ତଥା ଉତ୍କଳ ସାମ୍ବାଦିକ ସଂଘ ନୟାଗଡ଼ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ମିଶ୍ର ଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା ।ଏ ଅବସରରେ ଖଣ୍ଡପଡ଼ା ଜର୍ଣ୍ଣାଲିଷ୍ଟ ଆସୋସିଏସନର ନୂତନ ସଭାପତି ଭାବେ ସରୋଜ କୁମାର ଚୌଧୁରୀ, ସମ୍ପାଦକ ଭାବେ ଜନ୍ମେଜୟ ଦଳେଇ ଏବଂ କୋଷାଧକ୍ଷ ଭାବେ ମନୋରଞ୍ଜନ ରଥ ଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯିବା ସହ ଉପସ୍ଥିତ ଅତିଥିଙ୍କ ଦ୍ୱାରା ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଗଲା । ଭାପୁର ବରିଷ୍ଠ ସାମ୍ବାଦିକ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ପିତାଙ୍କର ଦେହାନ୍ତ ଖବର ଶୁଣିବା ପରେ ଉପସ୍ଥିତ ସାମ୍ବାଦିକମାନେ ଶୋକ ପ୍ରକାଶ କରିବା ସହ ଏକ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଯୁବ ସାମ୍ବାଦିକ ଜନ୍ମେଜୟ ଦଳେଇ ମଞ୍ଚ ପରିଚାଳନା କରିଥିବା ବେଳେ ଖଣ୍ଡପଡ଼ା, କଣ୍ଡିଲୋ ଓ ଭାପୁର ଅଞ୍ଚଳର ପ୍ରାୟ ତିରିଶ ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ । ସାମ୍ବାଦିକମାନେ ନିଜ ନିଜ ମଧ୍ୟରେ ଏକତା ବଜାୟ ରଖିବା ସହ ନିର୍ଭିକ, ସଚୋଟ ସାହାର୍ଯ୍ୟ ମନୋଭାବ ଓ ସାଲିସ ବିହୀନ ସାମ୍ବାଦିକତା କରିବା ପାଇଁ ଅତିଥି ମାନେ କହିଥିଲେ । ଏଥିସହ ସାମ୍ବାଦିକ ସୁରକ୍ଷା ଆଇନ୍, ବୟସ୍କଙ୍କୁ ପେନସନ ପ୍ରଦାନ, ସ୍ୱାସ୍ଥ୍ୟ ବୀମା ଯୋଜନାକୁ ବର୍ଦ୍ଧିତ କରିବାକୁ ସରକାରଙ୍କ ପାଖରେ ଦାବି ରଖିବାକୁ ପ୍ରସ୍ତାବ ଆଗତ ହେବାସହ ନୟାଗଡ଼ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ କୁ ମଜଭୂତ କରିବା ପାଇଁ ସମସ୍ତେ ସଂକଳ୍ପ କରିଥିଲେ ।

ବାତ୍ୟା 'ଅର୍ଣ୍ଣବ' କ୍ଷୟକ୍ଷତି ଅଞ୍ଚଳ ପରିଦର୍ଶନ କଲେ ବିଧାୟକ



ଫିରିଙ୍ଗିଆ , ୧/୧୧(ମନୋଜ ସାହୁ): କନ୍ଧମାଳ ଜିଲ୍ଲାର ଫୁଲବାଣୀ ବ୍ଲକ୍ ଅନ୍ତର୍ଗତ ଜାମୁଝୋରୀ ଗ୍ରାମପଞ୍ଚାୟତର କୁଦାଲି, କାପାଲିପି, ଟଡ୍ରି ଏବଂ କଟ୍ରିଙ୍ଗିଆ ଗ୍ରାମପଞ୍ଚାୟତର କାଣିବାଲି,କାକାମାହା, କଦମ୍ବପଦର ସମେତ ବିଭିନ୍ନ ଅଞ୍ଚଳରେ ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଘଟିଥିବା କ୍ଷୟକ୍ଷତିକୁ ନେଇ ଆଜି ଫୁଲବାଣୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଉମାଚରଣ ମଲ୍ଲିକ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ବାତ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଘରଦ୍ୱାର, ଚାଷଜମି ଓ ଅନ୍ୟାନ୍ୟ ସମ୍ପତ୍ତିର ସ



ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

ମୁଖ୍ୟ ସମ୍ପାଦକଙ୍କ କଲମରୁ

ସ୍ୱଚ୍ଛ ଜଳ ଯୋଗାଣ

ଭାରତରେ ଜଳ ଜୀବନ ମିଶନ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ବର୍ତ୍ତମାନ ସୁଦ୍ଧା ଏହି ମିଶନ ଅଧୀନରେ ୮୧ ପ୍ରତିଶତରୁ ଅଧିକ ଗ୍ରାମୀଣ ପରିବାରକୁ ସ୍ୱଚ୍ଛ ଜଳ ଯୋଗାଣ କରାଯାଇଛି। ୨୨ ଅକ୍ଟୋବର ୨୦୨୫ ସୁଦ୍ଧା ୧୫.୭୨ କୋଟିରୁ ଅଧିକ ଗ୍ରାମୀଣ ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଇଛି। କେନ୍ଦ୍ର ସରକାର ଏହି ମିଶନରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶକୁ କେନ୍ଦ୍ରୀୟ ଅନୁଦାନ ଆକାରରେ ୨,୦୮,୬୫୨ କୋଟି ଟଙ୍କା ଯୋଗାଇ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୫ ଅଗଷ୍ଟ ୨୦୧୯ରେ ଏହି ମିଶନର ଶୁଭାରମ୍ଭ କରିଥିଲେ। ସେତେବେଳେ ମାତ୍ର ୩.୨୩ କୋଟି ପରିବାର ଅର୍ଥାତ୍ ୧୭.୭୧ ପ୍ରତିଶତ ଲୋକଙ୍କ ପାଖରେ ନଳ ଯୋଗେ ଜଳ ଯୋଗାଣ ସୁବିଧା ଥିଲା। ବର୍ତ୍ତମାନ ସୁଦ୍ଧା ୧୨.୪୮ କୋଟି ଅତିରିକ୍ତ ପରିବାରକୁ ଟ୍ୟାପ ପାଣି ସଂଯୋଗ ମିଳିଛି। ଏହି ମିଶନ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସାମାଜିକ-ଆର୍ଥିକ ସ୍ଥିତିରେ ସୁଧାର ଆଣିବା ସହିତ ପାଣି ଆଣିବା ଲାଗି ମହିଳାମାନଙ୍କୁ କରିବାକୁ ପଡୁଥିବା କଠିନ ପରିଶ୍ରମରୁ ମୁକ୍ତି ମିଳିଛି। ଏବେ ସୁଦ୍ଧା ମିଶନରେ ୧୯୨ଟି ଜିଲ୍ଲାର ସବୁ ଘର, ବିଦ୍ୟାଳୟ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରକୁ ଟ୍ୟାପ୍ ଜଳ ଯୋଗାଣ କରାଯାଇଛି। ୧୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ଶତପ୍ରତିଶତ ଟ୍ୟାପ୍ ପାଣି ସଂଯୋଗ ଲକ୍ଷ୍ୟ ହାସଲ କରିଛନ୍ତି। ଦେଶର ୯ ଲକ୍ଷରୁ ଅଧିକ ବିଦ୍ୟାଳୟ ଏବଂ ସାଢ଼େ ୯ ଲକ୍ଷରୁ ଅଧିକ ଅଙ୍ଗନୱାଡ଼ି କେନ୍ଦ୍ରକୁ ନଳ ଯୋଗେ ଜଳ ଯୋଗାଣ କରାଯାଇଛି । ୨୦୨୫-୨୬ (ଅକ୍ଟୋବର ୨୧ ତାରିଖ ସୁଦ୍ଧା) ବର୍ଷରେ ମୋଟ୍ ୨୮୪୩ଟି ପରୀକ୍ଷାଗାରରେ ୩୮.୭୮ ଲକ୍ଷ ଜଳ ନମୁନା ପରୀକ୍ଷା କରାଯାଇଛି। ଏହା ମାଧ୍ୟମରେ ଜଳର ଗୁଣବତ୍ତା ଏବଂ ନିରୀକ୍ଷଣ ସୁନିଶ୍ଚିତ କରାଯାଇଛି। ଏହି ମିଶନରେ ଜନଭାଗିଦାରୀ ସୁନିଶ୍ଚିତ କରିବା ଲାଗି ୫.୦୭ ଲକ୍ଷ ଗାଁରେ ୨୪.୮୦ ଲକ୍ଷ ମହିଳାଙ୍କୁ କ୍ଷେତ୍ର ପରୀକ୍ଷଣ କିଟ୍ (ଏଫଟିକେ) ଯୋଗାଇ ଦିଆଯାଇଛି। ସେମାନେ ଜଳ ନମୁନା ପରୀକ୍ଷା କରି ଗୁଣବତ୍ତା ପ୍ରମାଣିତ କରୁଛନ୍ତି। ଡିଜିଟାଲ ନମସୃଜନ ମାଧ୍ୟମରେ ଗ୍ରାମୀଣ ଜଳ ଯୋଗାଣ କ୍ଷେତ୍ରରେ ପରିବର୍ତ୍ତନ ଅଣାଯିବା ସହିତ ଏହି ମିଶନର କାର୍ଯ୍ୟକାରିତାକୁ ପ୍ରଭାବୀ କରାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ମୁତାବକ ଗ୍ରାମୀଣ ପରିବାରକୁ ଟ୍ୟାପ୍ ପାଣି ସଂଯୋଗ ଫଳରେ ଦୈନିକ ୫.୫ କୋଟି ଘଣ୍ଟା ସମୟ ସଞ୍ଚୟ ହୋଇଛି। ଏହାଦ୍ୱାରା ମହିଳାଙ୍କ ଉପରେ ପଡୁଥିବା ସମୟ ବୋଝର ତିନି ଚତୁର୍ଥାଂଶ ହ୍ରାସ କରାଯାଇଛି। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଫଳରେ ୪ ଲକ୍ଷ ଡାଇରିଆ ଜନିତ ମୃତ୍ୟୁକୁ ରୋକାଯାଇପାରିଛି। ସେହିପରି ୧୪ ନିୟୁତ ଅକ୍ଷମତା ସମାଯୋଜିତ ଜୀବନ ବର୍ଷ (ଡିଏଏଲୱାଇ)କୁ ଏଡ଼ାଇ ଦିଆଯାଇପାରିଛି ।

ଆସକ୍ତି, କାମନା ଓ ବାସନାର ଅନ୍ତ ଆନନ୍ଦର ପଥ

ପ୍ରତ୍ୟେକ ଜୀବ ବା ମନୁଷ୍ୟର ଗୋଟିଏ ହିଁ ଲକ୍ଷ୍ୟ ଆନନ୍ଦ ପ୍ରାପ୍ତ କରିବା, ଅତଃ ସେ ସର୍ବଦା ଆନନ୍ଦର ଅନ୍ୱେଷଣ କରିଥାଏ। କାରଣ ମନୁଷ୍ୟର ସ୍ୱଭାବ ହେଉଛି ଆନନ୍ଦର ସରୂପ। ସେ ନିଜର ଅଜ୍ଞାନତା ଯୋଗୁଁ ତା'ର ସରୂପର ବିସ୍ମୃତି ଘଟିଥାଏ କିନ୍ତୁ ସ୍ୱଭାବର ନୁହେଁ। ତେଣୁ ଆନନ୍ଦ ପାଇବା ପାଇଁ ଜୀବ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବାରମ୍ବାର ପ୍ରେରିତ କରିଥାଏ। ଆମ୍ଭେମାନେ ଜାଣୁ ମନ ଏକ ଜଡ ପଦାର୍ଥ ଏବଂ ସେ ମାୟା ବା ପ୍ରକୃତିରୁ ଉତ୍ପତ୍ତି ହୋଇଛି। ଏହି କାରଣରୁ ମନ ଜଗତରୁ ଅର୍ଥାତ୍ କୌଣସି ବ୍ୟକ୍ତି, ବସ୍ତୁ କିମ୍ବା ପରିବେଶରୁ ଯେଉଁ ମୋହ ବା ଲୋଭ ରଖି ବହୁବାର ସୁଖ ପାଇବା ପାଇଁ ଚେଷ୍ଟାକରେ ତାହାକୁ ଆସକ୍ତି କୁହାଯାଏ। ଏହାର ଆକ୍ଷରିକ ଅର୍ଥ ଭୋଗାଭିଳାଷ। ଯେ କି ମଣିଷକୁ ସଂସାରର ମାୟା ଜାଲରେ ବାନ୍ଧି ରଖେ। ତେଣୁ ଶ୍ରୀମଦ୍ ଭଗବଦ୍ଗୀତାର ଦ୍ୱିତୀୟ ଅଧ୍ୟାୟରେ କୁହାଯାଉଛି ଯେ:

ଧ୍ୟାୟତୋ ବିଷୟାନ୍ ପୁଂସଃ ସଙ୍ଗସ୍ତେଷୂପଜାୟତେ ।
ସଙ୍ଗାତ୍ସଞ୍ଜାୟତେ କାମଃ କାମାତ୍କ୍ରୋଧୋଽଭିଜାୟତେ ।।୬୨।।

ଅର୍ଥାତ୍ ମଣିଷର ଇନ୍ଦ୍ରିୟ ସମୂହମାନେ ଯେତେବେଳେ ଭୋଗ୍ୟବସ୍ତୁ ଗୁଡ଼ିକୁ ବାରମ୍ବାର ଚିନ୍ତନ କରିବା ଫଳରେ ତା' ପ୍ରତି ଆସକ୍ତି ଜାତହୁଏ। ସେହି ଆସକ୍ତିରୁ କାମନା ଏବଂ କାମନା ପୂର୍ଣ୍ଣ ନ ହେଲେ କ୍ରୋଧ ଜାତ ହୋଇଥାଏ।

ଯେବେ ଆମେ କୌଣସି ଦ୍ରବ୍ୟକୁ ନିଜର ବୋଲି ଭାବି ତା' ସହିତ ମାନସିକ ସ୍ତରରେ ଜଡ଼ିତ ହୋଇଯାଉ, ସେତେବେଳେ ଆସକ୍ତି ଜନ୍ମ ନେଇଥାଏ। ଏହି ଆସକ୍ତିର ପରିମାଣ ଯେବେ ପ୍ରବଳ ମାତ୍ରାରେ ଇଚ୍ଛା ଜନ୍ମାଏ ତାହାକୁ କାମନା କୁହାଯାଏ। ଏହା ମୁଖ୍ୟତଃ ଶାରୀରିକ ବା ସାଂସାରିକ ସୁଖ ପାଇବା ପାଇଁ ମନରେ ବ୍ୟାକୁଳତା ସୃଷ୍ଟି କରିଥାଏ। ଏ ସମୟରେ ଯଦି ପ୍ରାରବ୍ଧର କର୍ମଫଳ ଶୁଭ ପ୍ରସବ କରେ, ତେବେ ଅନେକ ଅଭିଳାଷ ବା କାମନା ପୂର୍ତ୍ତି ହୋଇଯାଏ। ଯଦି ପ୍ରାରବ୍ଧର କର୍ମଫଳ ଅଶୁଭ ପ୍ରସବ କରେ ତେବେ ଅଭିଳାଷ ଅପୂର୍ଣ୍ଣ ହୋଇ ରହିଯାଏ। ଯା'ଫଳରେ ସେ ପୁର୍ନବାର ପାଇବାକୁ ଇଚ୍ଛା କଲେ ମଧ୍ୟ ତାହା ଫଳବତୀ ହୁଏନାହିଁ। ଏ'ପରି ବାରମ୍ବାର ହେବାଦ୍ୱାରା କମନା ସଂସ୍କାର ରୂପେ ଅନ୍ତଃକରଣରେ ବାସ କରିନିଏ। ସେହି ସଂସ୍କାର ନାମ ହେଉଛି ବାସନା।

ଏ ବାସନା ଜଣେ ମନୁଷ୍ୟର ଇହ (ବର୍ତ୍ତମାନ) ଜନ୍ମର ସଂସ୍କାର ଏବଂ ଅନେକାନେକ ଜନ୍ମର ସଂସ୍କାରକୁ ନେଇ ଅନ୍ତଃକରଣରେ ସୂକ୍ଷ୍ମ ଭାବରେ ରହିଥାଏ । ଏହା ଫୁଲର ସୁବାସ ପରି ଅଦୃଶ୍ୟ ଭାବରେ ରହେ, ଯାହା ମଣିଷକୁ କର୍ମ କରିବା ପାଇଁ ପ୍ରେରିତ କରିଥାଏ। ଶାସ୍ତ୍ର ଅନୁଯାୟୀ, ମଣିଷର ମୃତ୍ୟୁ ହେଲେ ମଧ୍ୟ ତାର 'ବାସନା' ଶେଷ ହୁଏ ନାହିଁ। ଏହି ବାସନା ହିଁ ଜୀବାତ୍ମାକୁ ପୁନର୍ଜନ୍ମ ନେବା ପାଇଁ ବାଧ କରେ। ଯେ'ପରି ଗୋଟିଏ କପଡ଼ାରେ ଅତର ଢାଳିଦେଲେ ତାହା ଶୁଖି ଗଲାପରେ ମଧ୍ୟ ସୁଗନ୍ଧ ରହିଯାଏ, ସେହିପରି ଶରୀର ନଷ୍ଟ ହେଲେ ମଧ୍ୟ ମନର ବାସନା ରହିଥାଏ। ଏ ବାସନା ଦୁଇ ଭାଗରେ ବିଭକ୍ତ ଯଥା: ଶୁଭ ଓ ଅଶୁଭ। ଯେଉଁ ବାସନା ମଣିଷକୁ ଭକ୍ତି, ସେବା ଓ ପୁଣ୍ୟ କର୍ମ ଆଡ଼କୁ ଅଗ୍ରସର କରାଏ ତା'କୁ ଶୁଭ ଏବଂ ଯେଉଁ ବାସନା ମଣିଷକୁ ଭୋଗ-ବିଳାସ, କ୍ରୋଧ ଓ ଅଧର୍ମ ପଥକୁ ଟାଣିନିଏ ତା'କୁ ଅଶୁଭ ବାସନା କୁହାଯାଏ।

ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଆସକ୍ତି, କାମନା ଓ ବାସନା ମଣିଷକୁ ମୁକ୍ତି ପଥରୁ ଦୂରେଇ ରଖେ। ଏହି ତିନିରୁ ମୁକ୍ତ ହେବା ପାଇଁ ବୁଦ୍ଧିର ଆବଶ୍ୟକତା ରହିଛି। ଯାହା ଦୁଇପ୍ରକାର ଯଥା: ବିଦ୍ୟା ବୁଦ୍ଧି ଓ ଅବିଦ୍ୟା ବୁଦ୍ଧି। ବିଦ୍ୟା ବୁଦ୍ଧି ଅର୍ଥାତ୍ ସତ୍ୟର ପରିଜ୍ଞାନ ବା ଆତ୍ମଜ୍ଞାନ। ଯେ ମଣିଷକୁ ସତ୍ୟ ଓ ଅସତ୍ୟ ମଧ୍ୟରେ ଥିବା ପାର୍ଥକ୍ୟ ଜ୍ଞାତ କରିଥାଏ ଏବଂ ମୋହ, ମାୟା, ଓ ବନ୍ଧନରୁ ମୁକ୍ତ କରି ମୋକ୍ଷ ଆଡ଼କୁ ନେଇଯାଏ। ଏହାକୁ ଶୁଦ୍ଧ ଚେତନା ବା ଉଚ୍ଚତର ଜ୍ଞାନ ବୋଲି ମଧ୍ୟ କୁହାଯାଇଛି। ସେପରି ଅବିଦ୍ୟା ବୁଦ୍ଧି ଅର୍ଥାତ୍ ଅଜ୍ଞାନ ବା ମାୟା, ଯେ ମଣିଷକୁ ସଂସାରର କେବଳ ବାହ୍ୟ ରୂପ (ମାୟା)କୁ ଦେଖାଇଥାଏ ଏବଂ ମୃତ୍ୟୁର ଚକ୍ରରେ ବାନ୍ଧି ରଖେ। ଏହି କାରଣରୁ ମଣିଷ ଭ୍ରମରେ ପଡ଼ି ନିଜକୁ ବୁଦ୍ଧିମାନ ମନେକରେ କିନ୍ତୁ ପ୍ରକୃତରେ ସେ ଜ୍ଞାନରୁ ବଞ୍ଚିତ ଥାଏ। ଅବିଦ୍ୟା ବୁଦ୍ଧି ସତ୍ୟଭଳି ଅନୁଭୂତ ହେଲେ ମଧ୍ୟ ତାହା ସତ୍ୟ ନୁହେଁ। ସେ ସର୍ବଦା ବନ୍ଧନ ଦେଇଥାଏ।

ଅବିଦ୍ୟା ବୁଦ୍ଧି ହେଉଛି ତମ ସଦୃଶ୍ୟ ଏବଂ ବିଦ୍ୟା ବୁଦ୍ଧି ଆଲୋକ ସମାନ ଅଟେ। ଏହି ତମକୁ ନାଶ କରିବାକୁ ହେଲେ ଆଲୋକର ନିତାନ୍ତ ଆବଶ୍ୟକ, ଯଦ୍ୱାରା ଜ୍ଞାନୋଦୟ ହୋଇପାରିବ। ତେଣୁ ଶାସ୍ତ୍ରରେ କୁହାଯାଇ ଯେ, ଜ୍ଞାନେନ ମୁକ୍ତିଃ, ଅର୍ଥାତ୍ ଜ୍ଞାନ ଦ୍ୱାରା ହିଁ ଜୀବ ମୁକ୍ତି ପାଇଥାଏ। ଏହି ବିଦ୍ୟା ବୁଦ୍ଧି ଜାଗ୍ରତ କରିବାକୁ ହେଲେ ବିବେକର ନିତାନ୍ତ ଜରୁରୀ, କାରଣ ବିବେକରୁ ହିଁ ବୈରାଗ୍ୟ ଉତ୍ପତ୍ତି ହୁଏ। ଯେତେବେଳେ ପର୍ଯ୍ୟନ୍ତ ମଣିଷର ବୈରାଗ୍ୟ ସୃଷ୍ଟି ହୋଇନାହିଁ, ଯେତେବେଳ ପର୍ଯ୍ୟନ୍ତ ଅନ୍ତକରଣ ବିଶୁଦ୍ଧ ହୋଇପାରିବ ନାହିଁ। କାରଣ ବୈରାଗ୍ୟ ହିଁ ଅନ୍ତଃକରଣକୁ ଶୁଦ୍ଧ କରିଥାଏ । ଯଦ୍ୱାରା ଜୀବ ଶିବତ୍ୱକୁ ପ୍ରାପ୍ତି କରି ଜୀବନ ମୁକ୍ତ ବା ଆନନ୍ଦ ପଥର ପଥିକ ହୋଇଯାଏ।

-ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ
ଖମ୍ଭେଶ୍ୱରୀ ପାଟଣା, ଆସିକା, ଗଞ୍ଜାମ, ୯୮୬୧୩୩୪୮୬୮

ଉତ୍କଳ ପ୍ରଦେଶ ଗଠନର ଭଗୀରଥ

ଓଡ଼ିଶା ପ୍ରଦେଶ ଗଠନର ମାର୍ମିକ କାହାଣୀ ଅନେକ ବୁଦ୍ଧିଜୀବୀ ହୁଏତ ଜାଣି ନ ଥିବେ। ଏହି ଘଟଣା ଓ ବୈପ୍ଳବିକ ଆନ୍ଦୋଳନର ପୁଙ୍ଖାନୁପୁଙ୍ଖ ଆଲୋଚନା ଯଥାର୍ଥ ହୋଇପାରି ନାହିଁ। ଓଡ଼ିଶାର ଏକ ଅନ୍ତରଙ୍ଗ ମାନଚିତ୍ର ପ୍ରତିଫଳିତ ହୋଇଥିଲା ସର୍ବାଗ୍ରେ ମଧୁସୂଦନ ଦାସଙ୍କର ମାନସପଟ୍ଟରେ। ଏଭଳି ଜଣେ ମହାନ ତ୍ୟାଗୀ ପୁରୁଷଙ୍କର ଓଡ଼ିଶାରେ ଆବିର୍ଭାବ ଘଟିଥିଲା, ହୁଏତ ଆଉ କେତେ ବର୍ଷ ପରେ ଉତ୍ତର ଦାୟାଦମାନେ ବିଶ୍ୱାସ କରିପାରିବେ ନାହିଁ। ଜାତୀୟ ବିପତ୍ତି ବା କ୍ଷୟିଷ୍ଣୁ ସମାଜର ପୁନର୍ଗଠନ ନିମନ୍ତେ ଜଣେ ଜଣେ ଅତିମାନସ ବ୍ୟକ୍ତିଙ୍କର ଅବତରଣ ଘଟେ, ତାହାହିଁ ମଧୁବାବୁଙ୍କ ପ୍ରସଙ୍ଗରେ ଅବିସମ୍ବାଦିତ ସତ୍ୟ।

ଭାରତର ମହାମାନ୍ୟ ବଡ଼ଲାଟ୍ ଲର୍ଡ କର୍ଜନ ୧୯୦୦ ମସିହା ଡିସେମ୍ବର ୧୬ ତାରିଖରେ ଓଡ଼ିଶା ପରିଦର୍ଶନରେ ଆସିଥିଲେ। ଏହି ସୁବର୍ଣ୍ଣ ସୁଯୋଗରେ ମଧୁବାବୁ କର୍ଜନଙ୍କୁ ସାକ୍ଷାତ କରି ଓଡ଼ିଶା ପ୍ରଦେଶ ଗଠନ ସମ୍ପର୍କରେ ପ୍ରକୃଷ୍ଟ ଧାରଣା ଦେଇଥିଲେ। ଲର୍ଡ କର୍ଜନ ମଧୁବାବୁଙ୍କ ଦାବୀ ଉପସ୍ଥାପନର ଶୈଳୀ ଓ ଇଂରାଜୀ ଭାଷାରେ ପାଣ୍ଡିତ୍ୟ ଦେଖି ଖୁବ୍ ଖୁସି ହୋଇଥିଲେ। ଇଂରେଜ ଜାତିର ସାମ୍ରାଜ୍ୟବାଦୀ ନୀତିକୁ ବାଦ୍ ଦେଲେ - ସେମାନେ ଯେ ଗୁଣଗ୍ରାହୀ ଥିଲେ ଏ କଥା ଅସୀକାର କରାଯାଇ ନ ପାରେ। ମଧୁସୂଦନଙ୍କର ଅକାଟ୍ୟ ଯୁକ୍ତିର ଫଳସ୍ୱରୂପ ତା ୦୩.୧୨.୧୯୦୩ ରିଖରେ ଭାଷାଭିତ୍ତିକ ପ୍ରଦେଶ ଗଠନର ଘୋଷଣା ଆତ୍ମପ୍ରକାଶ କରିଥିଲା। ଏହାକୁ 'ରିପ୍ଲେ ସର୍କୁଲାର' କୁହାଯାଏ। ଉକ୍ତ ସର୍କୁଲାର ବଳରେ ୧୯୦୫ ମସିହାରେ ମଧ୍ୟପ୍ରଦେଶରୁ ସମ୍ବଲପୁର, କଳାହାଣ୍ଡି, ପାଟଣାଗଡ଼, ସୋନପୁର ଓ ବାମଣ୍ଡା (ଦେବଗଡ଼) ଆଦି ଓଡ଼ିଶା ଡିଭିଜନ୍ ସହ ମିଶିଥିଲା। ମଧୁସୂଦନ ଦାସଙ୍କର ଓଡ଼ିଶା ଗଠନ ଉଦ୍ୟମର ଏହାହିଁ ଥିଲା ପ୍ରଥମ ବିଜୟ।

ବିପ୍ଳବୀ ତଥା ଯୋଗୀ ଅରବିନ୍ଦଙ୍କୁ ବଙ୍ଗଭଙ୍ଗ ଘଟଣା ଖୁବ୍ ବିଚଳିତ କରିଥିଲା। ବଙ୍ଗଭଙ୍ଗ ପ୍ରସଙ୍ଗରେ ଶ୍ରୀଅରବିନ୍ଦ ଲର୍ଡ ମାର୍ଲେଙ୍କୁ କଟୁ ସମାଲୋଚନା କରିଥିଲେ। ମଧୁସୂଦନ ଦାସ ଶ୍ରୀଅରବିନ୍ଦଙ୍କର ଏହି ବିଚଳିତ ଭାବତରଙ୍ଗକୁ ଲକ୍ଷ୍ୟକରି ଅରବିନ୍ଦଙ୍କୁ କହିଥିଲେ, ବଙ୍ଗ ବିଭାଜନ ନେଇ ବଙ୍ଗବାସୀ ଯେପରି ବ୍ୟଥିତ, ବିବ୍ରତ ଓ କ୍ଷୁବ୍ଧ, ସେହିପରି ଶହ ଶହ ବର୍ଷ ଧରି ଓଡ଼ିଆ ଜାତି ଖଣ୍ଡ ବିଖଣ୍ଡିତ ହୋଇ ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜ କବଳରେ ରହି କେତେ ସନ୍ତୁଳିତ ହେଉଥିବେ, ଏ ଦୁଖ ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍। ଏହି ଉକ୍ତିରୁ ମଧୁବାବୁଙ୍କର ଉତ୍କଳୀୟ ପ୍ରାଣତା ଓ ପ୍ରଦେଶ ଗଠନର ଆନ୍ତରିକତା କେତେ ପ୍ରଗାଢ଼, ତାହା ଅନୁଭବ କରିବାର ଅଛି। ସମଗ୍ର ଆନ୍ଦୋଳନକୁ ଗୋବର୍ଦ୍ଧନ ପର୍ବତ ଧରାଗଲେ, ଯେପରି କୃଷ୍ଣଙ୍କ ବ୍ୟତୀତ ଗୋବର୍ଦ୍ଧନ ଗଧାରଣ ସମ୍ଭବ ହୋଇ ନ ଥାନ୍ତା, ସେହିପରି ଓଡ଼ିଶା ସତନ୍ତ୍ର ପ୍ରଦେଶ ଗଠିତ ହେବାର ଶ୍ରେୟ ମଧୁବାବୁଙ୍କୁ ହିଁ ଅର୍ପଣ କରାଯାଏ। ସେହିପରି ସାଇମନ୍ କମିଶନଙ୍କ ଓଡ଼ିଶା ଆଗମନ ସତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଏକ ପ୍ରମୁଖ ଘଟଣା। ୧୯୨୮ ମସିହାରେ ସାଇମନଙ୍କୁ ସର୍ବଭାରତୀୟ କଂଗ୍ରେସ ଘୋର ବିରୋଧ କରିଥିଲେ। 'ଗୋ ବ୍ୟାକ୍ ସାଇମନ୍' ଧ୍ୱନିରେ ଗଗନ ପବନ ମୁଖରିତ। ବୃଦ୍ଧ ମଧୁସୂଦନଙ୍କ ଦେହରେ ବଳ ନାହିଁ। ମନରେ ଅଦମିତ ସାହାସ ଓ ସାଧ୍ୱସକୁ କାର୍ଯ୍ୟକାରୀ ନ କରାଗଲେ ଓଡ଼ିଶା ପଛେଇଯିବ। ମଧୁବାବୁଙ୍କର ବାର୍ତ୍ତାବହ ହୋଇ ବ୍ରଜସୁନ୍ଦର ଦାସଙ୍କ ନେତୃତ୍ୱରେ ଓଡ଼ିଆ ପ୍ରତିନିଧି ଦଳ ବିହାରର ପାଟଣାରେ ପହଞ୍ଚିଗଲେ। ସେଦିନ କଂଗ୍ରେସ ଡାକରାରେ ସମ୍ପୂର୍ଣ୍ଣ ହରତାଳ। ଚତୁର୍ଦ୍ଦିଗରେ ନିଃଶବ୍ଦ, ନିସ୍ତବ୍ଧ ଓ ବିରାଟ ଶୂନ୍ୟତା। କିନ୍ତୁ ହାର୍ଡିଞ୍ଜ୍ ପାର୍କ ସଂଲଗ୍ନ ସେରିମନିଆଲ ପ୍ଲାଟ୍‌ଫର୍ମରେ ସାଇମନ କମିଶନଙ୍କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ଓଡ଼ିଆମାନଙ୍କ ପକ୍ଷରୁ ନୀରବ ପୋଷ୍ଟର ଶୋଭାଯାତ୍ରା ''Orissa Welcomes Simon Commission'' ଲେଖା ଯାଇଥିଲା। ଓଡ଼ିଆ ଲିବରାଲ ଲିଗ୍ର ଉକ୍ତ ପ୍ରତିନିଧି ଦଳ ପୁଣ୍ଡରେ ପଗଡ଼ି ବାନ୍ଧି କମିଶନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ବିପୁଳ ସମ୍ବର୍ଦ୍ଧନା ଜଣାଇଥିଲେ। ବମ୍ବେଠାରୁ ଏଯାବତ୍ ସର୍ବତ୍ର ଶୁଭୁଥିଲା ସାଇମନ୍ ବିରୋଧୀ ସ୍ଲୋଗାନ୍ ଓ କଳା ପତାକାର ଉଦ୍ଧତ ଲୋଳନ। ମାତ୍ର ଏହାହିଁ ଥିଲା ସମ୍ପୂର୍ଣ୍ଣ ବ୍ୟତିକ୍ରମ। ଓଡ଼ିଶାର ସମୂହ ସାର୍ଥ



ଡ. ବାସୁଦେବ ଦାସ
ଜଇପୁରା, ବଳଦେବ କଲୋନୀ
କେନ୍ଦ୍ରାପଡ଼ା - ୭୫୪୨୧୧
ମୋ - ୯୪୩୮୦୧୮୫୦୧

ପାଇଁ ମଧୁବାବୁ ସବୁକିଛି ବ୍ୟତିକ୍ରମକୁ ଆମନ୍ତ୍ରଣ କରିଛନ୍ତି। ସେଦିନ ସାଇମନ୍ କମିଶନ ସାଗତ ସମ୍ବର୍ଦ୍ଧନାରେ ବିହ୍ୱଳ ହୋଇପଡ଼ିଥିଲେ। ସତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଲାଗି ଆରମ୍ଭ ହେଲା ମୂଳଦୁଆ। ଓଡ଼ିଶା ବିଷୟକ ସମସ୍ୟା ସମ୍ପର୍କରେ ଏକ ନିର୍ଣ୍ଣିତ ପଦକ୍ଷେପ ପାଇଁ ଗଠିତ ହୋଇଥିଲା 'ଅଟ୍‌ଲି ସବ୍ କମିଟି' ଯଦ୍ୱାରା ତା ୨୦.୦୯.୧୯୩୦ ରିଖରେ ସତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଘୋଷିତ ହୋଇଥିଲା ଅଟ୍‌ଲି ସବ୍‌କମିଟିର ସର୍ବସମ୍ମତି ନିଷ୍ପତ୍ତି। ୮୨ ବର୍ଷ ବୟସର ଜରାଜୀର୍ଣ୍ଣ ମଧୁବାବୁଙ୍କ ଫଟା ଓଠରେ ରେଖାଏ ଫିକାହସ ଆଙ୍କି ହୋଇଯାଇଥିଲା।

ପରବର୍ତ୍ତୀ ପର୍ଯ୍ୟାୟ ଥିଲା ଓଡ଼ିଶାର ସୀମା ନିର୍ଦ୍ଧାରଣ କଥା। ସେପ୍ଟେମ୍ବର ୧୮ ତାରିଖ ୧୯୩୧ ମସିହା ଦିନ ଭାରତ ସରକାର ନିଯୁକ୍ତ କଲେ ଓଡୋନେଲ କମିଟି ଏବଂ କମିଟି ରିପୋର୍ଟରେ ଉଲ୍ଲେଖ ଥିଲା ଯେ ସମ୍ପୃକ୍ତ ଅଞ୍ଚଳର ଅଧିବାସୀଙ୍କ ମତାମତ ଉପରେ ନିର୍ଭର କରିବ ସୀମା ନିର୍ଦ୍ଧାରଣ। ଦୁଖର କଥା, ସିଂହଭୂମି, ଓଡ଼ିଶା କଂଗ୍ରେସ ସହିତ ଥିଲେ ସୁଦ୍ଧା ବିହାର କଂଗ୍ରେସ ନେତାଙ୍କ କବଳରେ ରହିଗଲା... ଏଭଳିକି ପଣ୍ଡିତ ନୀଳକଣ୍ଠ ଦାସ କିପରି ସାକ୍ଷ୍ୟପ୍ରଦାନ କରି ନ ପାରିବେ, ସେଥିଲାଗି ଷଡ଼ଯନ୍ତ୍ର ହୋଇଥିଲା। ମଧୁବାବୁଙ୍କର ମନ ଏଇଠାରୁ କଂଗ୍ରେସ ପ୍ରତି ତିକ୍ତ ହୋଇଯାଇଥିଲା। ମଧୁବାବୁ ଶୂଳବ୍ୟାଧି ଓ ମୂତ୍ରାଶୟରେ ପ୍ରବଳ ଯନ୍ତ୍ରଣା ସତ୍ୱେ ଜନମତ ସୃଷ୍ଟି ପାଇଁ ଜାମସେଦପୁର ଓ ସିଂହଭୂମି ଯାଇଥିଲେ।

ମଧୁବାବୁଙ୍କ ପରାମର୍ଶ କ୍ରମେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ତତ୍କାଳୀନ ବଡ଼ଲାଟ୍ ଲର୍ଡ଼ ଲିନ୍‌ଲିଥେଗାଙ୍କୁ ଓଡ଼ିଶା ଦାବୀର ଯଥାର୍ଥତା ବୁଝାଇବା ପରେ ଜୟପୁର, ପାରଳାଖେମୁଣ୍ଡି ସମେତ ଗଞ୍ଜାମ ଜିଲ୍ଲା ମାନ୍ଦ୍ରାଜ ପ୍ରଦେଶରୁ ଓ ମଧ୍ୟପ୍ରଦେଶରୁ ଖରିଆର ଓଡ଼ିଶା ଡିଭିଜନ୍ ସହିତ ଏକତ୍ର ହୋଇ ଗଠିତ ହେଲା ଆଧୁନିକ ଓଡ଼ିଶା ପ୍ରଦେଶ। ଦୁଖର ବିଷୟ ଜାତୀୟ ଯୁଦ୍ଧର ପିତାମହ ଭୀଷ୍ମ ମଧୁସୂଦନ ଦାସ ସତନ୍ତ୍ର ଓଡ଼ିଶାର ସରୂପ ଦେଖିବା ପୂର୍ବରୁ ଆଖି

ସୃଜନ ସାକ୍ଷର

ସୋମବାର ୨।୧୧।୨୦୨୬

ଅକ୍ଷର
AKHYARA ODISHA ଓଡ଼ିଶା

ନ ନେଇ ବି ଦୀକ୍ଷା



ନ ନେଇ ବି ଦୀକ୍ଷା ଅନେକ ଜନତା
ପ୍ରାର୍ଥନା ଜଣାଣ ଗାଏ
ପରର ଅନିଷ୍ଟ ନିନ୍ଦା ଅପବାଦ
କରିବନି ଭାବୁ ଥାଏ ।
ଅହଙ୍କାର ପାଇଁ ମଲା ଯେ ରାବଣ
ରାମାୟଣ ପଢି ଜାଣେ
ତଥାପି ନିଜର ପଦବୀକୁ ନେଇ
ଅହଙ୍କାର ମନେ ଆଣେ ।
ମୁଁ କରିଅଛି ଯେତେକ ଉନ୍ନତି
ପୋଖରୀ କେନାଲ କୂଅ
କଥା କଥା କରେ ସଭାରେ ବସିକି
ମୋ ପରି ଅଛି କେ କୁହ ।
ସାରା ଏ ସଂସାର ଆମ ପରିବାର
ଏମିତି ଭାବନା ଆଣେ
ବିବାହ ସରିଲେ ପିତାମାତାଠାରୁ
ହୋଇଯାଏ ସିଏ ଭିନେ ।
ଗଳିକନ୍ଦି ବସି ହୋଇ ହସା ହସି
ପରନିନ୍ଦା ଗୁଣ କହେ
ଦୀକ୍ଷା ନ ନେଇ କି ଲୋଭ ଈର୍ଷା
ଧାରି
ମଣିଷ ଅଛନ୍ତି ବହେ ।
ଦୀକ୍ଷିତ ହେଉ କି ଅଦୀକ୍ଷିତ ହେଉ
ଯାହାର ସୁଗୁଣ ନାହିଁ
ମଣିଷ ପଣିଆ ରଖରେ ମଣିଆ
ଆଶିଷ ଦେବେ ସେ ସାଇଁ ।

● **ଦୀନବନ୍ଧୁ ପୋଇ**
ଗୋରଡ଼ା ପାଳ, କରମୂଳ
ଢେଙ୍କାନାଳ, ଦୂରଭାଷ
୯୯୩୮୮୦୨୪୧୨

ସେ ବୁଝେନା



ବୁଝେନାହିଁ ସିଏ ମନର ଆବେଗ
ବିଦଗ୍ଧ ପ୍ରାଣର ଭାଷା
ତା ପାଇଁକି ଏଠି ଲୁହର ଜୁଆର
ଅୟୁତେ ହୃଦୟ ଆଶାଟ
ବୁଝେନାହିଁ ସିଏ ଚଞ୍ଚଳ ମନ ମୋ
ତା ପାଇଁ ଅଟକିଯାଏ
ତା ସାଥିରେ ବିତା ସ୍ମୃତି ଫେରୁଥାଏ
ଫେରେନାହିଁ କିନ୍ତୁ ସିଏ ।

ବୁଝେନାହିଁ ସିଏ ପ୍ରତି ପଲକରେ
ଅଧୀର କରେ ତା ସ୍ମୃତି
କ୍ଳାନ୍ତ ନୟନେ ମୋ ମାୟା ମୋହ
ଜାଗେ ପାହେନାହିଁ ଅମାରାତିଟି
ବୁଝେନାହିଁ ସିଏ ଅୟଟ ମନ ମୋ
ତା ପାଇଁ ଅଧୁରା ଲାଗେ
ଇନ୍ଦ୍ରଧନୁ ଶୋଭା ଲାଗେ ମୋତେ
ଫିକା କି ଅଛି ତା ପ୍ରେମରଙ୍ଗେ !

ବୁଝେନାହିଁ ସିଏ ଅକୁହା ଦରଜ
ଛାତିତଳ ଅବସୋସ
ହଜିଲା ଦିନର କଥା ହେଜି କାହା
ଓଠରୁ ଲିଭିଛି ହସ
ବୁଝେନାହିଁ ସିଏ ବହଳ ଅନ୍ଧାରେ
ଆଖି ହଳେ କାହିଁ ଭିଜେ
ଆସିବନି ସିଏ ଜାଣି ବି ଏ ମନ
ତଥାପି ତାକୁ ହିଁ ଖୋଜେ ।

ଝୁରିବିନି ତାକୁ ଥରଟିଏ କେବେ
ଭାବୁଛି ମୁଁ ଯେତେଥର
ବୁଝନ୍ତା କି ସିଏ ମୋ ଦୁନିଆଁ ସତେ
ତା ବିନା କେତେ ଅନ୍ଧାର !

● **ମୋନାଲିସା କର**
ଓଡ଼ଗାଁ, ନୟାଗଡ଼

ନିଆଁ ଖେଳ



ଜୀବନ ଦୋଛକିର
ରାସ୍ତା ଧାରେ ଧାରେ
ଝଲମଲ ନିଆଁ.....
ସବୁବେଳେ ଜଳୁଥାଏ
କାହାର ନାଁ କାହାର
ସୁକ୍ଷ୍ମ ଅବା ସ୍ଥୂଳ ଅବୟବ.....
ଜଳନ୍ତା ବା କୁହୁଳା
ଯେମିତି ହେଉ ନିଆଁ
ନିଜେ ନଲିଭିବାଯାଏ
ଜାଳୁଥାଏ ସିଏ
ତା ସହ ଖେଳୁଥିବା
ଯେତେସବୁ ରୂପ ରଙ୍ଗ
ଛନ୍ଦ ଅବା ଗନ୍ଧର ଶରୀର ।
ଏଠି ସେଠି ସବୁଠି
ଚାଲିଛି ନିଆଁ ଖେଳ,
କୋଉଠି ପେଟରେ ନିଆଁ
ଆଉ କୋଉଠି ମନରେ
କେଉଁଠି ବନ୍ଧାପଡୁଛି
ମଣିଷର ଭାଗ୍ୟ....
ବାଜି ଲାଗୁଛି ଜୀବନ, ଯୌବନ
କିଏ ସାଜେ ରାଜା ଏଠି
କିଏ ପୁଣି ରଙ୍କି,
କେଇ ?ଗୋକ ପାଣିରେ
ଶୋଷ ମେଣ୍ଟାଇବାକୁ ଚାହୁଁଥିବା
ହନ୍ତସନ୍ତ ମଣିଷ ଗୁଡାକ
ପିଇଯାନ୍ତି ଢ଼ୋକ ଢ଼ୋକ ନିଆଁ ଓ
ପାଣି ତ ମେଣ୍ଟାଏ ଶୋଷ, କିନ୍ତୁ
ସାଗର ମଝିର ଶୋଷ
ଖୁବ ଯନ୍ତ୍ରଣା ଦାୟକ,
ଠିକ ଯେମିତି ମରୁଭୂମିରେ
ପାଣି ମିଳେନା ବୋଲି
ଓଟକୁ ପିଇବାକୁ ହୁଏ
ନିଜ ଓଠ ରକ୍ତ.....
ବେଶି ଯନ୍ତ୍ରଣାଦାୟକ
ଆତ୍ମ ଦହନର ନିଆଁ
ସେ ନିଆଁ ଲାଗିଲେ ଥରେ
ଦଗ୍ଧହୁଏ ସର୍ବାଙ୍ଗ ଶରୀର
ବଞ୍ଚି ଥାଉ ଥାଉ ଲାଗେ
ଜୀବନଟା ଛାର.... ।

● **ପରୀକ୍ଷିତ ସାହୁ**

ଅଧ୍ୟକ୍ଷ ପଞ୍ଚାୟତ ସମିତି,
ମହାବିଦ୍ୟାଳୟ, ରାଇଘର,
ନବରଙ୍ଗପୁର,
ମୋ-୯୧୭୮୮୫୧୫୭୩

କାଳବୈଶାଖୀ ଦେଉଛି ଦେଖାଇ



କାଳବୈଶାଖୀ ଦେଉଛି ଦେଖାଇ
କରାଳ ରୂପକୁ ତାର
କାଳ କୋପାନଲୁ ନାହିଁ ନିସ୍ତାର
ଆମେ ତ' ମଣିଷ ଛାର ।

କରୁଛୁ ବିକାଶ ସଭ୍ୟତା ନାମରେ
ଅବାଧରେ ବୃକ୍ଷ କାଟି
କରୁ ଲୁଣ୍ଠନ ଖଣିଜ ସମ୍ପଦ
କାନ୍ଦୁଅଛି ମାଆ ମାଟି
ଗଲାଣି ବିଗିଡି ପାଣିପାଗ ପରା
ନାହିଁ ଆମ ଟିକେ ଡର ।

କଳ କଉଶଳ କରୁଛୁ ଅନେକ
ଜିଣିବା ପାଇଁ ଏ ମହୀ
କୂଟ କପଟତା ସ୍ୱଭାବ ଆମର
ଦେଉ ଧରମର ଦ୍ୱାହି
ଭୋଗ ମରୀଚିକା ପଛେ ଧା
ଆମେ
ଅଶାନ୍ତିରେ ଜରଜର ।

କଳିର କଳୁଷ ଭରିଅଛି ବିଷ
ସାରା ଜଗତରେ ଆଜି
ବିଜ୍ଞାନୀ ମଣିଷ ହୋଇଛି ଅଜ୍ଞାନ
ପାଏନାହିଁ ପଥ ଖୋଜି
ହୁଏ ନାରଖାର ସୃଷ୍ଟି ତୁମର
ପ୍ରଭୁ ତୁମେ ରକ୍ଷାକର ।

● **ଜେନା ପ୍ରଦୀପ**

ଲକ୍ଷ୍ମୀପାଦ, ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩,
ମର୍କତନଗର(ସିଡିଏ) କଟକ,
ମୋ -୯୯୩୮୫୨୦୩୭୧

ମନ ଦେଇଥିଲି ମନୋଇ ଝିଅକୁ



ମନ ଦେଇଥିଲି ମନୋଇ ଝିଅକୁ
ମନ ଭାଙ୍ଗି ଚାଲିଗଲା ,
ସାଥେ ରହିବାକୁ କଥାଦେଇ
ମୋତେ
ସାଥିଟିଏ ବାଛିନେଲା ।।

ନୂଆ ସାଥିଟିଏ ବାଛିନେଲା ପରେ
ମୋ କଥାକୁ ଭୁଲିଗଲା ,
ମନ ଦେଇଥିଲି ମନୋଇ ଝିଅକୁ
ମନ ଭାଙ୍ଗି ଚାଲିଗଲା ।।

ଅଭିନୟ ତା'ର ବୁଝି ପାରିଲିନି
ତା ପ୍ରେମେ ଛଳନା ଥିଲା ,
ଛଳନାର ରଙ୍ଗ ମୁହେଁ ମାରିଥିଲା
ଫିକା ଆଜି ପଡିଗଲା ।।

ଭୁଲିବାକୁ ତାକୁ ପାଶେମୋର ଆସି
ସ୍ମିତ ହାସ୍ୟେ କହିଗଲା ,
ମନ ବାଢିଥିଲି ମନୋଇ ହାତରେ
ସିଏ ତାକୁ ଭାଙ୍ଗିଦେଲା ।।

ଜୀଇଁ ପାରିବନି ମୁହୂର୍ତ୍ତେ ମୋ ବିନା
କାନ୍ଦିକାନ୍ଦି କହୁଥିଲା ,
ହେଲେ ମୋ ଆଖିରେ ଲୁହଦେଇ
ସିଏ
ହସିହସି ଭୁଲିଗଲା ।।

ଅଭିନୟ ତା'ର ବୁଝି ନପାରିଲି
ଅଭିନେତ୍ରୀ ସିଏ ଥିଲା ,
ମନଦେଇଥିଲି ସେ
ଅଭିନେତ୍ରୀକୁ
ଅଭିନୟ ଶେଷକଲା ।।

● **ପ୍ରଶାନ୍ତ କୁମାର ନାୟକ**
ୟୁନିଟ୍-୫ ଭୁବନେଶ୍ୱର
ଫୋନ୍ - ୮୭୪୯୬୫୦୪୧୪

ଜୀବନ ପ୍ରଦୀପ ମୋର

ଦେହ ଠକିଲାଣି ବୟସ ଚାଲିଚି
ଆଗକୁ ଆଗକୁ ଧାଇଁ
ଜୀବନକୁ ଆସେ କାଳରାତି ମାଡି
ଆଖିକୁତ ଦିଶେ ନାହିଁ ।।
ପେଟରେ ହେଉଚି ଭୋକର ଯନ୍ତ୍ରଣା
ହେଉନାହିଁ ଜମା ସହି
ମାଗୁଚି ଦିମୁଠା ଆହାର ଗରିବ
ଗଛ ଛାଇତଳେ ରହି ।।
ଯିଏତ ଦେଖୁଛି ମୁହଁମାଡି ସେଠୁ
ପଳାଇ ଯାଉଛି ଦୂରେ
ନିରୀହ ମଣିଷ ଗାଏ ଦୁଃଖ ଗୀତ
ହତାଶ ନିରାଶ ସୁରେ ।।
ଦେଖିଲେ ଦିଶୁଛି ଆଖି ଦୁଇଟିକୁ
କିଟିମିଟି ତମ ରାତି
ଜହ୍ନ ଆଲୁଅର ରାତି ଦିଶୁନାହିଁ
କୋହରେ ଥରୁଚି ଛାତି ।।
ଗରିବ କହୁଛି ହାତଯୋଡି ପ୍ରଭୁ
ସାରିଦିଅ ଅଭିନୟ
ଏଇ ଦୁନିଆରେ କିଏ ନୁହେଁ କାର
ଦୁନିଆଟା ସାର୍ଥମୟ ।।
କାନେ ଗୁଞ୍ଜରିତ କରୁଣା ଗୀତିର
କର ପ୍ରଭୁ ଅବସାନ
ବସୋହାରା ହେଇ କାଟିବି ଜୀବନ
ଦୁନିଆରେ କେତେ ଦିନ ।।
ମରଣ ଯନ୍ତାରେ କରନାହିଁ ଆଉ
ଏ ଦୀନକୁ କଲବଲ
ଲିଭିଯାଉ ମୋର ଜୀବନ ପ୍ରଦୀପ
ଶେଷେ ହେଇ ଝଲମଲ

● **ପ୍ରଶାନ୍ତ କୁମାର ଦାଶ**

କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ, ୯୬୬୮୮୨୨୧୯୦

ସମ୍ପର୍କର ମାୟା ଜାଲ



ସମ୍ପର୍କର ମାୟା ଜାଲେ ପଡ଼ିଗଲେ
ପ୍ରାଣ ହୁଏ ଛଟପଟ
ତାହାଠାରୁ ବଳି ଏହି ଜୀବନରେ
ନାହିଁ ଆଉ ବଡ଼ କଷ୍ଟ ।

ଅଜଣା ଅଚିହ୍ନା ବ୍ୟକ୍ତି ସହିତରେ
ନବଢ଼ାଅ ଭାବ ପ୍ରୀତି
ଲୁବ୍ଧକ ପରାୟେ କୁହିତ ମନରେ
ପହଞ୍ଚାଇ ଥାଏ କ୍ଷତି ।

ପୟ ମୁଖ ବିଷ କୁମ୍ଭ ପରି ସେହି
କରେ ଭଦ୍ର ଆଚରଣ
ମନରେ ତାହାର କୁହିତ ବାସନା
କରିଥାଏ ବାସସ୍ଥାନ ।

ଧନ ଯଉବନ ମଧୁ ହରିନେଇ
ଦିଏ କେତେ ନିର୍ଯ୍ୟାତନା
ସରଳ ବିଶ୍ୱାସ ସବୁଜ ବଳୟ
ନଷ୍ଟ କରେ ପ୍ରବଞ୍ଚନା ।

ସାମାଜିକ ଗଣ ମାଧ୍ୟମରେ ଆଜି
ହୁଅନ୍ତି କେତେ ଶିକାର
କେତେ ମିଠା ମିଠା କଥା ପ୍ରୀତି
ଆଶା
ଚଖାଏ ଧଳା ଜହର ।

ସମ୍ପର୍କ ଯୋ ?ବା ଆଗରୁ ଚରିତ୍ର
ପରୀକ୍ଷା ନିରୀକ୍ଷା କର
ଅନ୍ଧ ଭାବେ ସାଥି ନକରି ଚୟନ
ଭାବି ଚିନ୍ତି କର ସ୍ଥିର ।

● **ବସନ୍ତ କୁମାର ପ୍ରଧାନ**
ହରିହରପୁର, ଛେଣ୍ଡିପଦା,
ଅନୁଗୋଳ
ମୋ:- ୭୭୩୫୬୧୧୪୮୪

ମୁଖା




ବାଘ୍ ଛାଲ୍ ପିନ୍ଧି ସିହାଁସନେ ବସି
ଶାସକ କୁଲିହା ରଜା,
ହିଁସା ଅହଁକାରେ ମଜା ମାରି କରି
ପାପର୍ ଉଡ଼େଇ ଧଜା ।
ଚିକନ୍ ଚାକନ୍ କଥା କହି କହି
ଜାନ୍ସି ଯେ ମନ୍ ମୁହି,
ଥରେ ଯଦି ଗାଦି ହାତ୍କେ
ଆଏଲେ
କେହି ନୁହେଁ ଭାଇ ଦାଇ ।
ସବୁ ଜାନି ଶୁନି ଅନ୍ଶୁନା ହେଇ
ଦେଖେ ଯେ ନିଜର୍ ସୁଖ୍,
ସତ୍କେ ଉଡ଼େଇ ଅସତ୍ ପଛ୍ରା
ପର୍ଜା ପାଉ ପଛେ ଦୁଖ୍ ।
ଯେତେ ଭାଲି ଭାଲି ମରୁଥିଲେ
ହେଲେ
ସହରେ ଜୀବନ୍ ସହ,
ତୁମେ କଲା ଭୁଲ୍ ଯେତେ ଲୁକାଲେ
ବି
ଦିସୁଥିସି ଦହ ଦହ ।
ଗାଦିଥି କୁଲିହା ବସ୍ଲେ ହେଲେ ବି
ହେବା କାଏଁ କହ ବାଘ ?
ଶିକ୍ଷା ସଭ୍ୟତା ନେ ରାଜ୍ କାଜ୍
ଚାଲୁ
ନାଇଁ ଲାଗେ କେଭେଁ ଦାଗ୍ ।

● **ସଙ୍ଗୀତା ଦିପ**

ବରଗଡ଼
ଫୋନ୍ ୭୯୯୧୦୬୫୩୩୮

ଗାର



ଗାରକୁ ନିଅନ୍ତୁନି
କେବେବି ହାଲୁକାରେ
ଚିଡା ହୋଇ
ଲାଖିଥାଏ ସିଏ କପାଳରେ !

ଭାଗ୍ୟରେଖା ହୋଇ ପୁଣି
ରହିଥାଏ ହାତ ପାପୁଲିରେ
ଜମିରେ ଟାଣି ଦେଲେ ତ
କରିଦିଏ ଭାଗ
ଖାତାରେ ଆଙ୍କିଦେଲେ
ଛାଏଁ ବନି ଯାଏ' ଦାଗ !

ଆଉ ସମ୍ପର୍କରେ ଯଦି
ଟଣା ହୁଏ ଗାର
ଆପେ ହୋଇଯାଏ ଫାଟ !

ତେଣୁ ତ'
ଗାରକୁ ନିଅନ୍ତୁନି
କେବେବି ହାଲୁକାରେ !!

● **ଡକ୍ଟର ବାଦଲ କୁମାର ତା**

ବାରିଝୋଲା,ରାୟଗଡା
୭୬୫୦୦୨

ନିଃସଙ୍ଗ ବେଳାର ସାଥୀ



ହୋଇପାରିବ କି ତୁମେ ମୋ
ନିଃସଙ୍ଗ ବେଳାର ସାଥୀ .... ?
ମତେ ଆଉ ଅନ୍ୟମନସ୍କ କରିବ
ନାହିଁ ନୀରବତାର ସ୍ୱର
ମତୁଆଲା ଭଅଁର ର ଗୁଣୁଗୁଣୁ ଗୀତ
ଶୀତଳ ଝରଣାର କୁଳୁକୁଳୁ ନାଦ
ଶରତ ଆକାଶ ଆଉ ପକ୍ଷୀ
ମାନଙ୍କର କଳରବ

ହୋଇପାରିବ କି ତୁମେ ମୋ
ନିଃସଙ୍ଗ ବେଳାର ସାଥୀ..... ?
ମୁଁ ଭୁଲିଯିବି ଅତୀତ କଥା ସବୁ
ଆଉ ଖୋଜିବିନି ମୋ
ହଜିଯାଇଥିବା ପିଲାଦିନକୁ
ମା ର ପଣତ କାନି
ଗାଁ ଦାଣ୍ଡଧୂଳିରେ ବୋହୂବୋହୂକା
ଖେଳ
କ୍ଷେତରେ ଲହଡ଼ି ମାରୁଥିବା
ପାଚିଲା ଧାନ
ପୋଖରୀ ହୁଡ଼ା ସେପାଖ ଅସ୍ତାଚଳ
ରବି

ହୋଇପାରିବ କି ତୁମେ ମୋ
ନିଃସଙ୍ଗ ବେଳାର ସାଥୀ.... ?
ମୋ ମନର ମାଲିକ
ହେବନି ଜମା ମୋ ଉପରେ
ଖପ୍ପା କି ଈର୍ଷାଳୁ
ଯୋଗାଡ଼ କରିପାରିବ କି
ଚାରିଗୋଟି ଡେଣା
ଉଡ଼ିବା ମୁଁ ବହୁଦିନରୁ ଭୁଲିଯାଇଛି

ହୋଇପାରିବ କି ତୁମେ ମୋ
ନିଃସଙ୍ଗ ବେଳାର ସାଥୀ.... ?
ମୋ ଖୁସିରେ ଖୁସି, ଦୁଃଖରେ
ବେଶୀ ଦୁଃଖୀ
ଦେଇପାରିବ କି ସମୟ ଆଉ
ସାନ୍ତ୍ୱନା ଟିକେ
ଭୁଲିଯିବି ମୁଁ ଫେସବୁକ୍ ଆଉ
ହ୍ୱାଟସଆପ ର ଅଳୀକ ଦୁନିଆ
କେବଳ ତୁମେ ଆଉ ମୁଁ
ଶୁଣିବି ତୁମକୁ..... ମନଭରି

● **ଡକ୍ଟର ଜ୍ୟୋତି ରଞ୍ଜନ ସାମନ୍ତରାୟ**

ଅତିରିକ୍ତ ଆରକ୍ଷୀ
ଅଧୀକ୍ଷକ, ନୟାଗଡ଼

ମଧୁର ବଚନ



ମଧୁର ବଚନ ଆସନ ଉଚ୍ଚରେ
ଦେଇଥାଏ ଉଚ୍ଚାସନ,
ମଧୁର ବଚନ ସୁ ସମ୍ପର୍କ ଗଢ଼ଏ
ଦୂର ହୁଏ ଅଭିମାନ ।

କଟୁକଥା ତିକ୍ତ ସମ୍ପର୍କର ମୂଳ
କଣ୍ଟା ବାଡେ ଲୁଗା ପରି,
ସୁଖ ଶାନ୍ତି ସବୁ ଦୂର କରିଦେଇ
କରିଦିଏ ଅନ୍ଧ ପରି ।

ମଧୁର କଥାରେ ସର୍ବେ ବଶୀଭୂତ
ଶତ୍ରୁ ହୋଇ ଆନ୍ତି ମିତ,
ଯୁଗ ଯୁଗ ପାଇଁ କଥା ରହିଯାଏ
ଝୁରୁ ଥାଏ ଯେ ଜଗତ ।

ଟଙ୍କା ଦେଇ ସବୁ କିଣା ଯାଇପାରେ
ସମ୍ପର୍କ ହୁଏନି କିଣି,
ମଧୁର ବଚନେ ଭଲ ଯେ ପାଇବ
ହୃଦୟ କୁ ନେବ ଜିଣି

ଜିଭ ଧାରେ ଛୁରୀ ବିନା ରକ୍ତପାତେ
ହତ୍ୟା କରିଦେଇ ପାରେ
କଟୁ ଶବ୍ଦ ଯଦି ଆପରେ କହିଲେ
ହୃଦୟ ରୁ ରକ୍ତ ଝରେ ।

ପାହାର ଆଘାତ ସହିପାରେ ନର
ସହେନି କଥା ଆଘାତ,
ହସି ହସି ନମ୍ର ମଧୁର ବଚନ
ସବୁ କାର୍ଯ୍ୟ ସିଦ୍ଧ ହୁଏ ସତ ।

ମଧୁର ବଚନେ ପରକୁ ଆପଣା
କରିହୁଏ ଦିବ୍ୟ ସତ,
ମଧୁର ବଚନେ ଗଢ଼ି ହୋଇଯାଏ
ଏକ ହି ସାରା ଜଗତ

● **ଅନୁପମା ପଣ୍ଡା**
ସମ୍ବଲପୁର


ପ୍ରଜାପତି



ସେଦିନ ସକାଳ ସମୟରେ
ସତ୍ୟପ୍ରକାଶ ପାର୍କ ର
ସିମେଣ୍ଟ ବେଞ୍ଚ ରେ ବସି
ଫୁଲ ଗଛମାନଙ୍କରେ ପ୍ରସ୍ଫୁଟିତ ବିଭିନ୍ନ
ଢଂଗ ର ଫୁଲ ଦେଖି ଖୁସି ଅନୁଭବ
କରୁଥିଲେ ଓ ମନେ ମନେ ପ୍ରକୃତି କୁ
ପ୍ରଶଂସା କରୁଥିଲେ ତା'ର ସର୍ଜନା ପାଇଁ ।
ଏ ସମୟରେ ପ୍ରଜାପତି ଟିଏ ଆସି
ସେ ଫୁଲ ମାନଙ୍କ ମେଳ ରେ ସେ
ବି ମିଶିଗଲା, ଇଆଡେ ସେଆଡେ
ଉଡି ବୁଲିଲା ସେ ସୌନ୍ଦର୍ଯ୍ୟ ରେ
ସତ୍ୟପ୍ରକାଶ ହେଲେ ଆହୁରି ବିମୋହିତ,
ଭାବ ପ୍ରବଣ ବି ହେଲେ ।
ଚିନ୍ତା କଲେ ' ପ୍ରଜାପତି ର ଜନ୍ମ ବୃତ୍ତାନ୍ତ
ଓ ତା'ର ଙ୍ଗଭରା ଡେଣା କଥା' ।
ତାଙ୍କ ଭାବନାର ଅନ୍ତ ଘଟିଲା
ଯେତେବେଳେ ଅନେକ ଲୋକଙ୍କ
ଆଗମନ ହେଲା ସେ ସ୍ଥାନକୁ
'ପ୍ରଜାପତି' ବି କୁଆଡେ ଉଡିଗଲା ଯେ
ଆଉ ଦୃଷ୍ଟିଗୋଚର ହେଲା ନାହିଁ !

● **ଡ.ମାହେଶ୍ୱରୀ ପ୍ରସାଦ**
ପାଣିଗ୍ରାହୀ, ସମ୍ବଲପୁର

ସତ୍ ସାହିତ୍ୟ



ଏଥର 'ସତ୍ ସାହିତ୍ୟ' କ୍ରମରେ ସକୀୟ ସୃଜନ ଉତ୍କର୍ଷ ଓ ଆଧାତ୍ମିକତା ପାଇଁ ସୁଖ୍ୟାତ ସାରସ୍ୱତ ବ୍ୟକ୍ତିତ୍ୱ ଡକ୍ଟର ପ୍ରଦୀପ କୁମାର ଚୌଧୁରୀଙ୍କ 'ବାସ୍ତବତା' ବିଷୟକ ସଂକ୍ଷିପ୍ତ ଅଥଚ ସାଗଗର୍ଭକ ଉପସ୍ଥାପନା !!

ବାସ୍ତବତା

ଜୀବନର ସବୁ ସପ୍ନ ସରିଯିବା ପରେ ଯାହା
କିଛି ରହିଯାଏ,ତାହା ହେଲା ବାସ୍ତବତା !!
-ଡକ୍ଟର ପ୍ରଦୀପ କୁମାର ଚୌଧୁରୀ
ଭି ଏ ୩୪/୪, ୟୁନିଟ: ୨, ଭୁବନେଶ୍ୱର: ୭୫୧୦୦୯

କବିତା ଓ ଗାଳି

ଧାଡ଼ିଏ ଗପ



କବିତା ପାଠୋତ୍ସବରେ
କବିତା ପାଠ ପାଇଁ ପହଞ୍ଚିବା
ମାତ୍ରେ ତାଙ୍କୁ ଦେଖି ଗୋଟେ
କ୍ରୁର ହସ ହସି 'ଏଁ , ତମେ
ବି କବିତା ଲେଖିଲଣି ? 'କହି
ଏକରକମ ଗାଳି ଦେଇଥିଲେ
ସହରର ଜଣେ ନାମୀ
ମଦ ବ୍ୟବସାୟୀ ଭାବେ
ସୁପରିଚିତ ହୋଇଥିବା
ସତ୍ତ୍ୱେ ମଧ୍ୟେ ମଧ୍ୟେ କବିତା ପାଠୋତ୍ସବ ମାନ ଆୟୋଜନ
କରି ଆସୁଥିବା ସେହି ମହାନ ସାହିତ୍ୟିକ ଜଣକ !
-ସତ୍ୟନାରାୟଣ ଗନ୍ତାୟତ
'ସୁହାସିତମ୍', କସ୍ତୁରୀ ନଗର, ରାୟଗଡା: ୭୬୫୦୦୧

ମେଲାଣି



ଅପେକ୍ଷା ପାଇଁ ମୋର ନାହିଁ
ଆଉ
ତିଳେ ମାତ୍ର ଧୈର୍ଯ୍ୟ
ପୂରୁବ ଦିଗରୁ ଦେଖ
ସିନ୍ଦୁରା ଫଟେଇ
ଉଇଁ ଆସିଲାଣି ସୂର୍ଯ୍ୟ ।

ଏବେ ନେବାକୁ ହେବ
ମେଲାଣି
ବହି ଯାଉଛି ଦେଖ
ମହାନଦୀର ପାଣି ଭଳି
ସମୟ ଉଜାଣି ।

ତମ ସହ ମୋର ନିଶ୍ଚୟ
ଦେଖାହେବ ଆଉ ଦିନେ
ଯେତେବେଳେ ସକାଳ
ଖୋଲୁଥିବ ତା ମୁଖ୍ୟ ଦ୍ୱାରର
ଛିଟିକିଣି
ସେତେବେଳେ
ମୁଁ ତୁମର ମନେଥିବି ନାଁ
ନାଇଁ କେଜାଣି ।

ଏବେ ତେଣୁ ମାଗୁଛି ଦିଅ
ଚିର ମେଲାଣି ।

● **ରୋହିତ ଦାଶ,**
ବରଗଡ

ବିଧବା



ଲୁଟି ନେଇଛି କେ ଫୁଲଫୁଟା ହସ
ଲହୁଲୁହ ବରଷାଇ,
ଆଖିରେ ନାହିଁ ତା ସୁନେଲୀ ସପନ
ଅପେକ୍ଷା ମରଣ ଛାଇ ।
ରଙ୍ଗୀନ ଶାଢୀର ତୀବ୍ର ଉପହାସ
ରାତିରେ ଲଗାଏ ନିଆଁ,
କପାଳ ଶ୍ରୀହୀନ କ୍ଷେତର ବିଳାପ କ୍ରୁର
ନିଦାଘର ଛୁଆଁ ।

ସଧବା ବିଶ୍ୱରେ ଅଜାତି ମଣିଷ ଶ୍ରଦ୍ଧା ଧାଡିରେ ସେ ନାହିଁ,
ନାଲି ଆଖିର ସେ ଚାହାଣୀ ତାଡିରେ ନିବି ? ଦୁଃଖର ବହି ।
ସାମନ୍ତବାଦର ଘୋଷଣାନାମାରେ ସୀମାହୀନ କଟକଣା,
ତମସା ଶେଜରେ ଗୁମୁରି କାନ୍ଦୁଛି ତା ଅନ୍ତର ମଧୁବୀଣା ।

ବାଦଲ ଫାଙ୍କରୁ ଦିଶୁଛି ବଦନ ବେଦନା ଜର୍ଜର କେତେ,
ଅନ୍ଧ ଦୁନିଆଁରେ ଅଧିକାର ତାର ଦଗଧ୍ ଅନଳ ସ୍ରୋତେ ।
ଚଉରା ମୂଳର ନୁହେଁ ଦୀପାଳୀ ସେ ଚିରକାଳ ଛିନ୍ନ ଭାବ,
ପୂଜା ଆରାଧନା ତା ପାଇଁ ଅଲୋଡା ପଳାଶ ଫୁଲର ରଙ୍ଗ ।

ବିଷମ ଦୃଷ୍ଟିର କୋପରେ ଜଳୁଛି ବିଧବାର ହୃଦଘର,
ସାଜିବ କିଏ ସେ ଶଶିର ସରାଗେ ଶୀତଳ ଜ୍ୟୋସ୍ନାର ଝର ?

● **ସୁଜିତ କୁମାର ମିଶ୍ର**

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
୭୬୮୩୮୬୭୭୪୨

କଥା ସବୁ ଗୁପତେ ଅଛି

ଆୟୁଷ ନଈର ବୟସ ସ୍ରୋତରେ
ଅଙ୍କଳିତ ମୋ ଅୟୁତ ବ୍ୟଥା
ନୀରବତା ମେଳେ ପିଇଛି ଗରଳ
ଅସମାହିତ ସେ ଗଭୀର କଥା
ଲୁହରେ ଲେଖା ମୋ ଶତ କାହାଣୀ
ହାରିନି କଦାପି ଅଥଳ ତିତିକ୍ଷା
ସମାଜେ ଆଙ୍କିଛି ଆତ୍ମସରଣୀ ।
ସାର୍ଥସର୍ବସର ଅନେକ ସଂପର୍କ
ଦୁର୍ଦ୍ଦଶାରେ କେବେ ହୋଇନି ମିତ
ଅବସାଦ ଘେରା ଅସୀମ ମୁହୂର୍ତ୍ତେ
ଫେରାଇ ନେଇଛି ହ ?ଦୟ ବିତ୍ତ
ଆକାଶେ କୋହରେ ବାହିଛି ନାଆ
ଅନୁଭବ ଅନୁଭୂତି ସାଇତିଛି
ଅସହିଷ୍ଣୁତାର ଅଜସ୍ର ବାଆ ।
ନିଜର ହୋଇଛି ଅବିଳମ୍ବେ ପର
ନିରୀହ ମନରେ ଦେଇ ଆଘାତ
ସାହାଯ୍ୟକୁ ମୋର କରି ପଦାଘାତ
ହ ?ଦୟକୁ କରିଛି ଶତ କ୍ଷତାକ୍ତ
ନିର୍ଜନ ବେଳାରେ ନୀରବେ ବସି
ପ୍ରାରବ୍ଧ କର୍ମକୁ ପିଉଛି ନିରତେ
ଅସାର ନିୟତି ମୋ ହସିହସି ।

ଗୋପନ ସିନ୍ଦୂକେ ରହିଛି ରହିବ
ହୃଦୟ ତଳର ଅବ୍ୟକ୍ତ କ୍ଷତ
ଆଜୀବନ ସ୍ମୃତି ଆଣୁଥିବ ଭୀତି
ମରମକୁ ମୋର କରି ଆହତ
ସହିବା ଶକତି ଅତୁଟ ରଖି
ଭଗ୍ନ ସାହସକୁ ଅନ୍ତରରେ ଯୋଡି
ଉଡୁଥିବ ନଭେ ଅଭ୍ୟସ୍ତ ପକ୍ଷୀ ।

● **ପାରମିତା ପଟ୍ଟନାୟକ**
ଭାପୁର ନୟାଗଡ


ଉପସ୍ଥାପନା
ନିରଞ୍ଜନ ନାୟକ
ମୋ: ୯୪୩୭୩୧୭୪୧୭

ସୃଜନ ସାକ୍ଷର

ରବିବାର ୧।୧୧।୨୦୨୬

ଅକ୍ଷର
AKHYARA ODISHA ଓଡ଼ିଶା

ଅନ୍ଧାର



● ଡକ୍ଟର ସୁଷମା ମିଶ୍ର


ଫୋନ୍ କଲେ ମୋ ଝିଆରୀ । ବଡ ନାନୀ ଓ ବଡ ଦେଢ଼ଶୁରଙ୍କର ଗୋଟିଏ ବୋଲି ଝିଅ । ଏକା ସହରରେ ରହୁଥିବାରୁ ପରସ୍ପର ସୁଖ ଦୁଃଖରେ ଆମେ ଅଧିକ ସମ୍ପର୍କିତ । ମୋ ଶାଶୁଙ୍କ ମୃତ୍ୟୁ ହେବାର ମାସଟିଏ ମାତ୍ର ଯାଇଚି । ତେଣୁ ଝିଆରୀ ରିତୁ ଫୋନ୍ କରିଥିଲେ । ରିତୁ ମୋଠୁ ଜାଣିଲେ ଯେ ତାଙ୍କ କକା ଅଫିସରୁ ଓ ଦୁଇ ଭଉଣୀ ଟ୍ୟୁସନ୍‌ରୁ ଫେରି ନାହାନ୍ତି । ବଙ୍ଗଳା ପରି ଆମ କ୍ୱର୍ଟର । ଘର ଚାରିପାଖ ଆମ୍ବ, ପଣସ, ଜାମୁ, ଶାଳ ଆଦି ଗଛରେ ଭର୍ତ୍ତି । ସନ୍ଧ୍ୟାର କ୍ଷୀଣ ଆଲୋକରେ ଘରର ପରିସର ଭୌତିକ ଭୌତିକ ଲାଗେ । ରିତୁ ପଚାରିଲେ, ଖୁଡୀ, ତମେ ଏକା ଅଛ ? ମୁଁ ମଜା କରି କହିଦେଲି, ଆରେ ମୁଁ ଏକା ନାହିଁ ମ । ତେବେ ଆଉ କିଏ ଅଛି ? ମୋ ସାଙ୍ଗରେ ଅନ୍ଧାର ଅଛି ପରା । ହେ ଭଗବାନ, ଅନ୍ଧାରରେ ତୁମେ ଏକା ଅଛ ତୁମକୁ ଡର ଲାଗୁନି ? ପୁଣି ଜେଜେମା ଏବେ ଏବେ ମରିଚିନା । ତାଙ୍କ କଥା ଶୁଣି ଡରରେ ମୋ ଛାତି ଧଡ଼ ଧଡ଼ ହେଲା ।ତଥାପି କହିଲି, ‘ସେଇ ତ ମତେ ଜଗିଛନ୍ତି , ମାନେ ତୁମରି ଜେଜେ ମା’ ଅନ୍ଧାର ଭିତରେ ଅଛନ୍ତି ନା ! ମୁଁ ଡରିବି କାହିଁକି ?’ ଆଉ କଣ ଟିକେ କଥା ହୋଇ ସେ ଫୋନ୍ ରଖି ଦେଲେ । ମୁଁ କହି ଦେଇଥିବା ମୋ କଥାରେ ମୋତେ କିଛୁ ହଠାତ୍ ଏତେ ଡର ଲାଗିଲା ଯେ ମୁଁ ପ୍ରାୟ ଥରିବାକୁ ଲାଗିଲି । ବିଚଳିତ ହୋଇ ଶେଷରେ ବାଲକୋନୀରେ ଥିବା କୁକୁର ରକିକୁ ଆମ ଶୋଇବା ଘରକୁ ନେଇ ଆସିଲି । ଯଦିଓ ମୋର କୁକୁର ପ୍ରତି ଆସକ୍ତି ନାହିଁ ବୋଲି ମୁଁ ତାକୁ ଜମାରୁ ଘରେ ପଶାଇ ଦିଏନି । ଏବେ କିନ୍ତୁ ଭୟରୁ ମୁକ୍ତି ପାଇବାକୁ ତାକୁ ଆଣିଲି ଘର ଭିତରକୁ । ଯାହା ହେଲେବି ଜୀବ ସତ୍ତା ନା ! ମୁଁ ତାକୁ ଡାକିଲି ’ଏଇ ରକି...’ ସେ ମୋତେ ଚାହିଁ ତା’ ଲାଞ୍ଜୁଡ଼ ହଲାଇବାକୁ ଲାଗିଲା । ମୋ ଡର ଟିକେ ଥମିଗଲା । କିଛି ସମୟ ପରେ ରକି ତା ବସିବା ଜାଗାରୁ ଉଠି ଠିଆ ହୋଇ ପଡ଼ିଲା । ଗୋଟିଏ ନିର୍ଦ୍ଦିଷ୍ଟ ଦିଗକୁ ଚାହିଁ ରହିଲା । ନିବୁଜ ଘରେ କଣ ଦେଖୁଚି ରକି ? ମୋର ମନେ ପଡିଲା ଜିଦି କରି କୁକୁର ରଖିଥିବା ମୋ ସାନ ଝିଅ କହୁଥିଲାଯେ କୁକୁରମାନେ କୁଆଡେ ଭୂତ ପ୍ରେତ ଦେଖି ପାରନ୍ତି । ରକି କଣ କିଛି ଦେଖି ପାରୁଛି ? ’ଏଇ ରକି , କଣ ହେଲା’ ? ମତେ ଚାହିଁ ଦେଇ ସାଙ୍ଗେ ସାଙ୍ଗେ ରକି ମୁହଁ ବୁଲାଇ ଭୁକିବାକୁ ଲାଗିଲା ।କେହି ଅଚିହ୍ନା ଲୋକ ଆସିଲେ କିମ୍ବା ଚିହ୍ନା ଲୋକ ଦେଖିଲେ ଯେମିତି ଭୁକେ, ସେପରି ନୁହଁ । ତାର ଅଜବ ଢଙ୍ଗରେ ଭୁକିବା ମତେ ଆହୁରି ଭୟଭୀତ କରିଦେଲା । ସେ ଏକ ଲୟରେ ଯେଉଁ ଦିଗକୁ ଚାହିଁ ରହିଥିଲା ସେହି ଦିଗରେ କାଳେ କିଏ ଅଛି ଭାବି ମୁଁ ଡରି ଡରି ଚାହିଁ ରହିଲି । ମୋତେ କିଛି ଦିଶିଲାନି । ଭାବିଲି ବୋଉ ଆଉ ଠିଆ ହୋଇ ନାହାନ୍ତି ତ ! ବୋଉ ଆସି ଦେଖା ଦେବେ କି ? ଭାବିଲି ସିଏ ନ ଦିଶନ୍ତୁ । ଯଦି ଦେଖା ଦେବେତ ମୁଁ ଡରିକି ମରିଯିବି । ଏଥର ଚାରିଆଡ଼େ ମୋତେ ବୋଉ ଦିଶିଲେ । ଦାଉ ସାଧିଲା ପରି ସେତିକି ବେଳକୁ ମାଡ଼ି ଆସିଲା ପବନର ଗର୍ଜନ ସହ ବର୍ଷା । ଇଲେକ୍ଟ୍ରିକ ଲାଇନ୍ କଟିଗଲା । ଇନ୍ ଭର୍ଟରରେ ଲାଇଟ୍ ଜଳିବା କଥା ,ଅଥଚ କଣ ଗୋଟେ ଯାନ୍ତ୍ରିକ ଶବ୍ଦ ହୋଇ ଲାଇଟ୍ ଲିଭିଗଲା ।ସନ୍ଧ୍ୟା ବେଳଟା ଲାଗିଲା ଯେମିତି ନିଶୂନ ଅଧା ରାତି ।।ଥାଇ ଥାଇ ରକିର ଭୁକା ଓ ଛାଇ ଯାଇଥିବା ନିରବତାର ଏକ ଅଦ୍ଭୁତ କୁହାଟ ସାଙ୍ଗକୁ ସେଇ ବହଳ ଅନ୍ଧାର ଭିତରେ ସତେ ଅବା ମୁଁ ଅଣନିଃଶ୍ୱାସୀ ହୋଇ ଯିବି । ତଥାପି ମୋ ଥରିଲା ହାତରେ ଧରିଥିବା ମୋବାଇଲର ଟର୍ଚ୍ଚ ଟିପି ଦେଇ ହନୁମାନ ଚାଳିଶା ଗାଇବାକୁ ଲାଗିଲି । ସେତେବେଳକୁ ରକି ଝର୍କା ପାଖକୁ ଯାଇ ଯୋର୍ ରେ ଭୁକିଲା । ଫୋନ୍ କରି ଘର ପଛ ପାଖରେ ଥିବା ସୋନାଲି ଭାଉଜଙ୍କୁ ଡାକିବି ବୋଲି ଭାବୁଚି କିଏ ଗୋଟେ ଝର୍କା ବାଡେଇବା ପରି ଶବ୍ଦ ଶୁଭିଲା । କିଏ ହେଇଥିବ ? କାନେଇକି ଶୁଣିଲି ମୋ ଦୁଇ ଝିଅଙ୍କ ସର । ‘ମମି କବାଟ ଖୋଲ । ଶୀଘ୍ର କବାଟ ଖୋଲ ମମି’ । ମୋ ପିଣ୍ଡରେ ଯେମିତି ପ୍ରାଣ ପଶିଲା । ରକି ତା’ ହେଲେ କେତେବେଳୁ ଶୁଂଘିକି ଜାଣି ଗଲାଣି ପିଲାଙ୍କ ଆସିବା କଥା । ଶୋଇବା ଘର କବାଟ ଖୋଲୁ ଖୋଲୁ ଏଡେ ବେଗରେ ସିଏ ଧାଇଁଗଲା ଦାଣ୍ଡ ଘରକୁଯେ ଲାଗିଲା ସତରେ ଯେମିତି ସିଏ ମୋ ଦୁଇ ଝିଅଙ୍କର ମାଆ । ତାକୁ ‘ହେ ଯା ମୋ ବାଟରୁ’ କହି କୋହ ଭରା ଆବେଗରେ କବାଟ ଖୋଲି ଦେଇ ପିଲାଙ୍କୁ ଧରି ଆଗ ବହେ କାନ୍ଦି ପକେଇଲି । ନିମି ଭିତର ଘରକୁ ଯାଇ ମହମବତୀ ଆଣିଲା । ସିମି ମୋତେ ବୋଧ ଦେଇ କହିଲା,’ ଆରେ ମମି ଆମେ ଖାଲି ଯାହା ଓଦା ହୋଇଗଲୁ । ତୁ ଏତେ ବ୍ୟସ୍ତ କଣ ହେଉଚୁ, ଏମିତି କାନ୍ଦି ପକାଉଚୁ’ ? ମୁଁ କାନ୍ଦି ପକାଇବାର କାରଣ ସେତେବେଳେ ନା ଥିଲା ଦୁଇ ଝିଅଙ୍କ ପାଇଁ ନା ଥିଲା ମୋ ଅହେତୁକ ଡର ପାଇଁ । ପ୍ରକୃତିସ୍ଥ ହେବା ପରେ ମତେ ବହୁତ୍ ଖରାପ ଲାଗିଲା ଯେ ମୋ ନିଜ ଶାଶୁଙ୍କ ଅବର୍ତ୍ତମାନକୁ ନେଇ ମୁଁ ଏମିତି ଡରିଲି । ସେ ଯଦି ଶରୀର ନେଇ ମୋ ଆଗରେ ଆବିର୍ଭାବ ହୋଇଯିବେ ମୁଁ ବଞ୍ଚି ପାରିବିନି ଭାବିଲି, ହେଲେ ଦିନ ଥିଲା ତାଙ୍କ ବିନା ମୁଁ ବଞ୍ଚି ପାରୁନଥିଲି । ମୋ ସ୍ୱାମୀ ତାଙ୍କ ଚାକିରି ସ୍ଥାନରେ ରହି ଘରକୁ ଯିବା ଆସିବା କରୁଥିଲେ । ପିଲାଙ୍କ ପଢ଼ିବା ସୁବିଧା ପାଇଁ ଆମେ ଗୋଟିଏ ଜାଗାରେ ରହୁଥିଲୁ । ଦୁଇ ଝିଅ ବଡ ହେବା ପର୍ଯ୍ୟନ୍ତ ଇଏ ନ ଥିବା ବେଳେ ଶାଶୁଙ୍କୁ ଆମ ଖଟରେ ଶୋଇବା ପାଇଁ ମୁଁ ବାଧ କରୁଥିଲି । ପ୍ରଥମେ ପ୍ରଥମେ ‘ପୁଅ ବୋହୂଙ୍କ ଖଟରେ କ’ଣ ଶୁଅନ୍ତି’ କହି ସେ ବାରଣ କରୁଥିଲେବି ପରେ ଏହା ତାଙ୍କର ଅଭ୍ୟାସରେ ପରିଣତ ହୋଇ ଯାଇଥିଲା । ଏମିତିକି କେବଳ ମୋତେ ଜଗି ରହିବେ ବୋଲି ବୋଉ କାର୍ତ୍ତିକ ମାସରେ ପୁରୀ ଯିବା ବି ଛାଡ଼ି ଦେଇଥିଲେ । ଆଜି ସେ ଇହଧାମ ତ୍ୟାଗ କଲାପରେ ମୋ ଆଖିରେ ପୁଣି ଅଶରୀରୀ ! ତାଙ୍କୁ ଏଇ ଟିକକ ଆଗରୁ ଅତୃପ୍ତ ଆତ୍ମା , ଭୂତ ପ୍ରେତ କଣ ସବୁ ଭାବି ନ ଦେଲି ।।ମୋର ଏପରି ଅସଙ୍ଗତ ଭାବନା କାହା ଆଗରେବି କହିବା ଠିକ୍ ହେବନି । ରିତୁଙ୍କୁ ତ ଜମାରୁ କହିବିନି । ସେ ମୋର ଓ ତାଙ୍କ ଜେଜେମାଆଙ୍କର ମଜା ଉଡେଇବେ ଯାହା ମତେ ଭଲ ଲାଗିବନି । ମନ ତଳେ ସ୍ନେହ ଛଳ ଛଳ ମାତୃ ମୂର୍ତ୍ତି ମୋ ଶାଶୁଙ୍କ ପାଖରେ କ୍ଷମା ପ୍ରାର୍ଥନା କଲି । ଶାଶୁଙ୍କ ଦେବୀ ପ୍ରତିମା ପରି ଚେହେରା ଆଖିରେ ନାଚିଗଲା । ସେ ବଞ୍ଚି ଥିବାବେଳେ ମୁଁ କେତେଥର ତାଙ୍କୁ କହେ,’ ବୋଉ, ଆପଣ ସତରେ ଘରର ଲକ୍ଷ୍ମୀ ,ଆଉ ଆପଣ ହିଁ ମା ଦୁର୍ଗା ! ବୋଉଙ୍କ ପୂଜାର୍ଚ୍ଚନାରେ ଆମ ଘରର ଭିତର ବାହାର ସବୁବେଳେ ନିର୍ମଳ । ଘରକୁ କେହି ଅତିଥି ଆସିଗଲେ ସେ ଯେମିତି ହେଲେ ଖାଇବାକୁ ଦେଇ ଛାଡ଼ିବେ । ସେ ଲକ୍ଷ୍ମୀ ପ୍ରତିମା ନୁହଁନ୍ତି ତ ଆଉ କିଏ ହୁଅନ୍ତା ? ବୋଉଙ୍କ କର୍ମ ପ୍ରବଣତା ଯୋଗୁ ତାଙ୍କରି ପଣତ ଧରି ମୁଁ ଚଳି ଆସିଲି ସୁନାନାକୀ ବୋହୂର ପରିଚୟ ଧରି । ଆମେ ଶାଶୁବୋହୂ ପର ଗାଆଁରେ କ’ଣ ଚଳି ପାରିଥା’ନ୍ତୁ, ଅଧା ସମୟ ଯାଙ୍କ ଅନୁପସ୍ଥିତିରେ ! କେବଳ ବୋଉଙ୍କ ଅସୀମ ସାହସ ପାଇଁ କୌଣସି ଦୁର୍ଜନ ଆମର କିଛି କ୍ଷତି କରି ନାହାନ୍ତି । ଦୁର୍ଗା ମାଙ୍କ ପରି ଦୂର୍ଗତିନାଶିନୀ ବୋଉଙ୍କର ସ୍ମୃତି ମୋ ଭିତରେ ଜୀବନ୍ତ ହୋଇଗଲା । ଏଇ ଟିକକ ଆଗରୁ ବୋଉଙ୍କୁ ପୁଣି ମୁଁ ଡ଼ରୁଥିଲି ! ମୋ ଡରିବା କଥା ସେଦିନ ପିଲାଙ୍କୁ କହି ନଥିଲି । ସେଇ ଭୟଙ୍କର ଅନ୍ଧାର ରାତିର ଅନୁଭୂତି ମନେ ପଡିଲେ ଏବେ ମୁଁ ନିଜକୁ ନେଇ ହସେ । ଭୟର ଅନ୍ଧାର ପ୍ରକୃତରେ ନିଜ ଭିତରେ ହିଁ ଥାଏ ବୋଲି ନିଜକୁ ନିଜେ କହେ । ହେଲେ ନିଜକୁ କୋଉ ସୁଧାରି ପାରିଲିଯେ ?

‘ସ୍ପନ୍ଦନ’, ଏମ୍ ଆଇ ଜି-୩୯,
ଖଣ୍ଡଗିରି ଏନକ୍ଲେଭ୍,
ଭୁବନେଶ୍ୱର- ୭୫୧୦୩୦

ରାମଲାଲାଙ୍କ ସୂର୍ଯ୍ୟ ତିଳକ ପଛର ବିଜ୍ଞାନ




ଅଧ୍ୟାପକ ରାଜେଶ ରାୟ
ଜୟପୁର
୬୩୭୧୫୫୫୯୪୦



ରାମନବମୀ ଦିନ ଅଯୋଧ୍ୟାରେ ଥିବା ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିରରେ ପୂଜାର୍ଚ୍ଚନା ଅତି ଜାକଜମକରେ ହେବାସହ ‘ସୂର୍ଯ୍ୟ ତିଳକ’ ନାମକ ଅଲୌକିକ ବିଧି ସମ୍ପନ୍ନ ହୋଇଛି ଯାହା ବିଜ୍ଞାନ ଓ ଆଧ୍ୟାତ୍ମିକତାର ଏକ ଅପୂର୍ବ ସମିଶ୍ରଣ । ମନ୍ଦିରର ୪ଟି ମହଲା ରହିଥିବା ବେଳେ କିପରି ଗର୍ଭଗୃହ ଭିତରେ ସୂର୍ଯ୍ୟକିରଣ ପ୍ରବେଶ କରି ରାମଲାଲାଙ୍କ କପାଳରେ ପଡୁଛି ତାହା ଦେଖିବାକୁ ଯେତିକି ଆଶ୍ଚର୍ଯ୍ୟକର ସେତିକି ଆକର୍ଷଣୀୟ । ଆଧୁନିକ ବିଜ୍ଞାନର କୌଶଳ ବିଦ୍ୟାକୁ ପ୍ରୟୋଗକରି ୫.୮ ସେଣ୍ଟିମିଟରର ସୂର୍ଯ୍ୟକିରଣକୁ ମନ୍ଦିର ଗର୍ଭ ଗୃହକୁ ପ୍ରବେଶ କରିବା ପାଇଁ ଦର୍ପଣ ଏବଂ ଲେନ୍ସ ମିଶ୍ରିତ ଯନ୍ତ୍ରକୁ ବ୍ୟବହାର କରାଯାଇଛି । ଏହି ଅଦ୍ଭୁତ ଘଟଣାକୁ ହାସଲ କରିବା ପାଇଁ ଉତ୍ତରାଖଣ୍ଡ ଥିବା କେନ୍ଦ୍ରୀୟ ଭବନ ଗବେଷଣା ସଂସ୍ଥାନ (CBRI) , ବାଙ୍ଗାଲୋରରେ ଥିବା ଭାରତୀୟ ଖଗୋଳ ଭୌତିକ ବିଜ୍ଞାନ ସଂସ୍ଥାନ (IIA) , ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ, ରୂର୍କେର ମିଳିତ ଉଦ୍ୟମରେ ଏକ ଯନ୍ତ୍ରକୁ ନିର୍ମାଣ କରାଯାଇଛି ଯାହାର ନାମ ‘ସୂର୍ଯ୍ୟ ତିଳକ ଯନ୍ତ୍ର’ । ସୂର୍ଯ୍ୟ ତିଳକ ପଛରେ ଆଲୋକ ଯାନ୍ତ୍ରିକ ପ୍ରଣାଳୀ ବା ଅପ୍ଟୋ ମେକାନିକାଲ ସିଷ୍ଟମ କାମ କରୁଛି ଯାହା ଆଲୋକ ବିଜ୍ଞାନ ଏବଂ ଯାନ୍ତ୍ରିକ ବିଜ୍ଞାନର ସମିଶ୍ରଣ । ଏହି ପ୍ରଣାଳୀରେ ୪ଟି ଉଚ୍ଚ କ୍ଷମତା ସମ୍ପନ୍ନ ଦୀର୍ଘସ୍ଥାୟୀ ଦର୍ପଣ ଏବଂ ଲେନ୍ସକୁ ଢଳନ ବ୍ୟବସ୍ଥା ଦ୍ୱାରା ନଳୀ ସାହାର୍ଯ୍ୟରେ ମନ୍ଦିରର ୪ଟି ମହଲାର ବିଭିନ୍ନ କୋଣରେ ଦିଗ ଅନୁଯାୟୀ ଖଞ୍ଜା ଯାଇଛି । ଏହି ଯନ୍ତ୍ର ସୂର୍ଯ୍ୟଙ୍କ ରତୁ ଜନିତ ଗତି ଏବଂ ମେଟୋନିକ ଚକ୍ରକୁ ସଠିକ୍ ଭାବେ ଅନୁସରଣ କରୁଛି । ପ୍ରତିବର୍ଷ ରାମନବମୀ ଦିନ ଠିକ୍ ମଧ୍ୟାହ୍ନ ୧୨ ଟା ରେ ସୂର୍ଯ୍ୟ ସଠିକ୍ ସ୍ଥାନକୁ ଗତି କରିବା ପରେ ସୂର୍ଯ୍ୟ କିରଣ ପ୍ରଥମ ଦର୍ପଣ ଉପରେ ପଡୁଛି ଏବଂ ଆଲୋକର ପ୍ରତିଫଳନ ଓ ପ୍ରତିବର୍ତ୍ତନ ପଦ୍ଧତି ଦ୍ୱାରା ମନ୍ଦିରର ଗର୍ଭଗୃହ ଭିତରକୁ ପ୍ରବେଶ କରି ସିଧା ରାମଲାଲାଙ୍କ କପାଳରେ ପଡୁଛି ଯାହାକୁ ସୂର୍ଯ୍ୟ ତିଳକ ବୋଲି କୁହାଯାଉଛି । ପିତ୍ତଳ ସାମଗ୍ରୀକୁ ବ୍ୟବହାର କରି ଯନ୍ତ୍ରର ନଳୀ ଏବଂ ଅନ୍ୟାନ୍ୟ ଅଂଶ ଗୁଡ଼ିକୁ ପ୍ରସ୍ତୁତ କରାଯାଇଛି । ସୂର୍ଯ୍ୟ ତିଳକ ଯନ୍ତ୍ରରେ ଥିବା ନଳୀର ପୃଷ୍ଠଭାଗ , କହୁଣି ଭାଗ ଏବଂ ସଂଲଗ୍ନ ଅଂଶ ଗୁଡ଼ିକୁ ଏକ କଳା ପାଉଡର ଦ୍ ?ାରା ପ୍ରଲେପ ଦିଆଯାଇଛି ଯାହା ସୂର୍ଯ୍ୟାଲୋକର ବିଚ୍ଛୁରଣକୁ ରୋକୁଛି । ଏହାଛଡ଼ା ରାମଲାଲାଙ୍କ କପାଳରେ ସୂର୍ଯ୍ୟାଲୋକର ଉତ୍ତାପକୁ କେନ୍ଦ୍ରୀଭୂତ ହେବାରୁ ସୁରକ୍ଷା ଦେବାପାଇଁ ଯନ୍ତ୍ରର ଉପରି ଭାଗରେ ଇନଫ୍ରା ରେଡ୍ କାଚକୁ ଲଗାଯାଇଛି । ସୂର୍ଯ୍ୟକିରଣର ସଠିକ୍ ସମନ୍ୱୟକୁ ସଂରଚନା କରି ପ୍ରସ୍ତୁତ ହୋଇଥିବା ସୂର୍ଯ୍ୟ ତିଳକ ଯନ୍ତ୍ର ବିଜ୍ଞାନର ଅସମ୍ଭବ ଚମତ୍କାରିତାକୁ ଦର୍ଶାଉଛି । ଭାରତୀୟ ଖଗୋଳ ଭୌତିକ ବିଜ୍ଞାନ ସଂସ୍ଥାନ ଏବଂ ଆଲୋକିକ ଉପକରଣ ଉତ୍ପାଦନ ଦକ୍ଷତା କମ୍ପାନୀ ଏହି ଯନ୍ତ୍ରର ପ୍ରକଳ୍ପକୁ ସଫଳତାର କାର୍ଯ୍ୟକାରୀ କରିଛନ୍ତି । ଚଳିତବର୍ଷ ରାମନବମୀରେ ତୃତୀୟ ଥର ପାଇଁ ସୂର୍ଯ୍ୟ ତିଳକର ଅପୂର୍ବ ଦର୍ଶନ ସମସ୍ତ ଶ୍ରଦ୍ଧାଳୁ ମାନେ ଦେଖିଛନ୍ତି । ଏହି ପରମ୍ପରା ଦୀର୍ଘ ଦିନ ଯାଏ ବିନା କୌଣସି ସମସ୍ୟାରେ କାର୍ଯ୍ୟ କରୁଥିବ ବୋଲି ବିଶେଷଜ୍ଞ ମାନେ ଯୁକ୍ତି ବାଢ଼ିଛନ୍ତି । ସୂର୍ଯ୍ୟ ତିଳକ ପରମ୍ପରା ବହୁବର୍ଷ ପୂର୍ବରୁ କୋଣାର୍କର ସୂର୍ଯ୍ୟ ମନ୍ଦିର ଏବଂ କିଛି ଜୈନ ମନ୍ଦିରରେ ମଧ୍ୟ କାର୍ଯ୍ୟକାରୀ ହୋଇଛି ।

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ଓ ‘ଓଡ଼ିଆ ପକ୍ଷ’ ପାଳନ

ମଣିଷ ଜୀବନର ଏକ ସମ୍ପୂର୍ଣ୍ଣ ଗଦ୍ୟାତ୍ମକ ତଥା ବିସ୍ତୃତ ଅଭିବ୍ୟକ୍ତିକୁ ଆମେ ଉପନ୍ୟାସ ବୋଲି ବୁଝିଥାଉ। ଏଥିରେ ମଣିଷର ଅନୁଭୂତି, ମନନଶୀଳ କାହାଣୀ ଓ ମଧୁର କଳ୍ପନାର ସୁନ୍ଦର ରୂପାୟନ କରାଯାଇଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ତଥା ସାମ୍ପ୍ରତିକ ସମୟରେ ଯେଉ ସବୁ ବିବର୍ତ୍ତନ ଓ ପରିବର୍ତ୍ତନଧର୍ମୀ ‘ଚେତନା’ ସାହିତ୍ୟରେ ଆସିଥିଲା, ତାହାର ସମ୍ପୂର୍ଣ୍ଣ ପ୍ରଭାବ ରହିଛି ଓଡ଼ିଆ ଉପନ୍ୟାସ ସାହିତ୍ୟରେ। ଓଡ଼ିଆ ଆଧୁନିକ ସାହିତ୍ୟରେ ୧୮୭୭-୭୮ ମସିହାରେ ‘ଉତ୍କଳମଧୁପ’ ମାସିକ ଓଡ଼ିଆ ପତ୍ରିକାରେ ସର୍ଗତ ରାମଶଙ୍କର ରାୟଙ୍କର ପ୍ରଥମ ଉପନ୍ୟାସ ‘ସୋଦାମିନୀ’ ପ୍ରକାଶିତ ହୋଇଥିଲା। ଯେଉଥିରେ ଆଲ୍ଲାଉଦ୍ଦିନ୍‌ଙ୍କ ଉଜ୍ଜୟିନୀ ଅଧିକାର ପଟ୍ଟଭୂମିରେ ଓ ରାଜପୁତ୍ର ଜୟସିଂହ - ସୌଦାମିନୀର ପ୍ରଣୟ ଅସମ୍ପୂର୍ଣ୍ଣ ଭାବରେ ବର୍ଣ୍ଣିତ। ଓଡ଼ିଆ କଥା ସାହିତ୍ୟକୁ ସମାଜର ଦର୍ପଣ ବୋଲି କୁହାଯାଏ, ତେଣୁ ସମାଜରେ ଘଟୁଥିବା ଛୋଟବଡ଼ ଘଟଣାବଳୀ ଗୁଡ଼ିକରେ କିଛି କଳ୍ପନାର ବିନ୍ୟାସକରି ଉପନ୍ୟାସକୁ ଜନ୍ମ ଦିଅନ୍ତି କଥାକାର। ସାଧିନତା ପରବର୍ତ୍ତୀ ସମୟରେ ଯେଉ କେତେ ଜଣ ପ୍ରମୁଖ କଥାକାର ପ୍ରସିଦ୍ଧି ଲାଭ କରିଥିଲେ, ତନ୍ମଧ୍ୟରୁ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି, ବାଗ୍ମୀ ଶାନ୍ତନୁ ଆଚାର୍ଯ୍ୟ ଓ ଶ୍ରୀମତୀ ପ୍ରତିଭା ରାୟ ହେଉଛନ୍ତି ଜଣେ ଜଣେ ସାହିତ୍ୟର ଆତ୍ମିକ ଉପାଦାନ ଓ ଆପଣା ଗୁଣରେ ଗରୀୟାନ ହୋଇଥିବା ଚିର ସାଧକ ସାଧିକାଗଣ। ଆସନ୍ତୁ ଜାଣିବା ସେହି ମହାନୁଭବ ପ୍ରତିଭାଶାଳୀ ମାନଙ୍କର ସୃଷ୍ଟି ସମ୍ଭାରର ଜୟଯାତ୍ରା ବିଷୟରେ ସମ୍ୟକ କିଛି। ସୁରେନ୍ଦ୍ର ମହାନ୍ତି ଓ ତାଙ୍କର ଅମ୍ଲାନ ସୃଷ୍ଟି :- କଟକ ଜିଲ୍ଲା ପୁରୁଷୋତମପୁର ଗ୍ରାମରେ ୧୯୨୨ ମସିହା ଜୁନ୍ ୨୮ ତାରିଖରେ ଜନ୍ମ ନେଇ ଓଡ଼ିଆ ସାହିତ୍ୟର ଜଣେ ଅପ୍ରତିଦ୍ୱନ୍ଦୀ କଥାକାର, ଔପନ୍ୟାସିକ, ସୁଦକ୍ଷ ସଂପାଦକ, ସମାଲୋଚକ ତଥା ସ୍ୱର୍ଦ୍ଧିତ ଉଚ୍ଚାରଣ ପାଲଟିଯାନ୍ତି ଲେଖକ ସୁରେନ୍ଦ୍ର ମହାନ୍ତି। ରେଭେନ୍‌ସା କଲେଜରୁ ଉଚ୍ଚଶିକ୍ଷା ଲାଭକରି ଆଜି ପର୍ଯ୍ୟନ୍ତ ଜଣେ ଶ୍ରେଷ୍ଠ କଥାଶିଳ୍ପୀ ଭାବରେ ଓଡ଼ିଆ ପ୍ରାଣରେ ଛାଡି ଯାଇଛନ୍ତି ଅଜସ୍ର ଭଲପାଇବା। ସେ ତାଙ୍କର ଆତ୍ମ ଜୀବନୀରେ କୁହନ୍ତି, ‘‘ସାହିତ୍ୟ ଶ୍ରଦ୍ଧା ଓ ସୌହାର୍ଦ୍ଦ୍ୟର ତୀର୍ଥ ଭୂମି’’। ନିରୋଳା ଗଦ୍ୟ ସାହିତ୍ୟ ସୃଷ୍ଟି କରି ସେ ଯେତିକି ସୁନାମ ସାଙ୍ଗଟି ନାହାନ୍ତି ତା’ ଠାରୁ ଅଧିକ ସୁନାମ ଅର୍ଜନ କରିଛନ୍ତି ତାଙ୍କର ଅନନ୍ୟ ରଚନା ଶୈଳୀ ପାଇଁ। ଓଡ଼ିଆ କ୍ଷୁଦ୍ରଗଳ୍ପ, ସମାଲୋଚନା ସାହିତ୍ୟ, ଉପନ୍ୟାସ, ପ୍ରବନ୍ଧ ଆଦି ସର୍ଜନା ମାନ ତାଙ୍କ ଯାଦୁଗରୀ ହାତର ସ୍ପର୍ଶରେ ଜୀବନ୍ତ ହୋଇ ସାଉଟିଛି ଅସୀମ ମର୍ଯ୍ୟାଦା ଓ ସମାଜକୁ ଦେଇଛି ନୂତନ ଦିଗ୍‌ଦର୍ଶନ। ବିଶାଳ ଛାପ ଥିବା ତାଙ୍କର ପ୍ରତିଟି ଅନବଦ୍ୟ ସୃଷ୍ଟିଥିଲା ସତେ ଯେମିତି ଅଜସ୍ରସ୍ରାବୀ ! ଜଣେ ସଫଳ ଓ କାଳଜୟୀ ଔପନ୍ୟାସିକ ଭାବେ ସୁରେନ୍ଦ୍ର ମହାନ୍ତିଙ୍କର ରଚନାବଳୀ ଗୁଡିକ ହେଉଛି ‘କଲେଜ ବୟ’, ‘ବଧୂ ଓ ପ୍ରିୟା’ ‘ସହସ୍ର ଶଯ୍ୟାର ନାୟିକା’, ‘ଅନ୍ଧଦିଗନ୍ତ’, ‘ନେତି ନେତି’, ‘ଫଟାମାଟି’ ଓ ଏଭଳି ଅନେକ ଶବ୍ଦ ସମ୍ଭାର। ତେବେ ଏହିସବୁ ସୃଷ୍ଟି ଗୁଡିକରେ ସୁରେନ୍ଦ୍ର ମହାନ୍ତିଙ୍କର ଦୀର୍ଘ ଚାଲିଶ ବର୍ଷରୁ ଉର୍ଦ୍ଧର ସମୟର ଗଭୀର ସାଧନାର ଦୃଷ୍ଟି ଓ ଜିଜ୍ଞାସାରେ ଜାତୀୟ ଅଭିମାନ ତୀବ୍ର ଭାବରେ ଫୁଟି ଉଠିଛି। ସେ ଥିଲେ ଜଣେ ମାନବବାଦୀ ସ୍ରଷ୍ଟା। ସାଧୀନତା ପରବର୍ତ୍ତୀ ଅବକ୍ଷୟମୁଖୀ ସମାଜର ଚିତ୍ର, ରାଜନୈତିକ ନିପିଡନ, ପ୍ରାକୃତିକ ଦୁର୍ଯୋଗ ମଧ୍ୟରେ ମାନବବାଦର ଅନାବିଳ ଆଶା ଓ ଆକାଂକ୍ଷାର ଚିତ୍ର ଫୁଟି ଉଠିଛି ଲେଖକ ସୁରେନ୍ଦ୍ର ମହାନ୍ତିଙ୍କ ଲେଖନୀରେ । ଜ୍ଞାନପୀଠ ବିଜୟନ୍ତୀ ପ୍ରତିଭାରାୟଙ୍କ ଉପନ୍ୟାସ:- ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଯେଉ ପରିବର୍ତ୍ତନ ଓ ଚେତନା ସାହିତ୍ୟରେ ଯେଉ ସବୁ ପରିବର୍ତ୍ତନ ଆସିଥିଲା, ତା’ର ସମ୍ପୂର୍ଣ୍ଣ ପ୍ରଭାବ ରହୁଛି ଓଡ଼ିଆ ସାହିତ୍ୟରେ। ସେହି ସମୟରେ ପ୍ରସିଦ୍ଧିଲାଭ କରିଥିବା ଔପନ୍ୟାସିକ ମାନଙ୍କ ମଧ୍ୟରୁ ପ୍ରତିଭା ରାୟଙ୍କର ପ୍ରତିଭା ଅଦ୍ୱିତୀୟ। ଜଣେ ସୁପ୍ରତିଷ୍ଠିତ କଥାକାର, ଔପନ୍ୟାସିକା, ଭ୍ରମଣ କାହାଣୀ ରଚୟିତା ଭାବରେ, ସମଗ୍ର ଭାରତ ବର୍ଷରେ ତଥା ବିଶ୍ୱରେ ମଧ୍ୟ ସୁଖ୍ୟାତି ଅର୍ଜନ କରିଛନ୍ତି ପ୍ରତିଭା ରାୟ। ୧୯୪୪ ମସିହା କଟକ ଜିଲ୍ଲା ବାଲିକ



ସୋମବାର ୨।୧୧।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

କଳା ପଲସରର ଆତଙ୍କ ଲୁଟି ନେଲେ ୮୫ ହଜାର ଟଙ୍କା

ଖଣ୍ଡପଡା ୧।୧୧ (ଅକ୍ଷର ଓଡ଼ିଶା) ଜଣେ ବ୍ୟବସାୟୀଙ୍କ ଘରେ ଦସ୍ତା ପ୍ଲେଟ ଦେଇ ଫେରୁଥିବା ବେଳେ ୨ ଜଣ ଯୁବକ ଏକ କଳା ପଲସରରେ ପଛରୁ ଆସି ରାସ୍ତାରେ ଯାଉଥିବା ଏକ ଡାଲା ଅଟୋକୁ ଅଟକାଇବା ପରେ ଚାଳକକୁ ଛୁରୀ ଦେଖାଇ ନଗଦ ୮୫ ହଜାର ୨ଶହ ଟଙ୍କା ସହ ଏକ ମୋବାଇଲ ଲୁଟି ନେଇଥିବା ନେଇ ଫତେଗଡ଼ ଥାନାରେ ଶନିବାର ସନ୍ଧ୍ୟାରେ ଲିଖିତ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ କଟକ ଜିଲ୍ଲା ଅଧୀନ କଳାପଥର,ମଧୁଆପଲ୍ଲୀ ଗ୍ରାମର ନିରଞ୍ଜନ ବେହେରା ଦସ୍ତା ପ୍ଲେଟ ବ୍ୟବସାୟ କରନ୍ତି ।ଏକ ଡାଲା ଅଟୋ ଯୋଗେ ଦସ୍ତା ପ୍ଲେଟ ଗୁଡିକ ବୋଝେଇ କରି ଶନିବାର ଅପରାହ୍ନରେ ସେ ଘରକୁ ଫେରୁଥିଲା ବେଳେ ଭାପୁର ନିକଟସ୍ଥ ପିଠା ଖାଇ ସଂରକ୍ଷିତ ଜଙ୍ଗଲ ନିକଟରେ ହେଲମେଟ ପିନ୍ଧିଥିବା ୨ ଜଣ ଯୁବକ ଏକ କଳା ପଲସର ବାଇକ ଯୋଗେ ପଛରୁ ଆସି ଗାଡି ଚଲାଉଥିବା ଖଣ୍ଡପଡା ଥାନା ଅଧୀନ ପୁଆଣିଆ ଗ୍ରାମର ଡ୍ରାଇଭର ବୁଲୁ ବିଶ୍ୱାଳଙ୍କ ପୁଅ ବିଶ୍ୱଜିତକୁ ଛୁରୀ ଦେଖାଇ ଭୟଭୀତ କରି ତା ଠାରୁ ଟଙ୍କା ଓ ଏକ ମୋବାଇଲ ଫୋନ ଲୁଟି ନେଇଥିବା ନେଇ ଫତେଗଡ ଥାନାରେ ଅଭିଯୋଗ ହୋଇଛି ।ଫତେଗଡ ଥାନାଧିକାରୀ ଅଜୟ କୁମାର ସାହୁ ଘଟଣାର ଖୋଳତାଡ କରୁଥିବା ବେଳେ ବିଭିନ୍ନ ଦିଗକୁ ନଜରରେ ରଖି ଘଟଣାର ପର୍ଦ୍ଦାଫାସ ନିମନ୍ତେ ପୁଲିସ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି ।

ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ କ୍ଷୟକ୍ଷତି ଆକଳନ ସମୀକ୍ଷା କଲେ ଜିଲ୍ଲାପାଳ ଅନ୍ୟା ଦାସ

ନୂଆପଡ଼ା ୧।୧୧ (ଅକ୍ଷର ଓଡ଼ିଶା): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ କ୍ଷୟକ୍ଷତିର ଆକଳନ ଓ ସହାୟତା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଆଜି ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ସମସ୍ତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ବାସ୍ତବ କ୍ଷୟକ୍ଷତିର ଆକଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଘରଦ୍ୱାର ଓ ଫସଲ କ୍ଷୟକ୍ଷତିର ଆକଳନ କରିବା ସହ ରାସ୍ତାଘାଟ, ସରକାରୀ କୋଠାବାଡ଼ି, ଜନସାଧାରଣଙ୍କ ବ୍ୟବହାର୍ଯ୍ୟ ଭିତ୍ତିଭୂମି, ପଶୁସମ୍ପଦ ଆଦିର କ୍ଷୟକ୍ଷତି ଆକଳନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ କୁହାଯାଇଥିଲା ।ବୈଠକରେ କୃଷି, ମତ୍ସ୍ୟ ଓ ଉଦ୍ୟାନ କୃଷି ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗ ପକ୍ଷରୁ ପ୍ରାଥମିକ କ୍ଷୟକ୍ଷତି ଆକଳନ କରାଯାଇଥିବା ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ବର୍ଷା ଯୋଗୁଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ନେଇ ପ୍ରାଥମିକ ସୂଚନା ମିଳିଥିବା ବୈଠକରେ ଜଣାପଡ଼ିଥିଲା । ଜିଲ୍ଲାପାଳ ଏସ୍‌ଡିଆର୍‌ଏଫ୍/ ଏନ୍‌ଡିଆର୍‌ଏଫ୍ ନିୟମାବଳୀ ଅନୁଯାୟୀ କ୍ଷୟକ୍ଷତିର ସଠିକ୍ ଓ ନିରପେକ୍ଷ ଆକଳନ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ସମସ୍ତ ଅଧିକାରୀଙ୍କୁ କହିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁବାଷ ଚନ୍ଦ୍ର ରଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଗଣେଶ୍ୱର କହାଁର, ଡେପୁଟି ଜିଲ୍ଲାପାଳ (ଜରୁରୀକାଳୀନ) ଏସ୍. କେ. ନସିମ୍, ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଏବଂ ବିଭିନ୍ନ ବିଭାଗର ଅନ୍ୟାନ୍ୟ ଅଧିକାରୀ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ୪୨ ତମ ବଳିଦାନ ଦିବସ ପାଳିତ

ଡାବୁଗାଁ ୧।୧୧ (ଅକ୍ଷର ଓଡ଼ିଶା): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅନ୍ତର୍ଗତ ସରାଗୁଡ଼ା ଆରଏମସି ଗୋଦାମ ଗୃହ ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରାଗାନ୍ଧୀଙ୍କ ଜିଲ୍ଲା ସ୍ତରୀୟ ୪୨ ତମ ବଳିଦାନ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡକ୍ଟର ଲିପିକା ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ର ଜିଲ୍ଲା ପ୍ରଭାରୀ ଦୁର୍ଗା ଶର୍ମା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝି, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପିସିସି ସଭ୍ୟ କ୍ଷେମରାଜ ବାଘ, ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ଜି ସାଇ ରାଜୁ,ପ୍ରକାଶ ଚନ୍ଦ୍ର ପଣ୍ଡା ଓ ବଇଁଶୀ ଧର ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକ ରୁ ଆସିଥିବା ଶତାଧିକ କଂଗ୍ରେସ କର୍ମୀ ଙ୍କୁ ନେଇ ଡାବୁଗାଁ କୃଷି ଫାର୍ମ ନିକଟ ଠାକୁରାଣୀ ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଭୈରବ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ଏହାପରେ ସରାଗୁଡା ରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ମାନେ ପ୍ରଥମେ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ଇନ୍ଦିରା ଗାନ୍ଧୀ ନିଜର ସୁରକ୍ଷା କର୍ମୀଙ୍କ ଗୁଳିରେ ମୃତ୍ୟୁ ବରଣ କରିବା ପୂର୍ବଦିନ ୧୯୮୪ ମସିହା ଅକ୍ଟୋବର ୩୦ ତାରିଖରେ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସିଥିଲେ । ଯାହାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସରେ କଂଗ୍ରେସ ର ଜିଲ୍ଲା ସ୍ତରୀୟ ବଳିଦାନ ଦିବସ ପାଳିତ ହୋଇ ଆସୁଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୨ ଗୋଟି ବ୍ଲକ ରୁ କଂଗ୍ରେସ ର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

ବୋହୂପୁରାତନ କବାଟ ବନ୍ଧ ବଜାରରେ ରାସ୍ତା ସମ୍ପ୍ରସାରଣ: ଭଙ୍ଗାଗଲା ବହୁ ଦୋକାନ, ଚିନ୍ତାରେ କ୍ଷୁଦ୍ର ବ୍ୟବସାୟୀ



ଧର୍ମଶାଳା, ୧।୧୧ (ଅକ୍ଷର ଓଡ଼ିଶା): ବୋହୂପୁରାତନ କବାଟ ବନ୍ଧ ବଜାରରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଜୋରସୋରରେ ଆରମ୍ଭ ହୋଇଛି । ଏହି ସମ୍ପ୍ରସାରଣ ପ୍ରକ୍ରିୟା ଅଧୀନରେ ବଜାରର ବିଭିନ୍ନ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ପ୍ରଶାସନ ନିୟମ କୁ ସନ୍ମାନ ଜଣାଇ ନିଜେ ବ୍ୟବସାୟୀ ଙ୍କ ପକ୍ଷରୁ ନିଜ ନିଜ ଦୋକାନ ଭଙ୍ଗାଯାଇଛି । ଫଳରେ ସେଠାରେ ବର୍ଷ ବର୍ଷ ଧରି ଦୋକାନ କରି ନିଜର ଓ ପରିବାରର ଗୁଜୁରାଣ ମେଣ୍ଟାଉଥିବା ଅନେକ କ୍ଷୁଦ୍ର ବ୍ୟବସାୟୀ ଏବେ ବେରୋଜଗାର ହୋଇପଡ଼ିଛନ୍ତି ।କବାଟ ବନ୍ଧ ବଜାରଟି ଏକ ପୁରୁଣା ଏବଂ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ହୋଇଥିବାରୁ ଏଠାରେ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ବିଭିନ୍ନ କ୍ଷୁଦ୍ର ବ୍ୟବସାୟ କରି ଜୀବିକା ନିର୍ବାହ କରୁଥିଲେ । ରାସ୍ତା ସମ୍ପ୍ରସାରଣ ପାଇଁ ଦୋକାନଗୁଡ଼ିକ ଭଙ୍ଗାଯିବାରୁ ବ୍ୟବସାୟୀମାନଙ୍କ ମୁଣ୍ଡରେ ଚିନ୍ତାର ବାଦଲ ଘେରିଆସିଛି । ରାସ୍ତା ସମ୍ପ୍ରସାରଣ ଏବଂ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ଉନ୍ନୟନମୂଳକ କାର୍ଯ୍ୟକୁ ସ୍ଥାନୀୟ ଲୋକେ ସ୍ୱାଗତ କରୁଥିବା ବେଳେ, ବିନା ବିକଳ୍ପ ବ୍ୟବସ୍ଥାରେ ଏଭଳି ଉଚ୍ଛେଦ କରାଯିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

ବିପୁଳ ପରିମାଣର ନକଲି ସର୍ପ ସାମଗ୍ରୀ ଜବତ

ଭଦ୍ରକ, ୧।୧୧ (ତାରିକ ହୁସେନ): ଭଦ୍ରକରେ ନକଲି ସର୍ପ ଏକ୍ସେଲ କାରଖାନା ଠାବ ! ଦୀର୍ଘଦିନ ଧରି ପରିତ୍ୟକ୍ତ ରାଇସ୍ ମିଲ୍ ପରିସରରେ ଚାଲିଥିଲା ନକଲି ସର୍ପ ତିଆରି ଓ ବେପାର । ହଠାତ୍ ଚଢ଼ାଉ କରି ବିପୁଳ ପରିମାଣର ନକଲି ସାମଗ୍ରୀ ଜବତ କରିଛି ପୋଲିସ ।ପୋଲିସ ଆଖିରେ ଧୂଳି ଦେଇ ଦୀର୍ଘଦିନ ଧରି ଚାଲିଥିଲା ନକଲି ସର୍ପ ଏକ୍ସେଲ କାରବାର । ହେଲେ ଶେଷରେ ପୋଲିସର ଚଢ଼ାଉ ପରେ ଏହି କାରବାର ଉପରେ ଲାଗିଛି ରୋକ୍ । ଭଦ୍ରକ ଜିଲ୍ଲା ରାଣୀତାଲ ଅଞ୍ଚଳରେ



ଥିବା ଏକ ପରିତ୍ୟକ୍ତ ରାଇସ୍ ମିଲ୍ ପରିସରରେ ନକଲି ସର୍ପ ଏକ୍ସେଲ ପ୍ରସ୍ତୁତି ଓ ବ୍ୟବସାୟ ଚାଲିଥିବା ଖବର ପାଇବା ପରେ ଚଢ଼ାଉ କରିଥିଲା ଗ୍ରାମାଞ୍ଚଳ ପୋଲିସ ।ସୂଚନା ଅନୁଯାୟୀ, ଭଦ୍ରକ ଏସ୍ଡି ମନୋଜ ରାଉତଙ୍କ ନିର୍ଦ୍ଦେଶରେ ଗତକାଲି ଗ୍ରାମାଞ୍ଚଳ ପୋଲିସ ପକ୍ଷରୁ ରାଣୀତାଲ ସ୍ଥିତ ଏହି ପରିତ୍ୟକ୍ତ ରାଇସ୍ ମିଲ୍ ଉପରେ ଅଚାନକ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ସେଠାରୁ ବିପୁଳ ପରିମାଣର ନକଲି ସର୍ଫ ଏକ୍ସେଲ ସାମଗ୍ରୀ ଜବତ କରାଯାଇଥିବା ସୂଚନା ମିଳିଛି । ଏହି ନକଲି ସାମଗ୍ରୀ ଜରିଆରେ ଦୀର୍ଘଦିନ ଧରି ଲୋକଙ୍କୁ ଠକି ବ୍ୟବସାୟ ଚାଲିଥିବା ଅଭିଯୋଗ ହୋଇଛି । ଘଟଣା ସମ୍ପର୍କରେ ଖବର ପାଇବା ପରେ ସର୍ଫ ଏକ୍ସେଲର ମୂଳ କମ୍ପାନୀ ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ୍‌ର ଆଇନଗତ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ । ଯାଞ୍ଚ ପରେ ଜବତ ସର୍ଫ ସାମଗ୍ରୀ ନକଲି ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଥିବା ଜଣାପଡ଼ିଛି ।

ହାତୀ ଆକ୍ରମଣରେ ମୃତ ବୃଦ୍ଧଙ୍କ ପରିବାରକୁ ବିଧାୟକଙ୍କ ସହାୟତା

ଅନୁଗୋଳ,୧।୧୧ (ଅକ୍ଷର ଓଡିଶା): ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ପରେ ଅସହାୟ ହୋଇପଡ଼ିଥିବା ପରିବାର ପାଖରେ ଠିଆ ହୋଇଛନ୍ତି ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ । ମାନବିକତାର ପରିଚୟ ଦେଇ ସେ ଶୋକସନ୍ତପ୍ତ ପରିବାରକୁ ସହାୟତାର ହାତ ବଢ଼ାଇବା ସହ ସମବେଦନା ଜଣାଇଛନ୍ତି ।ସୂଚନା ଅନୁଯାୟୀ, ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଗଡ଼ସନ୍ତୀ ଗ୍ରାମ ପଞ୍ଚାୟତ



ଅନ୍ତର୍ଗତ ଭାଗବତପୁର ଗ୍ରାମର ୬୨ ବର୍ଷୀୟ କୁମର ସେଠୀଙ୍କର କିଛି ଦିନ ପୂର୍ବରୁ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା ।ଏଭଳି ଦୁର୍ଦ୍ଦିନରେ ବିଧାୟକ ଶ୍ରୀ ପ୍ରଧାନ ପୀଡ଼ିତ ପରିବାରକୁ ସହାୟତା ପ୍ରଦାନ କରି ସେମାନଙ୍କ ଦୁଃଖରେ ସାମିଲ ହୋଇଥିଲେ । ଏହି ସମୟରେ ତାଙ୍କ ସହ ଗଡ଼ସନ୍ତୀ ବିଜେପି ସଭାପତି ଅମରେଶ ଗଡ଼ନାୟକ, ଉପସଭାପତି ବଲ୍ଲଭ ପରିଡ଼ା, ଜିଲ୍ଲା ବିଜେପି ଏସ୍‌ଟି ମୋର୍ଚ୍ଚା ସଭାପତି ଅଜିତ୍ ଭୋଇଙ୍କ ସମେତ ବିଜେପି କର୍ମୀ ଶାନ୍ତନୁ ପରିଡ଼ା, କାର୍ତ୍ତିକ ପରିଡ଼ା, ଯୋଗେନ୍ଦ୍ର ଭୂତିଆ, ଭରତ ବେହେରା, ଅନୀଲ ସାହୁ, ସୁଶୀଲ ସାହୁ, ସୌମ୍ୟରଞ୍ଜନ ବେହେରା, ଅଜିତ୍ ଦାସ ଓ ଗଣେଶ୍ୱର ପରିଡ଼ାଙ୍କ ସମେତ ଗଡ଼ସନ୍ତୀ ବିଜେପି ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଣପୁର, ୧।୧୧ (ଅକ୍ଷର ଓଡିଶା) : ନାତୁଣୀ କ୍ଲଷ୍ଟର ଅନ୍ତର୍ଗତ ଲୋକିପୁର ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସୁବୁଦ୍ଧି ଙ୍କ ର କାର୍ଯ୍ୟ ନିବୃତ୍ତି ଅବସରରେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ନାତୁଣୀ ମହାବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ବିଭାଗୀୟ ମୁଖ୍ୟ ପ୍ରଫେସର ଗଙ୍ଗାଧର ପ୍ରଧାନ, ମୁଖ୍ୟ ବକ୍ତା ଭାବେ କବି ଶିବପ୍ରସାଦ ତ୍ରିପାଠୀ,



କ୍ଲଷ୍ଟରର ସି ଆର ସି ସି ମଧୁସୂଦନ ଭୋଇ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ହୋତା, ପ୍ରଭାତ ସୁନ୍ଦରାୟ,ବାଣପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘ ର ସଭାପତି ତପନ ମହାରଣା, ସମ୍ପାଦକ ପ୍ରଦୀପ୍ତ କିଶୋର ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ସଞ୍ଜୟ କୁମାର ପଲେଇ, ୱାର୍ଡ ସଭ୍ୟ ରାମଚନ୍ଦ୍ର ଶାସମଲ, ସମ୍ବର୍ଦ୍ଧିତ କରା ଯାଇଥିଲା । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବେହେରା, ଶିଶୁବାଟିକା ସେବିକା ଶ୍ରଦ୍ଧାଞ୍ଜଳି ଦାସ ପ୍ରମୁଖ ବିଦୟୀ ପ୍ରଧାନ ଶିକ୍ଷକ ଙ୍କ ର ଛାତ୍ର ବତ୍ସଳତା, କର୍ତ୍ତବ୍ୟନିଷ୍ଠା ଓ ଉତ୍ତମ ଗୁଣାତ୍ମକ ଶିକ୍ଷଣ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଦ୍ୟାଳୟ, ବାଣପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘ, ଗ୍ରାମବାସୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁଷ୍ପ ଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ

ଶାଗ କିଣିବା ବାହାନାରେ ବୃଦ୍ଧାଙ୍କ ସୁନା ଗହଣା ଲୁଟ୍

ନନ୍ଦପୁର, ୧।୧୧ (ଶ୍ରୀରାମ ଖରା)କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ କୁମାରଗନ୍ଧନା ପଞ୍ଚାୟତର କଦମଗୁଡ଼ା ଗ୍ରାମର ମାଣିକ ଖରା (୬୦) ନିଜ ମାଲିବାଡ଼ି ନିକଟରେ ଥିବାବେଳେ ଏକ ବାଇକ୍‌ରେ ତିନି ଜଣ ଯୁବକ ସେଠାରେ ପହଞ୍ଚିଥିଲେ । ବାଡ଼ିରେ ଶାଗ ଅଛି କି ନାହିଁ ପଚାରିବା ସହ ୨୦ ଟଙ୍କାର ଶାଗ କିଣିବାକୁ କହିଥିଲେ । ଏହାପରେ ଦୁଇ ଜଣ ଯୁବକ ବୃଦ୍ଧାଙ୍କ ପଛେ ପଛେ ବାଡ଼ି ଭିତରକୁ ଯାଇଥିଲେ । ସେଠାରେ ଦୁର୍ବୃତ୍ତମାନେ ବୃଦ୍ଧାଙ୍କୁ ଆକ୍ରମଣ କରି ତାଙ୍କ ବେକରେ ଥିବା ସୁନା ମାଳି ଓ ନାକର ଦୁଇଟି ସୁନା ଦଣ୍ଡି ଝାମ୍ପି ନେଇଥିଲେ । ପରେ ବାଇକ୍‌ରେ ଚଢ଼ି ଫେରାର ହେବାକୁ ଉଦ୍ୟମ କରିଥିଲେ । ବୃଦ୍ଧାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ସେମାନଙ୍କ ପିଛା କରିବା ସହ ନିକଟସ୍ଥ ଗ୍ରାମବାସୀଙ୍କୁ ଫୋନ୍ ଯୋଗେ ସୂଚନା ଦେଇଥିଲେ । ଫଳରେ ଦେବତାହଞ୍ଚର ଗ୍ରାମ ନିକଟରେ ଜଣେ ଅଭିଯୁକ୍ତଙ୍କୁ ବାଇକ୍ ସହ କାବୁ କରାଯାଇଥିଲା । ପରେ ତାଙ୍କୁ ପୁଲିସ ଜିମା ଦିଆଯାଇଥିଲା । ବୃଦ୍ଧାଙ୍କ ଏତଲା ଆଧାରରେ ନନ୍ଦପୁର ଥାନାରେମାମଲା ରୁଜୁ କରାଯାଇଛି । ଗିରଫ ଅଭିଯୁକ୍ତଙ୍କ ଘର ଲମତାପୁଟ ବ୍ଲକ ଟିକରପଡ଼ା ପଞ୍ଚାୟତର ମୁଣ୍ଡାଗଡ଼ ଗ୍ରାମରେ ବୋଲି ଜଣାପଡ଼ିଛି । ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ରାଷ୍ଟ୍ରୀୟ ଏକତା ଦିବସରେ ଆମ ପୋଲିସ କାର୍ଯ୍ୟକ୍ରମ



ବାଲୁଗାଁ, ୧।୧୧ (ଅକ୍ଷର ଓଡ଼ିଶା): ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ବାଲୁଗାଁ ଥାନା ପକ୍ଷରୁ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାଲୁଗାଁ ଥାନା ଅନ୍ତର୍ଗତ ନାଭାଲ ଫାଣ୍ଡି ପରିସରରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲୁଗାଁ ଥାନା ଆଇଆଇସି ଯୋଗ ଦେଇଥିବା ବେଳେ ନାଭାଲ ଫାଣ୍ଡିର ଏଏସଆଇ ସାନ୍ତନୁ କୁମାର ବେହେରା, ବାଲୁଗାଁ ଥାନା ଏଏସଆଇ ସୁକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହା ସହ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଯୁବକ ଓ ମହିଳାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏହି ଅବସରରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସର ମହତ୍ତ୍ୱ ବିଷୟରେ ଆଲୋଚନା କରାଯାଇଥିଲା । ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ସମସ୍ତେ ଶପଥ ନେଇଥିଲେ । ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଲେ ଅପରାଧ ନିୟନ୍ତ୍ରଣ ସହଜ ହେବ ବୋଲି ଆଇଆଇସି କହିଥିଲେ । ଏହା ସହ ସାଇବର ଠକେଇ, ନିଶା କାରବାର, ସଡ଼କ ସୁରକ୍ଷା ଏବଂ ମହିଳା ଓ ଶିଶୁ ସୁରକ୍ଷା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା ।

ବିନିକା ଅଞ୍ଚଳରେ ୭ ଶିଶୁ ଶ୍ରମିକ ଉଦ୍ଧାର



ସୁବର୍ଣ୍ଣପୁର, ୧।୧୧ (ସଂଗ୍ରାମ): ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ହେଲ୍‌ପଲାଇନ,ଶିଶୁ କଲ୍ୟାଣ କମିଟି, ଶ୍ରମ ବିଭାଗ,ଏନଜିଓ ଓ ପୁଲିସ ପକ୍ଷରୁ ବିନିକା ବ୍ଲକ ସିଂଘିଯୁବା ଏବଂ ବିନିକା ସହରରେ ଅବସ୍ଥାପିତ ହୋଟେଲ, ଗେରେଜ, ଢାବାରେ ଚଢ଼ାଉକରି ୭ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛନ୍ତି । ଉଦ୍ଧାର କରି ଜିଲ୍ଲା ଶିଶୁ କଲ୍ୟାଣ ସମିତି ରେ ଉପସ୍ଥାପନା କଲା ପରେ ଶିଶୁମାନଙ୍କୁ ଉତ୍କଳ ବାଳାଶ୍ରମରେ ରଖିବା ପାଇଁ ଅଧକ୍ଷ ଲୀନା ବାବୁ ଏବଂ ବ୍ରଜେନ୍ଦ୍ର ବିଶି ସଦସ୍ୟ ଶିଶୁ କଲ୍ୟାଣ ସମିତି ଅର୍ଡର କରିଛନ୍ତି । ଏମିତି ଶିଶୁ ମାନଙ୍କୁ କେହି ବି କୌଣସି କାମରେ ଲଗାଇଥିଲେ ୧୦୯୮ ଟୋଲ ଫ୍ରି ନମ୍ବର କୁ ଫୋନ କରିବା ପାଇଁ ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁଜିତ୍ କୁମାର ମିଶ୍ର ସୂଚନା ଦେଇ

ଅକ୍ଷର
AKHYARA ODISHA ଓଡ଼ିଶା

ରିଆମାଳରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଅନୁଷ୍ଠିତ



ରିଆମାଳ ୧।୧୧ (ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକଠାରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କ ପ୍ରତିଭା ଓ ସୃଜନଶୀଳତାର ପ୍ରଶଂସା କରିଥିଲେ। ଏହି ଅବସରରେ ଉପସ୍ଥିତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସେ ଶିକ୍ଷା ସହିତ ସହପାଠ୍ୟ କାର୍ଯ୍ୟକଳାପ, କ୍ରୀଡ଼ା, କଳା, ସଂସ୍କୃତି ଓ ସୃଜନଶୀଳତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ କିଛି ନା କିଛି ଅନ୍ତର୍ନିହିତ ପ୍ରତିଭା ରହିଛି। ଏହାକୁ ଚିହ୍ନଟ କରିବା, ପ୍ରତିଭାର ପରିପ୍ରକାଶ ପାଇଁ ସୁଯୋଗ ଦେବା ଏବଂ ଉପଯୁକ୍ତ ମାର୍ଗଦର୍ଶନ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ଏଭଳି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଶିଶୁମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ସହ ସେମାନଙ୍କ ଭବିଷ୍ୟତ ଗଠନରେ ସହାୟକ ହେବ ବୋଲି ସେ କହିଥିଲେ।ପୁରସ୍କାର ହାସଲ କରିବା ଅପେକ୍ଷା ନିଜ ପ୍ରତିଭାର ବିକାଶ କରିବା ଏବଂ ନିରନ୍ତର ଆଗକୁ ବଢ଼ିବା ହିଁ ପ୍ରକୃତ ସଫଳତା ବୋଲି କହି ସେ ସମସ୍ତ କୁନି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଏହି ସୁନ୍ଦର ଆୟୋଜନ ପାଇଁ ସମସ୍ତ ଆୟୋଜକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସହଯୋଗୀଙ୍କୁ ଧନ୍ୟବାଦ ଜଣାଇବା ସହ ସମସ୍ତ ପ୍ରତିଯୋଗୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ରାଷ୍ଟ୍ରୀୟ ଏକତା ଦିବସ ପାଳିତ ଓ ସୁରକ୍ଷିତ ଶୈଶବ ଅଭିଯାନ ଅଧୀନରେ ଆଇନ ସଚେତନତା



ନୂଆପଡ଼ା ୧।୧୧ (ଅକ୍ଷର ଓଡିଶା)ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଓ ଖ ?ଆଳ, ବୋଡ଼େନ ଓ ସିନାପାଲିର ତାଲୁକ ଆଇନ ସେବା ସମିତି ମାନଙ୍କର ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ତା ୨୬.୧୦.୨୦୨୬ ରୁ ୩୧.୧୦.୨୦୨୬ ପର୍ଯ୍ୟନ୍ତ 'ସୁରକ୍ଷିତ ଶୈଶବ ଅଭିଯାନ'- ଯୌନ ଅପରାଧରୁ ଶିଶୁଙ୍କ ସୁରକ୍ଷା ଆଇନ, ୨୦୧୨ (ପୋକ୍ସୋ ଆଇନ) ସମ୍ବନ୍ଧରେ ସର୍ବଭାରତୀୟ ବିଦ୍ୟାଳୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଗତ ତା-୩୦ ଅକ୍ଟୋବର ୨୦୨୬ ରିଖରେ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ଖରିଆର ରୋଡ୍, ସରକାରୀ ପ୍ରାଥମିକ ବିଦ୍ୟାଳୟ, ଟାନୱାଟ, ପିଏମ୍ ଶ୍ରୀ ସରକାରୀ ଏସ.ଏସ.ଡି ଉଚ୍ଚ ବିଦ୍ୟାଳୟ, ବୋଡ଼େନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖ ?ଆଳ ଏବଂ ସିନାପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସିନାପାଲି ରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ଖରିଆର ରୋଡ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ କାହ୍ନୁ କିସ୍କୁ, ପ୍ରଧାନ ଶିକ୍ଷକ ଏବଂ ସମସ୍ତ ଶିକ୍ଷକ ଓ ଅଧିକାରମିତ୍ରଗଣ ଯୋଗ ଦେଇଥିଲେ। ସରକାରୀ ପ୍ରାଥମିକ ବିଦ୍ୟାଳୟ, ଟାନୱାଟ ଠାରେ ବରିଷ୍ଠ ଦେୱାନୀ ବିଚାରପତି (ମହିଳା କୋର୍ଟ) ସରୋଜିନୀ ସାହୁ ଏବଂ ପ୍ୟାନେଲ ଓକିଲ ଶ୍ରୀ ପୁରୁଷୋତ୍ତମ ସୋନୀ, ପ୍ରଧାନଶିକ୍ଷକ ଏବଂ ଅଧିକାରମିତ୍ରଗଣ ଯୋଗ ଦେଇଥିଲେ। ସେହିପରି ପିଏମ୍ ଶ୍ରୀ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟ, ବୋଡ଼େନ ଠାରେ ଜେଏମଏଫସି, ବୋଡ଼େନ ରାଜେଶ କୁମାର ଦାସ ଏବଂ ପ୍ୟାନେଲ ଓକିଲ ଦଶରଥ ସାମନ୍ତ ଏବଂ ପ୍ରଧାନ ଶିକ୍ଷକ, ଶିକ୍ଷକ ଓ ଅଧିକାରମିତ୍ରଗଣ ଯୋଗ ଦେଇଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଖଡିଆଳ ଠାରେ ବରିଷ୍ଠ ଦେୱାନୀ ବିଚାରପତି ଈଶା ପତି ଏବଂ ପ୍ୟାନେଲ ଓକିଲ ଜ୍ୟୋତିପ୍ରଭା ମେହେର ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସିନାପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜେ.ଏମ.ଏଫ.ସି, ସିନାପାଲି ପ୍ରଜ୍ଞା ପ୍ରରମିତା ମହାନ୍ତି ଏବଂ ପ୍ୟାନେଲ ଓକିଲ ବାଣୀବଲ୍ଲଭ ପାଣିଗ୍ରାହୀ ପ୍ରଧାନ ଶିକ୍ଷକ ଓ ଅଧିକାରମିତ୍ରଗଣ ଯୋଗ ଦେଇଥିଲେ।ଆଜି ତା- ୩୧.୧୦.୨୦୧୬ ରିଖ ନୂଆପଡ଼ାସ୍ଥିତ କେ.ଏନ. କିଡ୍ସ ପବ୍ଲିକ ସ୍କୁଲରେ ବରିଷ୍ଠ ଦେୱାନୀ ବିଚାରପତି ଦୁର୍ବାସା ଦୁର୍ଗ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ଏସ.ଡି.ଜେ.ଏମ୍ ସ୍ୱାତକୀ ଦାଶ, ପ୍ରାଧିକରଣ ର ସମ୍ମୁଖ କାର୍ଯ୍ୟାଳୟ ର ପ୍ୟାନେଲ ଓକିଲ ସନ୍ତୁରାମ୍ ସାହୁ, ବିଦ୍ୟାଳୟର ଅଧ୍ୟକ୍ଷ ପ୍ରତିମା ରାଜ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଅଧିକାରମିତ୍ରଗଣ ଯୋଗ ଦେଇଥିଲେ । ଏହି ଅବସରରେ ବିଚାରପତି ମାନେ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଆଇନ, ୨୦୧୨ (ପୋକ୍ସୋ ଆଇନ), ଉକ୍ତ ଆଇନ ଅଧୀନରେ ଆସୁଥିବା ଅପରାଧ ଏବଂ ଦଣ୍ଡ, ପୋକ୍ସୋ ଆଇନରେ ବିଭିନ୍ନ ଧାରା, ଛାତ୍ର ଛାତ୍ରୀଙ୍କୁ ସୁରକ୍ଷିତ ସ୍ପର୍ଶ ଏବଂ ଅସୁରକ୍ଷିତ ସ୍ପର୍ଶ ତଥା ସତର୍କତାମୂଳକ ସଂକେତ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ । ସେହିପରି ଜିତାମିତ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, କୋମନା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେରାପଦର, ବୋଡ଼େନ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାଦୀ, ଖଡ଼ିଆଳଠାରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜିତାମିତ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, କୋମନା ଠାରେ ଜେ.ଏମ.ଏଫ.ସି, କୋମନା ସମୃଦ୍ଧି ସାଗରିକା ବାରିକ ଏବଂ ପ୍ୟାନେଲ ଓକିଲ ଲଲାଟେନ୍ଦୁ ନିଆଲ, ପ୍ରଧାନ ଶିକ୍ଷକ ଓ ଅଧିକାରମିତ୍ରଗଣ ଯୋଗ ଦେଇଥିଲେ । ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ, ଖଡିଆଳ ରେ ଜେ.ଏମ.ଏଫ.ସି ସମୀକ୍ଷା ସା ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାଦି ଠାରେ ଅତିରିକ୍ତ ଜିଲ୍ଲା ଏବଂ ଦୌରା ଜଜ୍ ପ୍ରଣାମ କୁମାର ରାଉତ ଏବଂ ପ୍ୟାନେଲ ଓକିଲ ଶ୍ରୀ ଆଲୋକ ତିୱ୍ୱାରୀ, ପ୍ରଧାନ ଶିକ୍ଷକ ଓ ଅଧିକାରମିତ୍ରଗଣ ଯୋଗ ଦେଇ ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଆଇନ, ୨୦୧୨ (ପୋକ୍ସୋ ଆଇନ) ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ।

ବାରକୋଟରେ ଜିଲ୍ଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

ବାରକୋଟ, ୧।୧୧ (ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲାର ବାରକୋଟ ବ୍ଲକଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆର୍ଥିକ ସେବା ଓ କ୍ଷୁଦ୍ର ସଞ୍ଚୟ ଅଧିକାରୀ, ଦେବଗଡ଼, ବାରକୋଟ ଥାନାର ଆଇଆଇସି, ଏବିଡିଓ, ବିଏସଏସଓ, ମିଶନ ଶକ୍ତିର ବିପିସି ଏବଂ ବିଏସଏ ପ୍ରମୁଖ ଯୋଗଦେଇଥିଲେ।କାର୍ଯ୍ୟକ୍ରମରେ ନିୟମିତ ସଞ୍ଚୟ, ଆର୍ଥିକ ସଚେତନତା ଓ ମିତବ୍ୟୟିତାର ଗୁରୁତ୍ୱ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଅନାବଶ୍ୟକ ଖର୍ଚ୍ଚକୁ ନିୟନ୍ତ୍ରଣ କରି ଆୟରୁ କିଛି ଅଂଶ ସଞ୍ଚୟ କରିବା ଦ୍ୱାରା ଭବିଷ୍ୟତକୁ ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ କରାଯାଇପାରିବ ବୋଲି ମତପ୍ରକାଶ ପାଇଥିଲା। ଏଥିସହ ସଞ୍ଚୟକୁ ଦୈନନ୍ଦିନ ଜୀବନର ଏକ ଅଭ୍ୟାସ ଭାବେ ଗଢ଼ିତୋଳିବାକୁ ଉପସ୍ଥିତ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା।

କ୍ଷେତ୍ର ଅଧ୍ୟୟନ ବିନା ଲୋକସାହିତ୍ୟ ଅଧ୍ୟୟନ ଏକ ମୂର୍ଖାମୀ: ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀ




ନୀଳଗିରି ୧।୧୧ (ଅକ୍ଷର ଓଡ଼ିଶା): ଲୋକସଂସ୍କୃତିକୁ ଛାଡ଼ି ଓଡ଼ିଆର ପରିଚୟ ନାହିଁ । ଧର୍ମବିଶ୍ୱାସ କଦାପି ଅନ୍ଧବିଶ୍ୱାସ ନୁହେଁ । ଲୋକ ସଂସ୍କାରକୁ ଛାଡ଼ି ହେବନାହିଁ। ଲୋକ ପରମ୍ପରା ଓ ଲୋକ ସଂସ୍କୃତି ସର୍ବଦା ଭିନ୍ନ । ଫୋକ୍ ଲର୍ ର ଅଂଶ ହେଉଛି ଲୋକସଂସ୍କୃତି । କ୍ଷେତ୍ର ଅଧ୍ୟୟନ ବିନା ଲୋକ ସାହିତ୍ୟ ଅଧ୍ୟୟନ ଏକ ମୂର୍ଖାମୀ । ଲୋକ ସଂସ୍କୃତିର ଏକ ଅଂଶ ହେଉଛି ଲୋକ ସାହିତ୍ୟ । ଲୋକ ସାହିତ୍ୟରୁ ଲିଖିତ ସାହିତ୍ୟର ବିକାଶ । ଭାଷା ଅଧ୍ୟୟନ ପାଇଁ ଲୋକସାହିତ୍ୟ ଅଧ୍ୟୟନ ଜରୁରୀ । ଲୋକ ବଞ୍ଚିବା ପାଇଁ ପରିବେଶ ଲୋଡା । ଲୋକ ସାହିତ୍ୟ ଓ ଲୋକ ସାହିତ୍ୟ ଗବେଷଣା ଭିନ୍ନ କଥା । ଆଧୁନିକତାରେ ହଜି ବସିଛି ଲୋକ ସାହିତ୍ୟ ପରଂପରା । ଲୋକ ସଂସ୍କୃତିରେ ବିଶ୍ୱକୋଷୀୟ ଉପାଦେୟତା ନିହିତ ଅଛି । ଲୋକଧର୍ମ ଏକ ବହୁମୁଖୀ ସଂରଚନା । ଲୋକ ସଂସ୍କୃତିର ଗ୍ରନ୍ଥଗୁଡ଼ିକ ଗୋଟିଏ ଗୋଟିଏ ଜ୍ଞାନକୋଷ । ସହରୀକରଣ, ବଜାରୀକରଣ ଓ ଭୂମଣ୍ଡଳୀକରଣର ଉତ୍ତାପରେ ଲୋକ ସଂସ୍କୃତି ସନ୍ତୁଳି ହେଉଛି । ଲୋକାନୁଭବ ତଥା ବିଶ୍ୱାସ ଆଧାରରେ ପ୍ରବାଦ,ପ୍ରବଚନ, ଢଗଢମାଳି, ଲୋକବାଣୀ ହେଉଛି ଲୋକସାହିତ୍ୟର କେତୋଟି ଦିଗ । ଲୋକସାହିତ୍ୟ ମୌଖିକ ଅଟେ । ବୃଦ୍ଧବୃଦ୍ଧା ଏହାର ଭଣ୍ଡାର । ଲୋକ ସାହିତ୍ୟର ସଂଗ୍ରହ ଓ ଗବେଷଣା ଜରୁରୀ । ସର୍ବୋପରି ଜାତିପ୍ରୀତି ଓ ସଂସ୍କୃତିପ୍ରୀତି ରହିଲେ ଲୋକସାହିତ୍ୟରେ କାର୍ଯ୍ୟ କରିବା ସହଜ ହେବ ବୋଲି ସର୍ଣ୍ଣଚୂଡ ସାହିତ୍ୟ ପରିବାରର ୧୩ଷଡମ ଆଭାସୀ ପାଠଚକ୍ରରେ ଏକବିଂଶ ଶତାବ୍ଦୀରେ ଲୋକସାହିତ୍ୟର ଅସ୍ମିତା ଓ ପ୍ରାସଙ୍ଗିକତା ଶୀର୍ଷକରେ ଅତିଥି ଆଲୋଚକ ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀ ଓ ବିଶେଷଜ୍ଞ ଅରବିନ୍ଦ ପଟ୍ଟନାୟକ ନିଜନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ପ୍ରାରମ୍ଭରେ ପରିବାରର ସଂପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ କୁମାରୀ ଜ୍ୟୋତିପ୍ରଭା ଦାସ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶେଷରେ ବଲାଙ୍ଗୀରର ଅଧ୍ୟାପିକା ପଲ୍ଲବିନି ମିଶ୍ର ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ । ଉକ୍ତ ଆସରରେ ଶତାଧିକ ପାଠକଙ୍କ ବ୍ୟତୀତ ପ୍ରଫେସର କ୍ଷୀରୋଦ ଚନ୍ଦ୍ର ବେହେରା, ପ୍ରଫେସର ରାଜା ରାଓ, ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିଲେ ।

ତିଗିରିଆ ଥାନା ପକ୍ଷରୁ ଚଢ଼ାଉ ବାଣ ଜବତ, ଜଣେ ଗିରଫ

ଆଠଗଡ଼, ୧।୧୧(ଅକ୍ଷର ଓଡ଼ିଶା): ତିଗିରିଆ ଥାନା ପକ୍ଷରୁ ଚଢାଉ ସମୟରେ ବିପୁଳ ପରିମାଣର ବାଣ ଜବତ, ଜଣେ ଗିରଫ। ଖବର ମୁତାବକ ତିଗିରିଆ ଥାନା ପକ୍ଷରୁ ବାଣ ବେପାରୀଙ୍କ ଘରେ ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିବା ସହିତ ପୁରୁଣା ତିଗିରିଆ ଅଞ୍ଚଳର ଚୈତନ୍ୟ ସାଇଁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ସଂକ୍ରାନ୍ତରେ ତିଗିରିଆ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି ବୋଲି ତିଗିରିଆ ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

ସୁରବ ଗ୍ରାମରୁ ଅଜଗର ଉଦ୍ଧାର



ଅନୁଗୋଳ, ୧।୧୧ (ଅକ୍ଷର ଓଡିଶା) : ବନ୍ୟଜନ୍ତୁ ସୁରକ୍ଷା ଓ ମଣିଷ-ବନ୍ୟଜନ୍ତୁ ମଧ୍ୟରେ ସହାବସ୍ଥାନର ଏକ ଉତ୍ତମ ଉଦାହରଣ ସୃଷ୍ଟି କରିଛି ଅନୁଗୋଳ ବନଖଣ୍ଡ। ଗତ ଅକ୍ଟୋବର ୩୧ ତାରିଖରେ ସୁରବ ଗ୍ରାମରୁ ଏକ ଅଜଗର ସାପକୁ ସଫଳତାର ସହ ଉଦ୍ଧାର କରିଛି ବନ ବିଭାଗର ଟିମ୍। ସୂଚନା ଅନୁଯାୟୀ, ସୁରବ ଗ୍ରାମରେ ଏକ ଅଜଗର ସାପ ଥିବା ଖବର ପାଇବା ପରେ ବନ ବିଭାଗର କର୍ମଚାରୀମାନେ ତୁରନ୍ତ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲେ। ଏହି ଅଭିଯାନରେ ସର୍ପମିତ୍ର ଶ୍ରୀ ସୁଶାନ୍ତ କୁମାର ସାହୁ ସହଯୋଗ କରିଥିଲେ। ବନ ବିଭାଗର କର୍ମଚାରୀ ଓ ସର୍ପମିତ୍ରଙ୍କ ମିଳିତ ପ୍ରୟାସରେ ଅଜଗରଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା।ଉଦ୍ଧାର ପରେ ରେଞ୍ଜ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଅଜଗରଟିକୁ ତାହାର ଉପଯୁକ୍ତ ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ି ଦିଆଯାଇଥିଲା। ଏହାଦ୍ୱାରା ଗୋଟିଏ ପଟେ ବନ୍ୟଜନ୍ତୁର ଜୀବନ ସୁରକ୍ଷିତ ହୋଇଥିବାବେଳେ ଅନ୍ୟପଟେ ସ୍ଥାନୀୟ ଲୋକଙ୍କ ସୁରକ୍ଷା ମଧ୍ୟ ସୁନିଶ୍ଚିତ ହୋଇଛି।ଏହି ସଫଳ ଉଦ୍ଧାର ଅଭିଯାନ ପାଇଁ ଅନୁଗୋଳ ବନଖଣ୍ଡ ପକ୍ଷରୁ ସମସ୍ତ ବନ ଅଧିକାରୀ, ଆଗଧାଡ଼ିର ବନ କର୍ମଚାରୀ, ଗଜମିତ୍ର ଓ ସର୍ପମିତ୍ରଙ୍କ ତ୍ୱରିତ ପଦକ୍ଷେପ ଓ ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରାଯାଇଛି।ବନ୍ୟଜନ୍ତୁଙ୍କ ସୁରକ୍ଷା କେବଳ ବନ ବିଭାଗର ଦାୟିତ୍ୱ ନୁହେଁ, ଏଥିପାଇଁ ଜନସାଧାରଣଙ୍କ ସହଯୋଗ ମଧ୍ୟ ଜରୁରୀ।

ଭାରଗୋଳ ରେ ୪୯ ତମ ଗଜଲକ୍ଷ୍ମୀ ପୂଜା

କଟକସାଦର ୧।୧୧ (ଅକ୍ଷର ଓଡିଶା): ବୟାଳିଶମୌଜା ଅନ୍ତର୍ଗତ ଭାରଗୋଳ ସ୍ଥିତ ଭାଗବତ ଘର ଠାରେ ୪୯ ତମ ମା' ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ୭ ଦିନ ଧରି ପାଳିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମ ରେ ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ପ୍ରଫେସର ମନୋଜ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମା' ଙ୍କ ପୂଜା ମଣ୍ଡପ ରେ ୮୦୦ ରୁ ଉର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା ।

ପ୍ରଧାନପାଟ ଜଳପ୍ରପାତରେ ନିୟମକୁ ଫୁ', ପାଣିରେ ପଶି ଭିଡିଓ ଓ ରିଲ୍ସ କରୁଛନ୍ତି ପର୍ଯ୍ୟଟକ,ନିଷେଧାଦେଶକୁ ବେଖାତିର



ଦେବଗଡ଼ ୦୧/୧୧ (ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟ ଜଳପ୍ରପାତରେ ପାଣି ଭିତରକୁ ପ୍ରବେଶ ଉପରେ ନିଷେଧାଦେଶ ଜାରି ହୋଇଥିଲେ ମଧ୍ୟ କିଛି ପର୍ଯ୍ୟଟକ ଏହାକୁ ବେଖାତିର କରି ପାଣି ଭିତରକୁ ପ୍ରବେଶ କରୁଛନ୍ତି। ଏପରିକି ଜଳପ୍ରପାତର ପାଣିରେ ପଶି ଭିଡିଓ, ଫଟୋ ଓ ରିଲ୍ସ କରୁଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ, ପ୍ରଧାନପାଟ ଜଳପ୍ରପାତର ଜଳ ଦେବଗଡ଼ ସହରବାସୀଙ୍କ ପାନୀୟ ଜଳର ଏକ ପ୍ରମୁଖ ଉତ୍ସ। ଏଭଳି ସ୍ଥିତିରେ ଜଳର ସ୍ୱଚ୍ଛତା ଓ ସୁରକ୍ଷା ବଜାୟ ରଖିବା ଅତ୍ୟନ୍ତ ଜରୁରୀ। କିନ୍ତୁ ନିଷେଧାଦେଶ ସତ୍ତ୍ୱେ ପର୍ଯ୍ୟଟକଙ୍କ ଅବାଧ ପ୍ରବେଶ ଓ ପାଣି ଭିତରେ ଫଟୋସୁଟ୍ ଯୋଗୁଁ ଜଳର ସ୍ୱଚ୍ଛତା ସହ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛିଜଳପ୍ରପାତର ଦାୟିତ୍ୱରେ ଥିବା ବନ ବିଭାଗ ନିଷେଧାଦେଶକୁ କାହିଁକି କଡ଼ାକଡ଼ି ଭାବେ ଲାଗୁ କରୁନାହିଁ, ତାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢୁଛି। ପର୍ଯ୍ୟଟକଙ୍କଠାରୁ ମୁଣ୍ଡପିଛା ୧୦ ଟଙ୍କା ପ୍ରବେଶ ଶୁଳ୍କ ଆଦାୟ କରାଯାଉଥିବା ବେଳେ ଜଳପ୍ରପାତର ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ଦିଗରେ ଆବଶ୍ୟକ ଧ୍ୟାନ ଦିଆଯାଉନଥିବା ଅଭିଯୋଗ ହେଉଛି।ସହରବାସୀଙ୍କ ପାନୀୟ ଜଳର ସୁରକ୍ଷା ସହ ପର୍ଯ୍ୟଟନସ୍ଥଳୀରେ ଶୃଙ୍ଖଳା ବଜାୟ ରଖିବା ପାଇଁ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିୟୋଜିତ କରିବା ସହ ନିଷେଧାଦେଶ ଉଲ୍ଲଂଘନକାରୀଙ୍କ ବିରୋଧରେ ବନ ବିଭାଗ ତୁରନ୍ତ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ବାଲୁଗାଁରେ ଚୋରୀ ଘଟଣାର ପର୍ଦ୍ଦାଫାସ, ୨ ଚୋର ଗିରଫ

ବାଲୁଗାଁ, ୧।୧୧ (ଅକ୍ଷର ଓଡ଼ିଶା): ବାଲୁଗାଁ ଥାନା ଅଞ୍ଚଳରେ ଘଟିଥିବା ଏକ ଚୋରୀ ଘଟଣାର ପର୍ଦ୍ଦାଫାସ କରିଛି ବାଲୁଗାଁ ପୋଲିସ। ଏହି ଘଟଣାରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରୀ ସାମଗ୍ରୀ ଜବତ କରିଛି।ସୂଚନା ଅନୁଯାୟୀ, ବାଲୁଗାଁ ଥାନା ରେ ଏକ ବର୍ଗଲାରୀ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ତଦନ୍ତ କରି ବାଲୁଗାଁ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ସେମାନଙ୍କ ନିକଟରୁ ଚୋରୀ ହୋଇଥିବା ଗୋଟିଏ ଗ୍ୟାସ ସିଲିଣ୍ଡର ଏବଂ ଦୋକାନର ଅନ୍ୟାନ୍ୟ ବାସନ କୁସନ ଜବତ ହୋଇଛି। ଗିରଫ ଅଭିଯୁକ୍ତ ମାନେ ହେଉଛନ୍ତି ଟିଟୁ,ରମେଶ ଦାସ (୨୨), ପିତା- ଭଗିଆ ଏ ଭାଗୀରଥି ଦାସ, ଚନ୍ଦ୍ରାପୁଟ, ବାଲୁଗାଁ, ଖୋର୍ଦ୍ଧା।ଏବଂ ଶୁଭମ ସାଇଁ (୨୦), ପିତା- ବାବୁଲାଲ ସାଇଁ, ଗଙ୍ଗାପୁର, ଗଞ୍ଜାମ ଅଞ୍ଚଳର ବୋଲି ଜଣାପଡିଛି ।ଉଭୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

କେନ୍ଦୁଝରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ପଦଯାତ୍ରା ଓ ଶପଥ ଗ୍ରହଣ ମାଧ୍ୟମରେ ସର୍ଦ୍ଦାର

ଶିଶୁ ସୁରକ୍ଷା ନେଇ ଚମ୍ପୁଆରେ ଆଇନ ସଚେତନତା କାର୍ଯ୍ୟକ୍ରମ

ପୋକ୍ସୋ ଆଇନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କଲେ ବିଚାର ବିଭାଗୀୟ ଅଧିକାରୀ



କେନ୍ଦୁଝର, ୦୧/୧୧ (ଦିଲ୍ଲୀପ କୁମାର ସାହୁ): ଶିଶୁମାନଙ୍କୁ ଯୌନ ଅପରାଧ ଓ ସମସ୍ତ ପ୍ରକାର ନିର୍ଯାତନାରୁ ସୁରକ୍ଷା ଦେବା ସହ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟରେ ଚମ୍ପୁଆ ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦେଶବ୍ୟାପୀ ଚାଲିଥିବା 'ସୁରକ୍ଷିତ ବଚପନ୍ ଅଭିଯାନ' ଅନ୍ତର୍ଗତ ଚମ୍ପୁଆ ତାଲୁକ ଆଇନ ସେବା କମିଟି ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା ।କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା କମିଟିର ଅଧକ୍ଷ ତଥା ଚମ୍ପୁଆ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଣୟ କୁମାର ଦାସ ଅଧକ୍ଷତା କରି ଶିଶୁମାନେ ଦେଶର ଭବିଷ୍ୟତ ହୋଇଥିବାରୁ ସେମାନଙ୍କ ଶୈଶବକୁ ସୁରକ୍ଷିତ ରଖିବା ସମାଜର ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ । କୌଣସି ବ୍ୟକ୍ତିଙ୍କ ଅନୁଚିତ ଆଚରଣ କିମ୍ବା ଅସ୍ୱସ୍ତିକର ସ୍ପର୍ଶର ସମ୍ମୁଖୀନ ହେଲେ ନୀରବ ନ ରହି ଅଭିଭାବକ, ଶିକ୍ଷକ କିମ୍ବା ବିଶ୍ୱସ୍ତ ବଡ଼ମାନଙ୍କୁ ଜଣାଇବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।ଏହି ଅବସରରେ ସବ୍‌ଜଜ୍ ଜିତେନ୍ଦ୍ର ଦାସ ଏବଂ ଏସ୍‌ଡିଜେଏମ୍ ସାଧନ ଜିତ ପଣ୍ଡା ଯୋଗଦେଇ ଶିଶୁଙ୍କ ସୁରକ୍ଷା ପାଇଁ ପ୍ରଣୀତ 'ପୋକ୍ସୋ ଆଇନ-୨୦୧୨'ର ବିଭିନ୍ନ ଦିଗ ସମ୍ପର୍କରେ ସରଳ ଭାଷାରେ ବୁଝାଇଥିଲେ । ଶିଶୁମାନଙ୍କ ଅଧିକାର, ଆଇନଗତ ସୁରକ୍ଷା ଏବଂ ଅସୁରକ୍ଷିତ ପରିସ୍ଥିତିରେ କିପରି ସହାୟତା ଲୋଡ଼ିବେ, ସେ ସମ୍ପର୍କରେ ସେମାନେ ଆଲୋକପାତ କରିଥିଲେ । ବରିଷ୍ଠ ଆଇନଜୀବୀ ବିଷ୍ଣୁ ଚରଣ ରାଠୋର ଶିଶୁ ଅଧିକାରର ସୁରକ୍ଷା ପାଇଁ ସମାଜର ପ୍ରତ୍ୟେକ ସ୍ତରରେ ସଚେତନତା ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।ବିଦ୍ୟାଳୟର ଶିକ୍ଷୟିତ୍ରୀ ମଧୁସ୍ମିତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ତାଲୁକ ଆଇନ ସେବା କମିଟିର ସହାୟକ ଅବଦୁଲ ସୁରଜ ଖାନ ଏବଂ ପାରାଲିଗାଲ୍ ସ୍ୱେଚ୍ଛାସେବୀ ରାମକୃଷ୍ଣ ଜିତ ସହଯୋଗ କରିଥିଲେ । ଏଥିରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।ଶିଶୁମାନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ଗଠନ କରିବା ସହ ଆଇନଗତ ଅଧିକାର ସମ୍ପର୍କରେ ସଚେତନତା ବୃଦ୍ଧି କରିବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା । ଶିଶୁ ସୁରକ୍ଷା କେବଳ ଆଇନର ଦାୟିତ୍ୱ ନୁହେଁ, ଏହା ସମଗ୍ର ସମାଜର ନୈତିକ କର୍ତ୍ତବ୍ୟ ବୋଲି କାର୍ଯ୍ୟକ୍ରମରେ ବାର୍ତ୍ତା ଦିଆଯାଇଥିଲା ।

ଆନନ୍ଦପୁର ପୋଲିସ ପକ୍ଷରୁ 'ରାଷ୍ଟ୍ରୀୟ ଏକତା ଦିବସ' ପାଳନ

କେନ୍ଦୁଝର, ୦୧/୧୧ (ଦିଲ୍ଲୀପ କୁମାର ସାହୁ): - ଆନନ୍ଦପୁର ପୋଲିସ ପକ୍ଷରୁ ୩୧ ତାରିଖ ଶନିବାର ଦିନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ନେଇ 'ରାଷ୍ଟ୍ରୀୟ ଏକତା ଦିବସ' ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶନିବାର ସକାଳ ୮ଘଟିକାରୁ ଆନନ୍ଦପୁର ଇଣ୍ଡୋର ଷ୍ଟାଡ଼ିୟମରୁ ଆନନ୍ଦପୁର ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଏକ ଶୋଭାଯାତ୍ରାରେ ବାହାରି ଆନନ୍ଦପୁର ନଗର ପରିକ୍ରମା କରି ଜନସାଧାରଣଙ୍କୁ ଜାତୀୟ ଏକତା ଅଖଣ୍ଡତା ଭାଇଚାରର ମହତ୍ୱ ସମ୍ପର୍କରେ ସଚେତନ କରାଇ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ନିକଟରେ ପହଂଚିଥିଲା । ଆନନ୍ଦପୁର ଥାନା ଅଧିକାରୀ ଫନୀନ୍ଦ୍ର ଭୂଷଣ ନାୟକଙ୍କ ନେତୃତ୍ୱରେ ପୋଲିସ ବାହିନୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଆନନ୍ଦପୁର ନଗର ବିଜେପି ସଭାପତି ହେମନ୍ତ କୁମାର ସାହୁ, ସମ୍ପାଦକ ମଳୟ କୁମାର ମିଶ୍ରଙ୍କ ନେତୃତ୍ୱରେ କାର୍ଯ୍ୟକର୍ତାମାନେ ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ସାରା ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଉଥିବା ବେଳେ ଆନନ୍ଦପୁର ପୋଲିସ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଖବର ଦିଆଯାଇ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

ସୁରକ୍ଷିତ ବଚ୍ପନ୍ ଅଭିଯାନ ଶୀର୍ଷକ ଆଇନ ସଚେତନତା କାର୍ଯ୍ୟକ୍ରମ

ଶିଶୁଙ୍କ ସ୍ୱର- ମୁଁ ଆଉ ଚୁପ୍ ରହିବି ନାହିଁ କାରଣ ମୁଁ ସୁରକ୍ଷିତ ଓ ସଚେତନ



କେନ୍ଦୁଝର ସଦର ୧।୧୧: (ମନୋଜ କୁମାର ପଟେଲ)ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝର ଆୟୋଜନରେ ନରଣପୁର ସରକାରୀ ଆବାସିକ ବିଦ୍ୟାଳୟ ପରିସରରେ 'ସୁରକ୍ଷିତ ବଚପନ୍ ଅଭିଯାନ' ଶୀର୍ଷକ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗଦେଇ ସୁରକ୍ଷିତ ଶୈଶବ ଅଭିଯାନ କ୍ଷେତ୍ରରେ ପ୍ରାଧିକରଣ ଦ୍ୱାରା ନିଆଯାଇଥିବା ବିଭିନ୍ନ ବିଦ୍ୟାଳୟସ୍ତରରେ କାର୍ଯ୍ୟକ୍ରମ ଏବଂ ଏ କ୍ଷେତ୍ରରେ ପ୍ରାଧିକରଣର ଭୂମିକା ଉପରେ ବିବରଣୀ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡୀୟ ବିଚାର ବିଭାଗ ବିଚାରପତି ସନ୍ତୋଷ କୁମାର ବାରିକ,ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ଯଜ୍ଞମ ଈଶ୍ୱର,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ବେହେରା,ଟାଉନ ଥାନା ଉପ ପରିଦର୍ଶିକା ପୂର୍ଣ୍ଣମୟୀ ସେଠୀ,ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କପିଳ ଚନ୍ଦ୍ର ଦାଶ,ଶିଶୁ ସୁରକ୍ଷା ସେଲ ର ଋଣୀ ଦାଶ,ପାନେଲ ଅଧିବକ୍ତା ଅର୍ଚ୍ଚନା ଦାସ ଯୋଗଦେଇ ଶିଶୁମାନଙ୍କ ସୁରକ୍ଷା ପାଇଁ ସରକାରୀ ଓ ବିଚାର ବିଭାଗୀୟ ସ୍ତରରେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ, ପୋକ୍ସ (ଶିଶୁ ଯୌନ ସୁରକ୍ଷା ଆଇନ) ଉପରେ ମତବ୍ୟକ୍ତ କରିଥିଲେ । ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ସୁରକ୍ଷିତ ବଚପନ୍ ଅଭିଯାନ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍‌ଦେଶ୍ୟ ବିଷୟରେ ଅବତାରଣା କରି ସଭା ପରିଚାଳନା କରିଥିଲେ । ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପ୍ରଶ୍ନ କରାଯାଇ ତାର ସନ୍ତୋଷଜନକ ଉତ୍ତର ପାଇ ପାରିଥିଲେ । ପରବର୍ତ୍ତୀ ଦିନ ମାନଙ୍କରେ ଏହି କାର୍ଯ୍ୟକ୍ରମ ଡିଏଭି ବିଦ୍ୟାଳୟ,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,ଓଡିଶା ଆଦର୍ଶ ବିଦ୍ୟାଳୟ,ରବିନ୍ଦ୍ର ବିଦ୍ୟା ନିକେତନ ବିଦ୍ୟାଳୟମାନଙ୍କରେ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ରହିବାର ସଚେତନତା କାର୍ଯ୍ୟକ୍ରମ ଉପର ଅବଗତ କରାଯିବାକୁ ସ୍ଥିରୀକୃତ ହୋଇଅଛି ।

ଖାଇବାକୁ ନେଇ କଳହର କରୁଣ ପରିଣତି, ସ୍ୱାମୀଙ୍କ ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଅଭିଯୋଗ

କେନ୍ଦୁଝର, ୦୧/୧୧(ଦିଲ୍ଲୀପ କୁମାର ସାହୁ): ଖାଇବାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହରୁ ଏକ ମର୍ମନ୍ତୁଦ ଘଟଣା ଘଟିଥିବା ଅଭିଯୋଗ ହୋଇଛି । କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ନୟାକୋଟ ଥାନା ଅଧୀନ କୁଶକଳା ଗ୍ରାମର କାଳିଆଡ଼ିହି ସାହିରେ ଏହି ଘଟଣା ଘଟିଛି । ସ୍ୱାମୀଙ୍କ ମାଡ଼ରେ ସ୍ତ୍ରୀ ମେଂଜତି ମୁଣ୍ଡାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଥିବାବେଳେ, ପୁଲିସ ଅଭିଯୁକ୍ତ ସ୍ୱାମୀ ଗଲୁ ମୁଣ୍ଡାଙ୍କୁ ଅଟକ ରଖି ପଚରାଉଚରା କରୁଛି ।ସୂଚନା ଅନୁଯାୟୀ, ଗଲୁ ମୁଣ୍ଡା ମଙ୍ଗଳବାର ଦିନ କାମକୁ ଯାଇ ସନ୍ଧ୍ୟାରେ ଘରକୁ ଫେରିଥିଲେ । ସେହି ସମୟରେ ସେ ନିଶାଶକ୍ତ ଅବସ୍ଥାରେ ସ୍ତ୍ରୀଙ୍କୁ ଖାଇବାକୁ ମାଗିଥିଲେ । ଏହାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ପରେ ଗଲୁ ଉଦ୍ୟକ୍ତ ହୋଇ ସ୍ତ୍ରୀଙ୍କୁ ମାଡ଼ ମାରିଥିବା ଏବଂ ଏଥିରେ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ରହିଛି ।ଅଭିଯୋଗ ଅନୁସାରେ, ଘଟଣା ପରେ ମୃତଦେହକୁ ଗାଁ ନିକଟସ୍ଥ ଜଙ୍ଗଲରେ ଫିଙ୍ଗି ଦିଆଯାଇଥିଲା । ଘଟଣାର ଚାରି ଦିନ ପରେ ମୃତକଙ୍କ ପୁଅ ନୟାକୋଟ ପୁଲିସକୁ ଏ ସମ୍ପର୍କରେ ଜଣାଇଥିଲେ । ଖବର ପାଇ ପୁଲିସ ଜଙ୍ଗଲରୁ ମୃତଦେହ ଉଦ୍ଧାର କରିବା ସହ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି ।ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖାଯାଇ ପଚରାଉଚରା ଜାରି ରହିଛି । ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତେବେ ମୃତ୍ୟୁର ପ୍ରକୃତ କାରଣ ଓ ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ପୁଲିସ ତଦନ୍ତ ପରେ ସ୍ପଷ୍ଟ ହେବ ।

ପାଟଣା ଥାନାରେ 'ଆମ ପୋଲିସ' ବୈଠକ


ଚୋରି ଓ ସାଇବର ଠକେଇ ରୋକିବା ଉପରେ ଗୁରୁତ୍ୱ



କେନ୍ଦୁଝର, ୦୧/୧୧ (ଦିଲ୍ଲୀପ କୁମାର ସାହୁ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ପରିସରରେ ଶନିବାର ଆମ ପୋଲିସ ସମିତି ବୈଠକ, ନିଶାମୁକ୍ତ ଭାରତ ଅଭିଯାନ ପାଇଁ ଶପଥ ପାଠ ଏବଂ ରାଷ୍ଟ୍ରୀୟ ଏକତା ଦିବସ ସମ୍ପର୍କିତ କାର୍ଯ୍ୟକ୍ରମ ଥାନା ଅଧିକାରୀ କିରଣ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ।ବୈଠକରେ ଅଞ୍ଚଳର ଆଇନଶୃଙ୍ଖଳା ସ୍ଥିତି, ଅପରାଧ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ସୁରକ୍ଷା ନେଇ ବିସ୍ତୃତ ଆଲୋଚନା ହୋଇଥିଲା ।ପାଟଣା ଅଞ୍ଚଳରେ ଚୋରି ଓ ଡକାୟତି ଭଳି ଅପରାଧ ରୋକିବା ପାଇଁ ପୋଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ସହ ଜନସାଧାରଣ ଓ ବ୍ୟବସାୟୀମାନଙ୍କ ସହଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା ବଢ଼ାଇବା ପାଇଁ ସିସିଟିଭି କ୍ୟାମେରା ଲଗାଇବାକୁ ପୋଲିସ ପରାମର୍ଶ ଦେଇଥିଲା । ସେହିପରି ବଢୁଥିବା ସାଇବର ଠକେଇରୁ ରକ୍ଷା ପାଇବା ପାଇଁ ଅଜଣା ବ୍ୟକ୍ତିଙ୍କୁ ମୋବାଇଲ ନମ୍ବର, ଓଟିପି ଓ ଏଟିଏମ୍ ପିନ୍ ଭଳି ଗୋପନୀୟ ତଥ୍ୟ ନଦେବାକୁ ସଚେତନ କରାଯାଇଥିଲା । ସନ୍ଦିଗ୍ଧ ଫୋନ୍ କଲ୍ ଓ ଠକେଇପୂର୍ଣ୍ଣ ବାର୍ତ୍ତା ପ୍ରତି ସତର୍କ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା । ବୈଠକରେ ଥାନା ଅଧିକାରୀ କିରଣ ପ୍ରସାଦ ସାହୁ, ଏସ୍‌ଆଇ ଲକ୍ଷ୍ମଣ ମାଝୀ, ଏଏସ୍‌ଆଇ ଜିତେନ୍ଦ୍ର କୁମାର ପଟେଲଙ୍କ ସମେତ ପାଟଣା ବଜାରର ଅଜୟ କୁମାର ଦାଶ, ସମବାୟବିତ୍ ଦୀନବନ୍ଧୁ ମିଶ୍ର, ଯତୀନ୍ଦ୍ର କୁମାର ଦାଶ, ସହଦେବ ବେହେରା, ଦକ୍ଷ କୁମାର ସାହୁ, ଅଜୟ ଦାସ, ପ୍ରଦୀପ ବେହେରା, ବିଷ୍ଣୁ ବେହେରା, ଖବରଦାତା କାମିନୀକାନ୍ତ ଦ୍ୱିବେଦୀ, ଦଶରଥ ବାରିକ, ଚିରଞ୍ଜୀବ ଦାଶ ଓ ରଞ୍ଜନ ବାରିକଙ୍କ ସମେତ ବହୁ ବ୍ୟବସାୟୀ ଓ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ । ଅପରାଧ ନିୟନ୍ତ୍ରଣ, ସାଇବର ସୁରକ୍ଷା ଓ ନିଶାମୁକ୍ତ ସମାଜ ଗଠନ ଦିଗରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ବଢ଼ାଇବା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଶିଶୁ ଶ୍ରମ ମୁକ୍ତ କେନ୍ଦୁଝର - ଆମର ସଂକଳ୍ପ

ଶିଶୁ ଶ୍ରମ ମୁକ୍ତ ଗ୍ରାମ ପଂଚାୟତ ସଚେତନତା ଅଭିଯାନ ଶୁଭାରମ୍ଭ




କେନ୍ଦୁଝର ସଦର ୦୧।୧୧:(ମନୋଜ କୁମାର ପଟେଲ):ଶିଶୁ ଶ୍ରମ ମୁକ୍ତ ଗ୍ରାମ ପଂଚାୟତ ସଚେତନତା ଅଭିଯାନ ଅବସରରେ ଶନିବାର ଦିନ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରରୁ ଶୁଭାରମ୍ଭ କରାଯାଇଥିବା ରଥକୁ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ଜିଲ୍ଲାର ସମସ୍ତ ପଂଚାୟତ ବୁଲି ବ୍ୟାପକ ସଚେତନ କରିବ । ସଚେତନତା ରଥ ମାଧ୍ୟମରେ ଶିଶୁ ଶ୍ରମ ନିରାକରଣ ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଁଚାଯାଇଥିଲା । ଶିଶୁ ଓ କିଶୋର/କିଶୋରୀ ଆମ ଦେଶର ସମ୍ପଦ । ଶିଶୁ ଶ୍ରମକୁ ପ୍ରୋତ୍ସାହନ ବା ସମର୍ଥନ ଦିଅନ୍ତୁ ନାହିଁ ଏବଂ ଶିଶୁମାନଙ୍କୁ ବିଦ୍ୟାଳୟ ପଠାଇ ଶିକ୍ଷା ଅଧିକାର ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏଥିସହିତ ହୋଟେଲ,ଜଳଖିଆ ଦୋକାନ,ଢାବା,ଗ୍ୟାରେଜ,ପେଟ୍ରୋଲ ପମ୍ପ ଓ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନରେ ଜନ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଶିଶୁ ଶ୍ରମ ନିଷେଧ ସମ୍ପର୍କିତ ପୋଷ୍ଟର ଓ ଘୋଷଣାନାମା ପ୍ରଦର୍ଶନ କରାଯାଇଥିଲା । ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ କାନ୍ଥରେ ଶିଶୁ ଶ୍ରମ ନିଷେଧ ସମ୍ବନ୍ଧୀୟ ଘୋଷଣାନାମା ଲଗାଯାଇ ଦୋକାନୀ,ବ୍ୟବସାୟୀ ଓ ସାଧାରଣ ଜନତାଙ୍କୁ ଶିଶୁ ଶ୍ରମ ନିୟୋଜନର କୁପରିଣାମ ଏବଂ ଏହା ସମ୍ପର୍କୀୟ ଆଇନଗତ ଦଣ୍ଡବିଧାନ ବିଷୟରେ ସଚେତନତା କରାଯାଇଥିଲା । ଶିଶୁ ମାନଙ୍କ ପାଇଁ ଶିକ୍ଷା, ସୁରକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବା ସହିତ ଶିଶୁ ଶ୍ରମ ସଂପୂର୍ଣ୍ଣ ନିରାକରଣ ନିମନ୍ତେ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସହଯୋଗ ଓ ସକ୍ରୀୟ ଅଂଶଗ୍ରହଣ ଅତ୍ୟନ୍ତ ଜରୁରୀ ବୋଲି ବାର୍ତ୍ତା ଦିଆଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ,ଜିଲ୍ଲା ଶ୍ରମ ଅଧିକାରୀ ଚୈତନ୍ୟ ପ୍ରସାଦ ମାଝୀ,ଦୀପ୍ତିମୟୀ ରାଉଳ,ଘଟଗାଁ ବ୍ଲକ ସହକାରୀ ଶ୍ରମ ଅଧିକାରୀ ଘନଶ୍ୟାମ ମହାନ୍ତ,ଝୁମ୍ପୁରା ବ୍ଲକର ସହକାରୀ ଶ୍ରମ ଅଧିକାରୀ ରୀତାଞ୍ଜଳି ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

ବରିଷ୍ଠ ସାମ୍ବାଦିକ ସଞ୍ଜୟ ସାହୁଙ୍କୁ 'ମା' ତାରିଣୀ ରାଷ୍ଟ୍ରସେବକ ସମ୍ମାନ



କେନ୍ଦୁଝର,୦୧/୧୧ (ଦିଲ୍ଲୀପ କୁମାର ସାହୁ): କଳା, ସଂସ୍କୃତି ଓ ସାହିତ୍ୟର ମହାମିଳନରେ ଘଟଗାଁସ୍ଥିତ ମା' ତାରିଣୀ ପୀଠ ନିକଟ ହୋଟେଲ ମା'ର ସମ୍ମିଳନୀ କକ୍ଷରେ ବୁଢ଼ା ବୈତରଣୀ ସାହିତ୍ୟାନୁଷ୍ଠାନ ପକ୍ଷରୁ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ଓଡ଼ିଶାର ୩୦ଟି ଜିଲ୍ଲାର ବହୁ ପ୍ରତିଭାବାନ ବ୍ୟକ୍ତି ଯୋଗଦେଇ ନିଜ ନିଜର କଳା, ସାହିତ୍ୟ ଓ ସାଂସ୍କୃତିକ ପ୍ରତିଭାର ପରିଚୟ ଦେଇଥିଲେ ।ଉତ୍ସବରେ ଅବସରପ୍ରାପ୍ତ ଜିଲ୍ଲାପାଳ ତଥା ବହୁଭାଷୀ ସାହିତ୍ୟିକ ଡ. ଅଲେଖ ପ୍ରସାଦ ମହାରଣା ମୁଖ୍ୟଅତିଥି, ସଂସ୍କୃତି କଳା ପରିଷଦର ଅଧକ୍ଷ ଲକ୍ଷ୍ମୀଧର ସାହୁ ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ସରୋଜ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ତଥା 'ସୁନ୍ଦର ମୋ ଭାଷା ସାହିତ୍ୟ'ର ସମ୍ପାଦକ ଡ. ନାରାୟଣ ଚନ୍ଦ୍ର ସେନାପତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବାବେଳେ ବିଶିଷ୍ଟ ଗୀତିକାର ତନୁଶ୍ରୀ ପାଣିଗ୍ରାହୀ ଏହାକୁ ପରିଚାଳନା କରିଥିଲେ ।ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଭା ଓ ଅବଦାନ ପାଇଁ ବହୁ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେଥିମଧ୍ୟରେ ଘଟଗାଁ ବ୍ଲକ ଡେଙ୍କିକୋଟ ଅଞ୍ଚଳର ବରିଷ୍ଠ ସାମ୍ବାଦିକ, ସୁସାହିତ୍ୟିକ, କବି ତଥା ମଞ୍ଚ ଉପସ୍ଥାପକ ସଞ୍ଜୟ କୁମାର ସାହୁଙ୍କୁ 'ମା' ତାରିଣୀ ରାଷ୍ଟ୍ରସେବକ ସମ୍ମାନ' ପ୍ରଦାନ କରାଯାଇଥିଲା । ଅନୁଷ୍ଠାନ ପକ୍ଷରୁ ତାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା ।ସାମ୍ବାଦିକତା, ସାହିତ୍ୟ ସାଧନା, କବିତା ରଚନା ଓ ମଞ୍ଚ ଉପସ୍ଥାପନା କ୍ଷେତ୍ରରେ ସଞ୍ଜୟ ସାହୁଙ୍କ ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ତାଙ୍କୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି ।

ଆନନ୍ଦପୁର ଶ୍ରୀ ସତ୍ୟ ସାଇ ସେବା ସମିତି ପକ୍ଷରୁ ଜେଲ ପରିସରରେ ଭଜନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ



କେନ୍ଦୁଝର, ୦୧/୧୧ (ଦିଲ୍ଲୀପ କୁମାର ସାହୁ): ଜେଲ୍ ପରିସରରେ ୩୧ ତାରିଖ ଶନିବାର ଦିନ ଶ୍ରୀ ସତ୍ୟ ସାଇ ସେବା ସମିତି, ଆନନ୍ଦପୁର ଆନୁକୂଲ୍ୟରେ ଏକ ଭକ୍ତିପୂର୍ଣ୍ଣ ଭଜନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନ ୩:୩୦ ମିନିଟରେ ଆୟୋଜିତ ଏହି କାର୍ଯ୍ୟକ

ପୋଖରୀରେ ବୁଡି ୩ ଶିଶୁ ମୃତ୍ୟୁ

ସାଲେପୁର, ୦୧/୧୧ (ମନୋଜ ସାମଲ)କଇଁ ଫୁଲ ତୋଳିବାକୁ ଯାଇ ଅକାଳରେ ଚାଲିଗଲା ୩ଶିଶୁ ଙ୍କ ଜୀବନ,କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଞ୍ଚାୟତ ଝଡ଼େଶ୍ୱରୀ ପୁର ଗ୍ରାମରେ ଅଭାବନୀୟ ଘଟଣା,୩ଜଣ ଶିଶୁ ଘର ନିକଟ ପୋଖରୀକୁ କଇଁ ଫୁଲ ତୋଳିବାକୁ ଯାଇଥିବା ବେଳେ ଗଭୀର ପାଣିରେ ବୁଡି ମୃତ୍ୟ ବରଣ କରିଛନ୍ତି /ମୃତକଙ୍କ ମଧ୍ୟରେ ରହିଛନ୍ତି ଦୁଇ ଭାଇ, ମୃତ ଶିଶୁଙ୍କ ବୟସ ୩,୪,ଓ ୫ ବର୍ଷ,ଗ୍ରାମ ବାସି ଉଦ୍ଧାର କରି ପ୍ରଥମେ ମେଡିକାଲ ନେଇଥିଲେ ମଧ୍ୟ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଛନ୍ତି,ଘଟଣା କୁ ନେଇ ସମଗ୍ର ଗ୍ରାମ ରେ ଶୋକ ର ଛାୟା ଖେଳିଯାଇଛି ।

ଇନ୍ଦିରା ଗାନ୍ଧୀଙ୍କ ୪୨ତମ ମହାପ୍ରୟାଣ ଦିବସ ପାଳିତ

ପାରଳାଖେମୁଣ୍ଡି, ୧/୧୧(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଆଜି ଦିନ ୧୧ ଘଣ୍ଟା ସମୟରେ ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପୁର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ଇନ୍ଦିରା ଗାନ୍ଧୀଙ୍କ ୪୨ତମ ମହାପ୍ରୟାଣ ଦିବସରେ ପାଳନ ହୋଇଯାଇଛି । ଏହି ଅବସରରେ ଆଜି କଂଗ୍ରେସ କାର୍ଯ୍ୟାଳୟରେ ଇନ୍ଦିରା ଗାନ୍ଧୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ, ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା. ଇନ୍ଦିରା ଗାନ୍ଧୀଙ୍କ ତ୍ୟାଗ ଓ ଆଦର୍ଶକୁ ନେଇ ପ୍ରତେକ କଂଗ୍ରେସ କର୍ମୀ ଲୋକଙ୍କ ସେବା କରନ୍ତୁ ବୋଲି ଆଜିର ମହାପ୍ରୟାଣ ଦିବସରେ କଂଗ୍ରେସ ନେତାମାନେ ମତବ୍ୟକ୍ତ କରିଥିଲେ. ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟିର ନେତା ସୂର୍ଯ୍ୟ ନାରାୟଣ ପାତ୍ର, ବିଷ୍ଣୁ ପ୍ରସାଦ ପାଣି, ମୁନା ମହାରଣା, ଲୋକି ପାତ୍ର, ଲୋକେଶ ବରାଡ, ରାଜ ପାତ୍ର, ନୀରାକାର ପାଣିଗ୍ରାହୀ, ଜନାର୍ଦ୍ଦନ ରାଓ, ଦଣ୍ଡପାଣି ପଣ୍ଡା,ବାଘା ପଣ୍ଡା ପ୍ରମୁଖ ଉପସ୍ଥିତିରେ ଆଜି ସ୍ୱର୍ଗୀୟ ଇନ୍ଦିରା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳନ କରାଯାଇଛି ।

ଖୋର୍ଦ୍ଧା ଜିଲ୍ଲାରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

ଖୋର୍ଦ୍ଧା, ୦୧/୧୧(ଅକ୍ଷର ଓଡ଼ିଶା): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଆର୍ଥିକ ସାକ୍ଷରତା ଶିବିର ଆୟୋଜିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଚୟ ମଣିଷ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମତବ୍ୟକ୍ତ କରିଥିଲେ। ନିୟମିତ ସଂଚୟ ଓ ମିତବ୍ୟୟିତା ଅବଲମ୍ବନ ଦ୍ୱାରା ଜନସାଧାରଣ ନିଜର ଆର୍ଥିକ ସ୍ଥିତିକୁ କିପରି ସୁଦୃଢ଼ କରିପାରିବେ, ସେ ସମ୍ପର୍କରେ ସେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟକ୍ତି, ପରିବାର ଓ ରାଷ୍ଟ୍ରର ଭବିଷ୍ୟତକୁ ସୁରକ୍ଷିତ ରଖିବାରେ ସ୍ୱଳ୍ପ ସଂଚୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସ୍ୱଳ୍ପ ସଂଚୟ ଯୋଜନା ମାଧ୍ୟମରେ ଲୋକମାନେ ନିଜର ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ କରିବା ସହ ଆବଶ୍ୟକ ସମୟରେ ଆର୍ଥିକ ସହାୟତା ପାଇପାରିବେ ବୋଲି ସେ ମତ ଦେଇଥିଲେ । ସେହିପରି ସାଇବର କ୍ରାଇମ ଡିଏସ୍‌ପି ରବିନାରାୟଣ ଭଞ୍ଜ ସମ୍ମାନିତ ଅତିଥିଭାବେ ଯୋଗଦେଇ ଡିଜିଟାଲ ଆର୍ଥିକ କାରବାର ସମୟରେ ସତର୍କତା ଅବଲମ୍ବନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଯାଜପୁରରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା

୩୭ ଜଣ ସେବକ/ସେବିକାଙ୍କୁ ନିଯୁକ୍ତି ପତ୍ର ବଣ୍ଟନ



ଯାଜପୁର ୦୧/୧୧ (ଅକ୍ଷର ଓଡ଼ିଶା) ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ମିଳିତ ଆନୁକୂଲ୍ୟରେ ୦୧ ନଭେମ୍ବର ୨୦୨୬ ରିଖ ପୂର୍ବାହ୍ନରେ ଜିଲ୍ଲା କଲେକ୍ଟରେଟ୍ ସମ୍ମିଳନୀ କକ୍ଷଠାରେ ଏକ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା ଯୋଗଦେଇ ନବନିର୍ବାଚିତ ୪୧ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୩୭ ଜଣ ସେବକ/ସେବିକାଙ୍କୁ ନିଯୁକ୍ତି ପତ୍ର ଆନୁଷାନିକ ଭାବେ ବଣ୍ଟନ କରିଛନ୍ତି ।ଏହି ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ଜିଲ୍ଲାର ଶିକ୍ଷା, ଜନଜାତି ଭାଷା ଓ କଲ୍ୟାଣମୂଳକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏକ ବଡ଼ ଭୂମିକା ଗ୍ରହଣ କରିବ। ସେବକ, ସେବିକା ଏବଂ ଜନଜାତି ଭାଷା ଶିକ୍ଷକ ମାନଙ୍କର ଏହି ନିଯୁକ୍ତି ଦ୍ୱାରା ଅବହେଳିତ ଓ ଅନଗ୍ରସର ଅଞ୍ଚଳର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ଓ ଉଚିତ୍ ପରିଚାଳନା ପାଇପାରିବେ। ଏହା ସହିତ ସ୍ଥାନୀୟ ସଂସ୍କୃତି ଓ ଭାଷାର ସୁରକ୍ଷା ହେବା ସହ ଜନଜାତି ଅଞ୍ଚଳରେ ଶିକ୍ଷାର ସ୍ତର ଯଥେଷ୍ଟ ବୃଦ୍ଧି ପାଇବ।

ସମାଜର ଆର୍ଥିକ ଓ ସାମାଜିକ ଅଭିବୃଦ୍ଧି ପାଇଁ ଜିଲ୍ଲା ପ୍ରଶାସନର ଏହି ପ୍ରଶଂସନୀୟ ଉଦ୍ୟମ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସ୍ୱାଗତ କରାଯାଇଛି । ସରକାରଙ୍କ ଏହିପରି ଜନକଲ୍ୟାଣକାରୀ ଓ ନିଯୁକ୍ତିଭିତ୍ତିକ ଯୋଜନା ଯାଜପୁର ଜିଲ୍ଲାକୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଏକ ନୂତନ ଶିଖରକୁ ନେଇଯିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ।

ରାସ୍ତା ନଥିବାରୁ ୩ କିମି ବୁହା ହେଲା ଶବ

ଦିନେ ଗଣମାଧ୍ୟମର ଶିରୋନାମା ପାଲୋଟିଥିଲା ଏହି ଗାଁ

ଦଶମନ୍ତପୁର.୦୧/୧୧(କଇନ ଗରଡ଼ା)ଗାଁକୁ ଭଲ ରାସ୍ତାଟିଏ ନଥିବାରୁ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପ୍ରାୟ ୩ କିଲୋମିଟର ଦୂର ପର୍ଯ୍ୟନ୍ତ ବୋହି ନେବାକୁ ପଡ଼ିଥିବା ଏକ ଦୁଃଖଦ ଦୃଶ୍ୟ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଲୁଲୁ୍ଲା ପଞ୍ଚାୟତ ଅନ୍ତର୍ଗତ ପଦୁଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି । ଗ୍ରାମକୁ ଯାତାୟାତ ପାଇଁ ସୁବିଧାଜନକ ରାସ୍ତା ନଥିବାରୁ ଏଭଳି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ଗ୍ରାମବାସୀ । ଏହି ଘଟଣା ପୁଣିଥରେ ଗ୍ରାମାଞ୍ଚଳର ରାସ୍ତା ସମସ୍ୟା ଓ ପ୍ରଶାସନିକ ଅବହେଳାକୁ ନେଇ ପ୍ରଶ୍ନ ଉଠାଇଛି ।୨୦୨୩ ମସିହାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ପଦୁଗୁଡ଼ା ଗ୍ରାମର ମୌଳିକ ସମସ୍ୟା କୁନି ଝିଅ ନିଜର ଅଭିନୟ ମାଧ୍ୟମରେ ଗାଁର ଦୟନୀୟ ରାସ୍ତା ସମସ୍ୟାକୁ ଉପସ୍ଥିତ ପ୍ରଶାସନିକ ଅଧିକାରୀ, ନେତା ଓ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହି କୁନି ଝିଅର ଅଭିନୟ ସେତେବେଳେ ଓଡ଼ିଶାର ବିଭିନ୍ନ ଗଣମାଧ୍ୟମର ଶିରୋନାମା ପାଲଟିଥିଲା । ଗାଁର ରାସ୍ତା ସମସ୍ୟା ରାଜ୍ୟସ୍ତରରେ ଚର୍ଚ୍ଚାକୁ ଆସିଥିଲା ।କିନ୍ତୁ ଦୁଃଖର ବିଷୟ, ସେହି ଘଟଣାକୁ ବର୍ଷ ପରେ ବର୍ଷ ବିତିଯାଇଥିଲେ ମଧ୍ୟ ପଦୁଗୁଡ଼ା ଗ୍ରାମର ରାସ୍ତା ସମସ୍ୟାରେ ଆଜି ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପରିବର୍ତ୍ତନ



ହୋଇନାହିଁ ।ଶୁକ୍ରବାର ଦିନ ଘଟିଥିବା ଦୁଃଖଦ ଘଟଣା ଗ୍ରାମର ରାସ୍ତା ସମସ୍ୟାର ବାସ୍ତବ ଚିତ୍ରକୁ ପୁଣିଥରେ ସାମ୍ନାକୁ ଆଣିଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ୩ କିଲୋମିଟର ଦୂର ପର୍ଯ୍ୟନ୍ତ ବୋହି ନେବା ଘଟଣା ସାଧାରଣ ଜନଜୀବନ ପାଇଁ ରାସ୍ତାର ଗୁରୁତ୍ୱକୁ ସ୍ପଷ୍ଟ କରୁଛି । ରାସ୍ତା ଅଭାବରୁ ଜରୁରୀକାଳୀନ ସେବା, ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଯାନବାହନ ଗ୍ରାମକୁ ପହଞ୍ଚିବାରେ ଅସୁବିଧା ହେଉଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।ଏବେ ପ୍ରଶ୍ନ ଉଠୁଛି, ୨୦୨୩ରେ ଗଣମାଧ୍ୟମର ଶିରୋନାମା ପାଲଟିଥିବା ପଦୁଗୁଡ଼ା ଗ୍ରାମର ରାସ୍ତା ସମସ୍ୟା କେବେ ସମାଧାନ ହେବ ଆଉ କେତେ ଦିନ ଗ୍ରାମବାସୀଙ୍କୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ପଦୁଗୁଡ଼ା ଗ୍ରାମକୁ ଯାତାୟାତ ଉପଯୋଗୀ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

୭ଦିନ ହେଲା ଗ୍ରାମବାସୀ ଅନ୍ଧାରରେ,ପ୍ରତିବାଦରେ ଟାଟା ପାୱାର କାର୍ଯ୍ୟାଳୟ ଘେରାଉ

ନିଶ୍ଚିନ୍ତକୋଇଲି ୦୧/୧୧(ଅକ୍ଷର ଓଡ଼ିଶା) - ଟାଟା ପାୱାର ବିଦ୍ୟୁତ ଉପଭୋକ୍ତାଙ୍କ ଠାରୁ ଜୋର ଜୁଲମ କରି କଡା ଗଣ୍ଡା ବିଦ୍ୟୁତ ବିଲ ଆଦାୟ କରୁଛି । ମାତ୍ର ଏହି କମ୍ପାନୀ ଲୋକଙ୍କୁ ଉପଯୁକ୍ତ ସେବା ପ୍ରଦାନରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ କେଂଟାଳୋ ଗ୍ରାମପଂଚାୟତ ଦଳିତ ସାହିର ଲୋକେ ଦୀର୍ଘ ୭ଦିନ ହେଲା ଅନ୍ଧାର ଘେରରେ ରହିଛନ୍ତି। ଲୋକଙ୍କୁ ବିଦ୍ୟୁତ ଶକ୍ତି ଯୋଗାଇବାରେ ଟାଟା ପାୱାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପ୍ରତିବାଦରେ ଆଜି ଶତାଧିକ ଉତ୍ତ୍ୟକ୍ତ ଲୋକେ ଅସୁରେଶ୍ୱର କାର୍ଯ୍ୟାଳୟକୁ ଘେରାଉ କରିବା ସହ କାର୍ଯ୍ୟାଳୟରେ ତାଲା ପକାଇଦେଇଥିଲେ। ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ଉତେଜନା ପ୍ରକାଶ ପାଇଛି ।



କେଂଟାଳୋ ଗ୍ରାମପଂଚାୟତର ୨ନମ୍ବର ୱାର୍ଡ ଦଳିତ ସାହିରେ ୨୯ଜଣ ବିଦ୍ୟୁତ ଉପଭୋକ୍ତା ରହିଛନ୍ତି । ଟାଟା ପାୱାର ତରଫରୁ ସ୍ଥାପନ କରାଯାଇଥିବା ବିଦ୍ୟୁତ ଟ୍ରାନ୍ସଫର୍ମର୍ଟି ୭ଦିନ ହେଲା ପୋଡି ଯାଇଛି । ଫଳରେ ୯ଟ ବର୍ଷାରେ ଲୋକେ ଅନ୍ଧାର ଘେରରେ ରହିଛନ୍ତି। ଟାଟା ପାୱାର ତରଫରୁ ଏହାର କୌଣସି ପ୍ରତିକାର ବ୍ୟବସ୍ଥା କରାଯାଇ ନାହିଁ। ଏହାର ପ୍ରତିବାଦରେ ଆଜି ଶତାଧିକ ଦଳିତ ବ୍ୟକ୍ତି ଅସୁରେଶ୍ୱର ଟାଟା ପାୱାର କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏପରିକି ଉତ୍ତ୍ୟକ୍ତ ଲୋକେ କାର୍ଯ୍ୟାଳୟ ଘେରାଉ କରି କମ୍ପାନୀ ବିରୁଦ୍ଧରେ ନା ନା ପ୍ରକାର ନାରାବାଜି କରିଥିଲେ । ଖବର ପାଇ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଂଚିଥିଲେ। ତେବେ ରିପୋର୍ଟ ଲେଖା ହେଲା ବେଳକୁ ସମସ୍ୟାର କୌଣସି ସମାଧାନ ହୋଇପାରିନଥିଲା । ଅପରପକ୍ଷରେ ପୋଡି ଯାଇଥିବା ଟ୍ରାନ୍ସଫର୍ମର୍ଟି ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିଗତ ମାଲିକାନାରେ ଥିବା ଜମି ଉପରେ ପ୍ରତିଷ୍ଠା କରାଯାଇଛି। ସମ୍ପୃକ୍ତ ବ୍ୟକ୍ତି ତାଙ୍କ ଜମି ଉପରେ ଟ୍ରାନ୍ସଫର୍ମର ବସାଇ ଦେଉନଥିବା କାରଣରୁ ଲୋକଙ୍କୁ ବିଦ୍ୟୁତ ଶକ୍ତି ଯୋଗାଇ ଦିଆଯାଇପାରୁନଥିବାର ସଂସ୍ଥା ତରଫର ସଫେଇ ଦିଆଯାଇଛି ।

ଓଡିଶା ସୀମାନ୍ତ ଜୁମଡାମ ଗା ଉପରେ ଆନ୍ଧ୍ରର ନଜର

ଓଡିଶା ସରକାରଙ୍କ ପକ୍ଷରୁ ଗ୍ରାମବାସୀଙ୍କୁ ଯୋଗାଇ ଦିଆଯାଉଛି ସମସ୍ତ ପ୍ରକାର ମୌଳିକ ସୁବିଧା

ମାଲକାନଗିରି -୦୧-୧୧(ପ୍ରଦୀପ ରାଉଳ)ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳ ତଥା ଚିତ୍ରକୋଣ୍ଡା ବ୍ଲକ ଧୂଳିପୁଟ ପଞ୍ଚାୟତ ଅଧୀନ ଓଡିଶା ସୀମାନ୍ତରେ ଥିବା ଜୁମଡାମ ଗାଁକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ଏହି ଗ୍ରାମ ଓଡିଶା ସରକାରଙ୍କର ଅଧୀନରେ ରହିଥିବା ବେଳେ ଏହି ଗାଁ ଉପରେ ରହିଛି ପାଖ ରାଜ୍ୟ ଆନ୍ଧ୍ରର ନଜର । ଖାଲି ଏତିକି ନୁହେଁ ପଡୋଶୀ ଆନ୍ଧ୍ର ସରକାର ଏହି ଗ୍ରାମର ଲୋକଙ୍କୁ ବିଭିନ୍ନ ପ୍ରକାର ଯୋଜନାର ପରଲୋଭନ ଦେଖାଇ ସେଠାରେ ତାଙ୍କର ଅସ୍ତିତ୍ୱ ଜାହିର କାରିବାକୁ ଉଦ୍ୟମ ଜାରୀ ରଖିଥିବା ନେଇ ଅଭିଯୋଗ ହେଉଛି ।ଓଡ଼ିଆ ସରକାରଙ୍କ ବିନା ଅନୁମତିରେ ଏହି ଗ୍ରାମରେ ପଶି ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜନ ମନ ଯୋଜନାରେ ବାସଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରିବା ସହିତ ଭତ୍ତା, ପିଡିଏସ ସାମଗ୍ରୀ ବଣ୍ଟନ ଅନ୍ୟାନ୍ୟ ଓ ଜନ ହିତକର ଯୋଜନାରେ ସାମିଲ କାରିବାକୁ ଉଦ୍ୟମ କରାଯାଇଥିବା ନେଇ ଅଭିଯୋଗ ହେଉଛି ।ଗ୍ରାମବାସୀ ମଧ୍ୟ ଉଭୟ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଫାଇଦା ନେଉଛନ୍ତି ବୋଲି ସାଧରଣରେ ଆଲୋଚନା ହେଉଛି । ତେବେ ମିଳିଥିବା ସୂଚନା ମୁତାବକ ଧୂଳିପୁଟ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପ୍ରାୟ ୧୨ କି.ମି ଦୂର ଓଡିଶା ସୀମାନ୍ତ ଅଞ୍ଚଳରେ ଜୁମଡାମ ଗ୍ରାମ ରହିଛି । ଏହି ଗାଁ ଠାରୁ ପ୍ରାୟ ୫ କିମି ଦୂରରେ ରହିଛି ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ । ଏହି ଗ୍ରାମରେ ପ୍ରାୟ ୪୬ ପରିବାର ବସବାସ କରୁଛନ୍ତି ।ଓଡିଶା ସରକାରଙ୍କ ପକ୍ଷରୁ ଏହି ଗ୍ରାମରେ ରହୁଥିବା ଲୋକଙ୍କୁ ଜମି, ପ୍ରାୟ ୨୨ ରୁ ଉର୍ଦ୍ଧ ପରିବାର ଲୋକଙ୍କୁ ପିଡିଏସ ସାମଗ୍ରୀ ପାଉଛନ୍ତି । ଏବେବି ଗ୍ରାମବାସୀ ବିଭିନ୍ନ



ପ୍ରକାର ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି ।ତେବେ ଜୁମଡାମ ଗ୍ରାମର ଏହି ଘଟଣା ପ୍ରଶାସନର ନଜରକୁ ଆସିବା ପରେ ଏହାକୁ ଗୁରୁତ୍ୱର ସହ ନେଇ ପ୍ରଶାସନିକ ଅଧିକାରୀ ମାନେ ତତ୍ପର ହୋଇ ଓଠିଛି ।ଚିତ୍ରକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତା କୁମାର, ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ା, ବ୍ଲକ ଖାଦ୍ୟ ଯୋଗାଣ ନିରୀକ୍ଷକ ସୁଶାନ୍ତ ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶଶାଙ୍କ ସୋମ୍ୟ ରଞ୍ଜନ, ଜିପି ଡିଓ ଗୋପୀନାଥ ମାଝୀ, କନିଷ୍ଠ ଯନ୍ତ୍ରୀ କମଳାକାନ୍ତ ବାରିକ ରାଜସ୍ୱ ନିରୀକ୍ଷକ ସିମାଞ୍ଚଳ ସାହୁ , ପଞ୍ଚାୟତ ନିର୍ବାହୀ ଅଧିକାରୀ ଗଙ୍ଗାଧର ଖୁଲ ଏଡିଇଓ ମଧୁସୂଦନ ମାଲି ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଶୁକ୍ରବାର ଜୁମଡାମ ଗ୍ରାମରେ ପହଁଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଗ୍ରାମବାସୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରି ସେମାନଙ୍କର ସମସ୍ୟା ପଚାରି ବୁଝିଥିଲେ ।ଓଡିଶା ସରକାରଙ୍କ ପକ୍ଷରୁ ଗ୍ରାମରେ ଆବଶ୍ୟକ ଥିବା ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇ କହିଥିଲେ । ଆନ୍ଧ୍ରର କୌଣସି ଯୋଜନାକୁ ଆଦୌ ଗ୍ରହଣ ନ କରିବା ପାଇଁ ବୋଲି ମଧ୍ୟ ଲୋକଙ୍କୁ ବୁଝାଇ କହିଥିଲେ ।ସେଠାରେ ଉପସ୍ଥିତ ଥିବା ସମସ୍ତ ପ୍ରଶାସନିକ ଅଧିକାରୀ ମାନଙ୍କୁ ଗ୍ରାମବାସୀ ସମ୍ପୂର୍ଣ୍ଣ ରୂପେ ସହଯୋଗ କରିଥିଲେ ।ପ୍ରଶାସନ ପକ୍ଷରୁ ତୁରନ୍ତ ଗ୍ରାମରେ ଏକ ବିଦ୍ୟାଳୟ ସ୍ଥାପନ କରିବା, ଆଧାର କାର୍ଡ ଗୁଡିକ ଅପଡେଟ କରିବା ସହିତ ସର୍ବନିମ୍ନ ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇ ଦେବା ନିମନ୍ତେ ଗ୍ରାମବାସୀ ପ୍ରଶାସନିକ ଅଧିକାରୀମାନଙ୍କ ସମ୍ମୁଖରେ ଦାବି କରିଥିଲେ । ଏ ସମ୍ପର୍କରେ ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡ଼ାଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ, ଚିତ୍ରକୋଣ୍ଡା ବିଡ଼ିଓ ଏବଂ ଅନ୍ୟ ବିଭାଗର ଅଧିକାରୀମାନେ ଶୁକ୍ରବାର ଜୁମ ଡାମ ଗ୍ରାମକୁ ଯାଇସେଠାରେ ସ୍ଥିତି ସମୀକ୍ଷା କାରିଥିଲୁ । ଗ୍ରାମବାସୀଙ୍କ ସହ ଦୀର୍ଘ ଘଣ୍ଟା ଧରି ଆଲୋଚନା କରି ସେମାନଙ୍କର ସମସ୍ୟା ଗୁଡିକ ସମ୍ପର୍କରେ ପଚାରି ବୁଝିଥିଲୁ । ଏଥିରେ ଗ୍ରାମବାସୀ ଆମକୁ ସମ୍ପୂର୍ଣ୍ଣ ଭାବେ ସହଯୋଗ କରିଥିଲେ. ଗ୍ରାମବାସୀ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆମକୁ ଅବଗତ କରାଇଛନ୍ତି । ଆମେ ସେଗୁଡିକୁ ଗୁରୁତ୍ୱର ସହ ଗ୍ରହଣ କରିଛୁ । ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରି ତୁରନ୍ତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲା ପ୍ରଶାସନଙ୍କୁ ହସ୍ତାନ୍ତର କରିବୁ ବୋଲି ସେ କହିଛନ୍ତି ।

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ ତମ ଜୟନ୍ତୀ ପାଳିତ



ସାଲେପୁର, ୦୧/୧୧ (ମନୋଜ ସାମଲ) ପବିତ୍ର ରାଷ୍ଟ୍ରୀୟ ଏକତା ଦିବସ, ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ କଟକ ଜିଲ୍ଲା ସାଲେପୁର ଆଦର୍ଶ ଥାନା ପକ୍ଷରୁ ସ୍ୱାଧୀନ ଭାରତର ପ୍ରଥମ ଗୃହମନ୍ତ୍ରୀ ତଥା ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଙ୍କ ୧୫୧ ତମ ଜୟନ୍ତୀ ସାଲେପୁର ଠାରେ ପାଳିତ ହୋଇଯାଇଛି, ଜୟନ୍ତୀ

ଓଡିଶା ଟିମ ହ୍ୟୁମାନୀଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର



ରାଜକନିକା,୧/୧୧(ନୁରେଇ ଖାନ)ରାଜକନିକା ବ୍ଲକ ତ୍ରେଲୋକ୍ୟପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଓଡିଶା ଟିମ ହ୍ୟୁମାନୀଟି ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ କିମସ ମେଡିକାଲରେ କାର୍ଯ୍ୟରତ ମେରୁଦଣ୍ଡ ଓ ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ତଥା ରାଜକନିକା ଅଞ୍ଚଳର ସୁନାମ ଧନ୍ୟ ଡାକ୍ତର ଜିତେନ୍ଦ୍ର କୁମାର ରାଉତ ଓ ତାଙ୍କର ଟିମ ଉପସ୍ଥିତ ରହି ବିଭିନ୍ନ ପଞ୍ଚାୟତ ଗ୍ରାମରୁ ଆସିଥିବା ୨ ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା କରିବା ସହିତ ମାଗଣା ଔଷଧ ପ୍ରଦାନ କରିଥିଲେ । ଏହି ଶିବିର ଦିନ ୧୦ ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଚାଲିଥିଲା । ଏହି ଅବସରରେ ଓଡିଶା ଟିମ ହ୍ୟୁମାନୀଟି ପକ୍ଷରୁ ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ଜ୍ୟୋସ୍ନା ରାଣୀ ନାୟକ,ସାମ୍ବାଦିକ ସୁକାନ୍ତ ଦାଶ,ଅଜିତ କୁମାର ବେହୁରିଆ,ଅନିଲ କୁମାର ବେହେରା ,ପ୍ରକାଶ ନାୟକ,ମନୋଜ ରାଉତ,ନରେନ୍ଦ୍ର ନାୟକ,ମଳୟ ରାଉତ,କାନନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।ଓଡିଶା ଟିମ ହ୍ୟୁମାନୀଟିର ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ୧୦ ଜଣ ଆଶାକର୍ମୀ ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହ ମାଗଣାରେ ଡାଏବେଟିସ ଓ ରକ୍ତଚାପ ମାପ ଯନ୍ତ୍ର ପ୍ରଦାନ କରାଯାଇଥିଲା । ଅଞ୍ଚଳବାସୀ ବେଶ ପ୍ରଶଂସା କରିଥିଲେ ।

ସିଡିଏ ସେକ୍ଟର ୬ରେ ଖୋଲିଲା ଲଣ୍ଡ୍ରି ୱାଲା

କଟକସଦର ,୧ ।୧୧ (ଅକ୍ଷର ଓଡିଶା) : ବସ୍ତ୍ର ଓ ଘରୋଇ ଉପକରଣର ସଫେଇ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି ଲଣ୍ଡ୍ରି ୱାଲା । କଟକ ସହରରେ ୯ ନମ୍ବର ଶାଖା ଭାବେ ସିଡିଏ ସେକ୍ଟର ୬ରେ ଲଣ୍ଡ୍ରି ୱାଲା ରବିବାର ଦିନ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନ ଉତ୍ସବରେ ଅତିଥି ଭାବେ ଓଡ଼ିଆ ସିନେ ନିର୍ଦ୍ଦେଶକ ବାପୁ ଲେଙ୍କା, ଗୀତିକାର ଅରୁଣ ମନ୍ତ୍ରୀ, ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଭାରତୀୟ ଜନତା ପାର୍ଟି ମହିଳା ମୂର୍ଚ୍ଛା ସଭାପତି ସ୍ମୃତି ପଟ୍ଟନାୟକ , ବିଜେଡି ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏଠାରେ ଶାଢ଼ୀ, ବେଡସିଟ, କମ୍ବଳ, କୋର୍ଟ, ସଫାରୀ ଓ ସୂକ୍ଷ୍ମ କଳାକିର୍ତ୍ତୀ ବସ୍ତ୍ର ଆଦି ଅତ୍ୟାଧୁନିକ ପ୍ରଣାଳିରେ ସଫା ହେବା ସହ ଆଇରନ, ଷ୍ଟିମ ପ୍ରେସ ସହ ଶାଢ଼ି ପଲିସି ମଧ୍ୟ କରାଯାଇଥାଏ । ଏହି ସବୁ ସାମଗ୍ରୀ ଘରୁ ନେବା ଓ ଆଣିବା ସମ୍ପୂର୍ଣ ଭାବେ ମାଗଣାରେ ଯୋଗାଇ ଦିଆଯାଇଥାଏ ବୋଲି ଲଣ୍ଡ୍ରି ୱାଲାର ପ୍ରୋପାଇଟର ସନ୍ତୋଷ କୁମାର ବିଶ୍ୱାଳ, ଦେବାଶିଷ ବିଶ୍ୱାଳ ପ୍ରମୁଖ କହିଛନ୍ତି ।

କେସିଙ୍ଗା ବ୍ଲକ କାର୍ଯ୍ୟାଳୟରେ ପାଳିତ ହେଲା ବ୍ଲକ ସ୍ତରୀୟ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ସମାରୋହ
ବିକାଶ ଓ ସମୃଦ୍ଧିର ସଂକଳ୍ପ ନେଲେ ଜନପ୍ରତିନିଧି ଓ କର୍ମକର୍ତ୍ତା

କେସିଙ୍ଗା, ୧/୧୧ (ଅକ୍ଷର ଓଡ଼ିଶା): ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ମାଟି କଳାହାଣ୍ଡି ଆଜି ବିକାଶର ନୂଆ ଦିଗରେ ଅଗ୍ରସର । ଦିନେ ଅନାହାର, ଅଭାବ ଓ ଅନାଟନ ପାଇଁ ଚର୍ଚ୍ଚିତ ଏହି ଜିଲ୍ଲା ଆଜି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଗମନାଗମନ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି । ୧୯୪୯ ମସିହା ନଭେମ୍ବର ୧ ତାରିଖରେ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଥିବା କଳାହାଣ୍ଡି ୭୭ ବର୍ଷର ଯାତ୍ରା ପୂରଣ କରି ୭୭ତମ ବର୍ଷରେ ପଦାର୍ପଣ କରିଛି । ଏହି ଐତିହାସିକ ଦିବସକୁ ସ୍ମରଣୀୟ କରିବା ପାଇଁ କେସିଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକ ପ୍ରଶାସନ ପକ୍ଷରୁ ଜିଲ୍ଲା ଗଠନ ଦିବସ ପାଳନ କରାଯାଇଛି । ଜନପ୍ରତିନିଧି ଓ ମହିଳା ଗୋଷ୍ଠୀଙ୍କ ଉପସ୍ଥିତିରେ ଉତ୍ସବକେସିଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ମଞ୍ଚ ପୂଜା ପରେ ଆରମ୍ଭ ହୋଇଥିଲା ଆନୁଷ୍ଠାନିକ ସଭାକାର୍ଯ୍ୟ । ଏଥିରେ କେସିଙ୍ଗା ବ୍ଲକ ଅଧକ୍ଷ ଚନ୍ଦନ ସେନାପତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ କେସିଙ୍ଗା ବିଡ଼ିଓ,ଜନ୍ମଜୟ ସ୍ୱାଇଁ ଓ ଶୀଧେଶ୍ୱର ମେହେର (ଏବିଡିଓ)ଙ୍କ ସମେତ ବ୍ଲକ ଅଧୀନ ୨୬ଟି ପଞ୍ଚାୟତର ସରପଞ୍ଚ, ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା, କ୍ଲଷ୍ଟର ରିସୋର୍ସ ପର୍ସନ , ଏମ୍‌ବିକେ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଉପସ୍ଥିତ



ଥିଲେ ।ଏହି ଅବସରରେ ବିଭିନ୍ନ ଲୋକକଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କଳାହାଣ୍ଡିର ସମୃଦ୍ଧ ପରମ୍ପରା ଓ ସାଂସ୍କୃତିକ ବିବିଧତାକୁ ଉଜ୍ଜାବିତ କରାଯାଇଥିଲା ।ଜିଲ୍ଲା ଗଠନ ଦିବସ କେବଳ ଅତୀତର ଗୌରବକୁ ସ୍ମରଣ କରିବାର ଅବସର ନୁହେଁ, ବରଂ ଏକ ସମୃଦ୍ଧ, ସ୍ୱାବଲମ୍ବୀ ଓ ବିକଶିତ କଳାହାଣ୍ଡି ଗଠନ ପାଇଁ ସାମୂହିକ ସଂକଳ୍ପର ଦିନ । ଏହି ଭାବନା ସହ କେସିଙ୍ଗା ବ୍ଲକରେ ଜିଲ୍ଲା ଗଠନ ଦିବସ ପାଳନ କରାଯାଇଥିଲା ।

ଗଣତନ୍ତ୍ରର ସୁରକ୍ଷା ନେଇ ବିଜେପିର ବୁଦ୍ଧିଜୀବୀ ସମ୍ମିଳନୀ



ଜୟପୁର, ୦୧/୧୧ (ସମୀର ରଞ୍ଜନ ପାତ୍ର): ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ ଅଭିଯାନ ଅନ୍ତର୍ଗତ ରବିବାର ଜୟପୁରସ୍ଥିତ ସନ୍ଧ୍ୟା ଫଙ୍କସନ ହଲ୍‌ରେ ବିଜେପି ପକ୍ଷରୁ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥିରେ ବିଜେପିର ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ଯୋଗଦେଇ ଗଣତନ୍ତ୍ରର ସୁରକ୍ଷା, ସାମ୍ବିଧାନିକ ମୂଲ୍ୟବୋଧ ଓ ନାଗରିକଙ୍କ ଅଧିକାର ସମ୍ପର୍କରେ ନିଜର ମତ ରଖିଥିଲେ ।ସମ୍ମିଳନୀରେ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ରାଜ୍ୟ ବିଜେପି ସଂଗଠନ ମନ୍ତ୍ରୀ ମାନସ ମହାନ୍ତି, କୋରାପୁଟ ଲୋକସଭା ଆସନର ବିଜେପି ପ୍ରାର୍ଥୀ କାଳୀରାମ ମାଝୀ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌତମ ସାମନ୍ତରାୟ ଓ ହିମାଂଶୁ ମହାପାତ୍ରଙ୍କ ସମେତ ବହୁ ଦଳୀୟ ନେତା, ଆଇନଜୀବୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।ଏହି ଅବସରରେ ପୁରନ୍ଦେଶ୍ୱରୀ କହିଥିଲେ ଯେ, ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ଏବଂ ଜନସାଧାରଣଙ୍କ ଅଧିକାରର ସମ୍ମାନ ଭାରତୀୟ ଗଣତନ୍ତ୍ରର ମୂଳ ଆଧାର । ଗଣତନ୍ତ୍ରର ଗୌରବ ଓ ସାମ୍ବିଧାନିକ ବ୍ୟବସ୍ଥାର ସୁରକ୍ଷା ପାଇଁ ବିଜେପି ସର୍ବଦା ପ୍ରତିବଦ୍ଧ ବୋଲି ସେ ମତ ଦେଇଥିଲେ ।ଏଥିସହ ଏସ୍‌ଆଇର୍ଆ ପ୍ରକ୍ରିୟା ଏବଂ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ନେଇ ବିରୋଧୀ ଦଳଗୁଡ଼ିକ ମିଥ୍ୟା ପ୍ରଚାର କରୁଥିବା ସେ ଅଭିଯୋଗ କରିଥିଲେ । ଭାରତୀୟ ସମ୍ବିଧାନ ପ୍ରଣୟନରେ ଡ. ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଅବଦାନକୁ ସ୍ମରଣ କରିବା ସହ ସମ୍ବିଧାନରେ ମହିଳା ଓ ପୁରୁଷଙ୍କୁ ସମାନ ଅଧିକାର ପ୍ରଦାନର ବ୍ୟବସ୍ଥା ରହିଥିବା କହିଥିଲେ ।୧୯୫୦ ମସିହାରୁ ଦେଶବାସୀ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଦେଶର ଗଣତାନ୍ତ୍ରିକ ପରମ୍ପରାକୁ ଆଗେଇ ନେଉଥିବା ସେ ଉଲ୍ଲେଖ କରିଥିଲେ । ୨୦୧୪ ପୂର୍ବରୁ ଦେଶରେ ଦୁର୍ନୀତି ବଢ଼ିଥିବା ଅଭିଯୋଗ କରି ଲୋକେ ପରିବର୍ତ୍ତନ ପାଇଁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରକୁ ନିର୍ବାଚିତ କରିଥିଲେ ବୋଲି ସେ କହିଥିଲେ । ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଯଥା ଜନଧନ ଯୋଜନା, ବେଟି ବଚାଓ ବେଟି ପଢ଼ାଓ, ମୁଦ୍ରା ଯୋଜନା ଇଯଡାଦି ଜନକଲ୍ୟାଣ ମୂଳକ ଯୋଜନା ପ୍ରଣୟନ କରିଛନ୍ତି ,

ଆଦିବାସୀ ଶିକ୍ଷାର ବିକାଶ ଦିଗରେ ନୂଆ ପଦକ୍ଷେପ
ରାୟଗଡ ଜିଲ୍ଲା ପାଇଁ ୧୭୩ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ



ରାୟଗଡ, ୦୧.୧୧.:(କୈଳାସ ସ୍ୱାଇଁ)ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଆଦିବାସୀ ଓ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗ ମଙ୍ଗଳ ବିଭାଗ ଅଧୀନରେ ରାୟଗଡ ଜିଲ୍ଲା ପାଇଁ ମୋଟ ୧୭୩ ଜଣଙ୍କୁ ନବନିଯୁକ୍ତି ମିଳିଛି । ଏହି ନବନିଯୁକ୍ତଙ୍କ ମଧ୍ୟରେ ୧୪୭ ଜଣ ସେବକ-ସେବିକା ଏବଂ ୨୬ ଜଣ ଭାଷାଭିତ୍ତିକ ଶିକ୍ଷକ ରହିଛନ୍ତି ।ଏହି ଅବସରରେ ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ନିଯୁକ୍ତିପତ୍ର ବଣ୍ଟନ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାୟଗଡ ଜିଲ୍ଲା ପାଇଁ ନିଯୁକ୍ତ ୭୦ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଅନ୍ୟ ୧୦୩ ଜଣ ନବନିଯୁକ୍ତଙ୍କୁ ରାୟଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାର ନବନିଯୁକ୍ତମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ଶୁଣିଥିଲେ ।ଏହି ଅବସରରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣୀ ନିଜ ଅଭିଭାଷଣରେ କହିଥିଲେ ଯେ, ଶିକ୍ଷକତା କେବଳ ଏକ ଚାକିରି ନୁହେଁ, ବରଂ ଏହା ଏକ ମହତ୍ତ୍ୱପୂର୍ଣ୍ଣ ସାମାଜିକ ସେବା ଓ ପିଢ଼ି ପରେ ପିଢ଼ିର ଜୀବନରେ ପରିବର୍ତ୍ତନ ଆଣିବାର ଏକ ସୁଯୋଗ। ବିଶେଷକରି ଆଦିବାସୀ ଓ ଦୁର୍ଗମ ଅଞ୍ଚଳର ପ୍ରଥମ ପିଢ଼ିର ଶିକ୍ଷାର୍ଥୀମାନଙ୍କ ଜୀବନରେ ଶିକ୍ଷକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ବରିଷ୍ଠ ଶିକ୍ଷାବିତ ସୁମନ୍ତ ଛୋଟରାୟଙ୍କ ପରଲୋକ

ବୋଲଗଡ଼ , ୧/୧୧ (ଅକ୍ଷର ଓଡିଶା):ଓଡ଼ିଶା ଶିକ୍ଷକ ଆନ୍ଦୋଳନର ଅପ୍ରତିଦ୍ୱନ୍ଦ୍ୱୀ ସଂଗ୍ରାମୀ କମ୍ରେଡ ସୁମନ୍ତ ଛୋଟରାୟ ଓରଫ ଶ୍ୟାମସୁନ୍ଦର ଛୋଟରାୟଙ୍କ ଆଜି ପରଲୋକ ହୋଇଯାଇଛି । ଏକ ସଂଗ୍ରାମୀ ଜୀବନର ଅବସାନ ସହ ବୋଲଗଡ଼ ମାଟିରୁ ଏକ ଯୁଗର ଅନ୍ତ ଘଟିଲା । ସେ ଥିଲେ ଏକାଧାରରେ ଜଣେ ବରିଷ୍ଠ କମ୍ୟୁନିଷ୍ଟ ନେତା , ତେଜସ୍ୱୀ ଶିକ୍ଷକ ନେତା, ରସାଳ ସାହିତ୍ୟିକ ଓ ପରମ ଧର୍ମପରାୟଣ ବ୍ୟକ୍ତିତ୍ୱ । ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଏହି ମହାନ୍ ଶିକ୍ଷକଙ୍କ ବିୟୋଗରେ ଆଜି ସାରା ଖୋର୍ଦ୍ଧା ଜିଲ୍ଲା ସ୍ତବ୍ଧ ।ସୂଚନା ଅନୁସାରେ, ଗତକାଲି ଅପରାହ୍ନରେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା । ଆଜି ଅପରାହ୍ନରେ ତାଙ୍କର ମର ଶରୀରକୁ ନିଜ ପୈତୃକ ଗ୍ରାମ ବୋଲଗଡ ବ୍ଲକ ଅନ୍ତର୍ଗତ ପାଟବନ୍ଧ ଶ୍ମଶାନରେ ଶେଷ ସଂସ୍କାର କରାଯାଇଛି । ଜ୍ୟେଷ୍ଠ ପୁତ୍ର ହେମନ୍ତ ଛୋଟରାୟ ମୁଖାଗ୍ନି ଥିବା ବେଳେ କନିଷ୍ଠ ପୁତ୍ର ବିପ୍ଳବ ଛୋଟରାୟ ଉପସ୍ଥିତ ଥିଲେ । ଏହି ଶୋକାକୁଳ ମୁହୂର୍ତ୍ତରେ ପରିବାରର ସମସ୍ତ ସଦସ୍ୟ, ବନ୍ଧୁ-ବାନ୍ଧବ, ବୋଲଗଡ଼ ଅଞ୍ଚଳର ଶତାଧିକ ଶିକ୍ଷକ-ଶିକ୍ଷୟତ୍ରୀ, ଛାତ୍ର-ଛାତ୍ରୀ, ବୁଦ୍ଧଜୀବୀ ଓ ସାଧାରଣ ଜନତା ଉପସ୍ଥିତ ରହ ଶେଷ ଦର୍ଶନ କରିଥିଲେ ।

ଅମାନିଆ ମଟର ବାଇକ ଚାଳକଙ୍କୁ ସାବଡ଼ କଲା ପାରଳା ପୋଲିସ,୧୬ ଗୋଟି ବାଇକ ଜବତ

ପାରଳାଖେମୁଣ୍ଡି, ୧/୧୧(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ଏସପି ପ୍ରହଲ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶକ୍ରମେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ପକ୍ଷରୁ ସହରରେ ମୋଡିଫାଏଡ୍ ସାଇଲେନ୍ସର ବ୍ୟବହାର କରି ଅମାନିଆ ଭାବେ ବାଇକ ଚଲାଉ ଥିବା ଚାଳକମାନଙ୍କୁ ସାବଡ଼ କରାଯାଇଥିବା ସୂଚନା ମିଳିଛି. ଅତ୍ୟଧିକ ଶବ୍ଦ ସୃଷ୍ଟି କରୁଥିବା ମୋଟର ସାଇକେଲ ଚଲାଉ ଥିବା ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ଏହି ଅଭିଯାନରେ ମୋଟ ୧୬ଟି ମୋଟରସାଇକେଲ ଓ ସ୍କୁଟରକୁ ଚିହ୍ନଟ କରାଯାଇ ଥାନାରେ ଅଟକ ରଖାଯାଇ ଆବଶ୍ୟକ ଯାଞ୍ଚ ଚାଲିଛି ବୋଲି ପ୍ରକାଶ କରି ପାରଳା ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ସୂଚନା ପ୍ରଦାନ କରିଛନ୍ତିଯେ, ଅଟକ ରଖାଯାଇଥିବା ୧୬ଟି ଗାଡ଼ି ମଧ୍ୟରୁ ୧୧ଟି ମୋଟର ସାଇକେଲରେ ନିୟମ ବିରୋଧୀ ମୋଡିଫାଏଡ୍ ସାଇଲେନ୍ସର ଲଗାଯାଇଥିବା ବେଳେ ଅନ୍ୟ ୫ଟି ଗାଡ଼ିରେ ଭିନ୍ନ ନମ୍ବର ପ୍ଲେଟ୍ ବ୍ୟବହାର କିମ୍ବା ନମ୍ବର ପ୍ଲେଟ୍ ନଥିବା ଜଣାପଡ଼ିଛି । ପୋଲିସ ପକ୍ଷରୁ ଜବତ ଗାଡ଼ିଗୁଡ଼ିକର ତାଲିକାରେ ରୟାଲ ଏନଫିଲ୍ଡ ବୁଲେଟ୍ ସମେତ କେଟିଏମ୍, ସିଟି ୧୦୦, ଜୁପିଟର, ଗ୍ଲାମର, ୟାମାହା ଏଫଜେଡ୍, ସ୍ପ୍ଲେଣ୍ଡର ଓ ପ୍ୟାସନ୍ ଭଳି ବିଭିନ୍ନ ମଡେଲର ଗାଡ଼ି ରହିଛି । ଏଥିମଧ୍ୟରୁ ଅଧିକାଂଶ ବୁଲେଟ୍ ମୋଟର ସାଇକେଲ ଥିବା ସୂଚନା ମିଳିଛି ।

ନାବାଳିକା ଅପହରଣ ଓ ଯୌନ ନିର୍ଯାତନା ଅଭିଯୋଗରେ ଯୁବକ ଗିରଫ

ରିଆମାଳ,୦୧ ।୧୧(ଅକ୍ଷର ଓଡ଼ିଶା): ରିଆମାଳ ଥାନାଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ଚେନ୍ନାଇ ନେବା ସହ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଜଣେ ୨୨ ବର୍ଷୀୟ ଯୁବକଙ୍କୁ ରିଆମାଳ ପୋଲିସ ଗିରଫ କରିଛି । ଗିରଫ ଯୁବକ ଜଣକ କୁଣ୍ଢେଇଗୋଲା ଥାନା ଅନ୍ତର୍ଗତ କଣ୍ଢାବାହାଳ ଗ୍ରାମର ପୁରନ୍ଦର ନାଏକଙ୍କ ପୁଅ ବିଜୟ କୁମାର ନାଏକ (୨୨) ବୋଲି ଜଣାପଡ଼ିଛି ।ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୫ ତାରିଖରେ ରିଆମାଳ ଥାନାଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ଚେନ୍ନାଇ ନେଇଯାଇଥିବା ନେଇ ରିଆମାଳ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ।ରିଆମାଳ ଥାନା ମାମଲା ପୋକ୍ସୋ ଆଇନର ଧାରା ୬ରେ ମାମଲା ରୁଜୁ ହୋଇଥିଲା । ତଦନ୍ତ ପରେ ପୋଲିସ ଅଭିଯୁକ୍ତ ବିଜୟ କୁମାର ନାଏକଙ୍କୁ ଗିରଫ କରି ଅଦାଲତକୁ ଚାଲାଣ କରିଥିବା ଜଣାପଡ଼ିଛି ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଓଡ଼ିଆ ସାହିତ୍ୟର ନୂତନ ସୃଷ୍ଟି' ଶୀର୍ଷକ ଆଲୋଚନାଚକ୍ର



ନୀଳଗିରି ୦୧/୧୧ (ଅକ୍ଷର ଓଡିଶା)ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧ ପରମ୍ପରାକୁ ଆଗକୁ ନେବା ସହ ସମକାଳୀନ ସାହିତ୍ୟର ନୂତନ ଧାରା, ସୃଜନଶୀଳତା ଓ ଚିନ୍ତାଧାରାକୁ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ 'ଓଡ଼ିଆ ସାହିତ୍ୟର ନୂତନ ସୃଷ୍ଟି' ଶୀର୍ଷକ ଏକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । କଥା, କବିତା, ଉପନ୍ୟାସ ଓ ମହିଳା ଲେଖିକାଙ୍କ ସୃଜନୀ ମାଧ୍ୟମରେ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ଏହି ଆଲୋଚନାଚକ୍ରରେ ସ୍ଥାନ ପାଇଥିଲା ।କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ ସ୍ଥାନ, କାଳ, ପାତ୍ର, ଅନୁଭବ ଓ ଅନୁଭୂତି ଭଳି ପାଞ୍ଚଟି ମୌଳିକ ଉପାଦାନକୁ ନେଇ ସାହିତ୍ୟର ସୃଷ୍ଟି ହୋଇଥାଏ । ସମାଜ ଓ ମଣିଷ ଜୀବନର ପରିବର୍ତ୍ତନ ସହ ସାହିତ୍ୟର ଧାରା ମଧ୍ୟ ବଦଳିଥାଏ । ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ସମୃଦ୍ଧ କରିବାରେ ଯୁବପିଢ଼ିଙ୍କ ସୃଜନଶୀଳ ଚିନ୍ତାଧାରା ଓ ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତ ଦେଇଥିଲେ ।ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟିକ ତଥା ସମାଲୋଚକ ଦିଲୀପ କୁମାର ସ୍ୱାଇଁ ଓଡ଼ିଆ ସାହିତ୍ୟର ଇତିହାସ, ବିକାଶ ଓ ପରିବର୍ତ୍ତନଶୀଳ ସ୍ୱରୂପ ଉପରେ ଆଲୋକପାତ କରିଥିଲେ । ପରିବର୍ତ୍ତନ ହିଁ ସାହିତ୍ୟକୁ ସ୍ୱାଭାବିକ ଓ ବୈଶିଷ୍ଟ୍ୟପୂର୍ଣ୍ଣ କରି ଗଢିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଲେଖକ ଉଦୟ ନାରାୟଣ ଦାସ ମଣିଷ ଜୀବନ ନିଜେ ଏକ ଚଳନ୍ତି ଗଳ୍ପ ଏବଂ ଗଳ୍ପ ମାଧ୍ୟମରେ ମଣିଷ ନିଜର ଭାବନା ଓ ଜୀବନର ପ୍ରତିଛବିକୁ ପ୍ରକାଶ କରିପାରେ ବୋଲି ମତ ରଖିଥିଲେ । ସାହିତ୍ୟ ଏକାଡେମୀର ଓଡ଼ିଆ ପରାମର୍ଶଦାତା ମଣ୍ଡଳୀର ଆବାହକ ତଥା ବିଶିଷ୍ଟ କଥାକାର ଡ଼ଙ୍କୁର ଗୌରହରି ଦାସ ଅଧିବେଶନରେ

ଅକ୍ଷର
AKHYARA ODISHA ଓଡ଼ିଶା



ଶେଷ ମୁକାବିଲା ଜିତିଲା ନ୍ୟୁଜିଲାଣ୍ଡ

ଭାରତ ପୁଣି ନିରାଶ

ହାମିଲଟନ୍ ୦୧/୧୧ : ୫ମ୍ୟାଚ୍ ବିଶିଷ୍ଟ ଟି୨୦ ଶୃଙ୍ଖଳାର ଅନ୍ତିମ ମୁକାବିଲାରେ ଭାରତକୁ ନ୍ୟୁଜିଲାଣ୍ଡ ୭ ୱିକେଟ୍‌ରେ ପରାସ୍ତ କରିଛି। ହାମିଲଟନରେ ଖେଳାଯାଇଥିବା ଏହି ମୁକାବିଲାରେ ଟସ୍ ନ୍ୟୁଜିଲାଣ୍ଡରେ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଭାରତୀୟ ଟିମ୍ ପ୍ରଥମେ ବ୍ୟାଟିଂ କରି ସ୍କୋର ୮ ୱିକେଟ୍ ବିନିମୟରେ ୧୯୧ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୩ଟି ୱିକେଟ୍ ହରାଇ ୧୮ ଓଭରରେ ୧୯୫ ରନ୍ କରିଛି। ଶୃଙ୍ଖଳାର ପ୍ରଥମ ୩ଟି ମ୍ୟାଚ୍ ଭାରତୀୟ ଟିମ୍ ଜିତିଥିଲେ। ଅନ୍ତିମ ୨ଟି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ବିଜୟ ମିଳିଥିବା ବେଳେ ଭାରତକୁ ନିରାଶ ହେବାକୁ ପଡ଼ିଛି। ଏହି ଶୃଙ୍ଖଳାର ପ୍ରଥମ ଦୁଇ ମୁକାବିଲା କ୍ରାଇଷ୍ଟଚର୍ଚ୍ଚରେ ଖେଳାଯାଇଥିଲା। ତୃତୀୟ ମ୍ୟାଚ୍ ୱେଲିଂଟନରେ ଭାରତ ଜିତିଥିଲା। କିନ୍ତୁ ଆକଲାଣ୍ଡରେ କିୱି ଦଳ ଫର୍ମକୁ ଫେରି ୮୭ ରନ୍‌ରେ ବିଜୟ ହାସଲ କରିଥିଲା। ସେହିପରି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୭ ୱିକେଟ୍‌ରେ ବିଜୟ ହାସଲ କରିଛି। ନ୍ୟୁଜିଲାଣ୍ଡକୁ ଫିନ୍ ଏଲନଙ୍କ ୱିକେଟ୍ ନେଇ ଅର୍ଶଦୀପ ସିଂହ ପ୍ରଥମ ଝଟକା ଦେଇଥିଲେ। ଏଲନ୍ ୩ଟି ବଲ୍ ଖେଳି ୨ ରନ୍ ସଂଗ୍ରହ କରିଥିଲେ। ଡେରିଲ ମିଚେଲ ୨୯ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ତାଙ୍କୁ ବରୁଣ ଚକ୍ରବର୍ତ୍ତୀ ଆଉଟ୍ କରିଥିଲେ। ଯେତେବେଳେ ନ୍ୟୁଜିଲାଣ୍ଡର ସ୍କୋର ୧୬୮ ରନ୍ ଥିଲା ଟିମ୍ ସିଫର୍ଟ (୯୩) ଆଉଟ୍ ହୋଇଥିଲେ। ସେ ନୀତିଶ ରେଡ୍ଡୀଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ଭାରତୀୟ ଇନିଂସରେ ଈଶାନ କିଶନ ଏବଂ ଶ୍ରେୟସ ଆୟର ଅର୍ଦ୍ଧଶତକ ହାସଲ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଆଡାମ୍ ମିଲ୍‌ନେ ୪ ୱିକେଟ୍ ଅକ୍ତିଆର କରିଥିଲେ। ସେହିପରି ନାଥନ ସ୍ମିଥ ଏବଂ ବ୍ଲେୟର ଟିକନରଙ୍କୁ ୨-୨ ୱିକେଟ୍ ସଫଳତା ମିଳିଥିଲା। ଭାରତୀୟ ଟିମ୍‌ର ପ୍ରାରମ୍ଭିକ ପ୍ରଦର୍ଶନ ଭଲ ନଥିଲା। ଦ୍ୱିତୀୟ ଓଭରରେ ଭାରତ ଅଭିଷେକ ଶର୍ମାଙ୍କୁ ହରାଇଥିଲା। ଅଭିଷେକ ଶର୍ମା ଏକ ରନ୍, ସଂଜୁ ସାମସନ ୪ ରନ୍ କରି ଆଉଟ୍ ହୋଇଥିଲେ। ତିଲକ ବର୍ମା ମଧ୍ୟ ବିପର୍ଯ୍ୟୟର ସାମ୍ନା କରିଥିଲେ। ସେ ମାତ୍ର ୬ ରନ୍‌ରେ ଆଉଟ୍ ହୋଇଥିଲେ।

ପ୍ରଥମ ରାଜ୍ୟଗୋଷ୍ଠୀ କବାଡ଼ି
ଭାରତକୁ ଯୁଗଳ ସ୍ୱର୍ଣ୍ଣ

ଅହମଦାବାଦ ୦୧/୧୧: ପ୍ରଥମ ରାଜ୍ୟଗୋଷ୍ଠୀ କବାଡ଼ି ପ୍ରତିଯୋଗିତାରେ ଭାରତ ଦ୍ୱିମୁକୁଟ ଅର୍ଜନ କରିଛି। ଘରୋଇ ଭାରତୀୟ ଦଳ ଉଭୟ ମହିଳା ଓ ପୁରୁଷ ବର୍ଗରେ ବିଜେତା ହୋଇଛି। ଏଥି ସହିତ ଗତ ମାସରେ ଏସୀୟ କ୍ରୀଡ଼ାରେ ଯୁଗଳ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳର ଦବ୍‌ଦବା ଜାରି ରହିଛି।ଶୁକ୍ରବାର ମହିଳା ବିଭାଗ ଫାଇନାଲ୍‌ରେ ଭାରତ ୩୫-୧୫ରେ ଏକତରଫା ଭାବେ ଉଗାଣ୍ଡାକୁ ପରାସ୍ତ କରିଥିଲା। ପୂର୍ବରୁ ସେମିଫାଇନାଲ୍‌ରେ ଭାରତୀୟ ମହିଳା ଦଳ ଶ୍ରୀଲଙ୍କାକୁ ୩୯-୧୪ରେ ହରାଇଥିଲା। ସେମିଫାଇନାଲ୍‌ରେ ସାକ୍ଷୀ ସର୍ବାଧିକ ୧୧ ପଏଣ୍ଟ ଏବଂ ଅଧିନାୟିକା ନିଧି ଶର୍ମା ୧୦ ପଏଣ୍ଟ ହାସଲ କରିଥିଲେ। ସେହିଭଳି ଉଗାଣ୍ଡା ରୋମାଞ୍ଚକ ସେମିଫାଇନାଲ୍‌ରେ କେନିଆକୁ ୨୩-୨୧ରେ ପରାସ୍ତ କରିଥିଲା।

ଦୁଇ ପରାଜିତ ସେମିଫାଇନାଲିଷ୍ଟ କେନିୟା ଓ ଶ୍ରୀଲଙ୍କା କାଂସ୍ୟ ପଦକ ହାସଲ କରିଥିଲେ। ମହିଳା ଫାଇନାଲ୍ ପରେ ଖେଳାଯାଇଥିବା ପୁରୁଷ ବିଭାଗ ଫାଇନାଲ୍‌ରେ ଭାରତୀୟ ଦଳ ଶ୍ରୀଲଙ୍କାକୁ ୫୪-୨୦ରେ



ପରାସ୍ତ କରିଥିଲା। ପଙ୍କଜ ମୋହିତେ, ନବୀନ କୁମାରଙ୍କ ଦମଦାର ପ୍ରଦର୍ଶନ କାରଣରୁ ଭାରତ ପ୍ରଥମାର୍ଦ୍ଧ ସୁଦ୍ଧା ୩୦-୧୦ରେ ଅଗ୍ରଣୀ ରହି ବିଜୟକୁ ଏକପ୍ରକାର ନିଶ୍ଚିତ କରିଥିଲା। ବାରମ୍ବାର ଅଲ୍‌ଆଉଟ୍ ହୋଇ ଶ୍ରୀଲଙ୍କା ପ୍ରତ୍ୟାବର୍ତ୍ତନ କରିପାରିନଥିଲା। ପୂର୍ବରୁ ସେମିଫାଇନାଲ୍‌ରେ ଭାରତୀୟ ପୁରୁଷ ଦଳ ବାଂଲାଦେଶକୁ ୫୬-୨୭ରେ ପରାସ୍ତ କରି ଟାଇଟଲ୍ ଲଢ଼େଇରେ ଅବତୀର୍ଣ୍ଣ ହୋଇଥିଲା। ଭରତ ହୁଡ୍ଡା ସର୍ବାଧିକ ୧୩ ପଏଣ୍ଟ, ଶିବମ ପଟାରେ ୧୧ ଓ ନୀରଜ ନରୱାଲ ୯ ପଏଣ୍ଟ ହାସଲ କରିଥିଲେ। ଶ୍ରୀଲଙ୍କା ଅନ୍ୟ ସେମିଫାଇନାଲ୍‌ରେ ସଂଘର୍ଷ କରି କେନିଆକୁ ୨୮-୨୪ରେ ହରାଇଥିଲା। ଦୁଇ ପରାଜିତ ସେମିଫାଇନାଲିଷ୍ଟ କେନିୟା ଓ ବାଂଲାଦେଶ କାଂସ୍ୟ ପଦକ ହାସଲ କରିଥିଲେ।

ଦ୍ୱିତୀୟ 'ଏ' ଟେଷ୍ଟ୍ ଜୁରେଲଙ୍କ ଶତକ



ଖ୍ରୀଷ୍ଟଚର୍ଚ୍ଚ ୦୧/୧୧: ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ଦ୍ୱିତୀୟ ଅନେପଚାରିକ ଟେଷ୍ଟ୍‌ରେ ଅଧିନାୟକ ଧ୍ରୁବ ଜୁରେଲ (୧୦୫)ଙ୍କ ଶତକ ବଳରେ ଭାରତ ୩୪୬ ରନ୍ କରିଛି। ଗତକାଲିର ସ୍କୋ ୨୯୧/୭ରୁ ଖଳ ଆରମ୍ଭ କରିଥିବା ଭାରତ ଏଥିରେ ୬ ରନ୍ ଯୋଡ଼ିବା ପରେ ଜୁରେଲଙ୍କୁ ହରାଇଥିଲା। ଏହାପରେ ଆକାଶ ଦୀପ ଚମତ୍କାର ଖେଳି ନିଜର ଅର୍ଦ୍ଧଶତକ ପୂରଣ କରିବା ସହ ମହମ୍ମଦ ସିରାଜ (୧୨ ବଲ୍‌ରୁ ୦)ଙ୍କ ୩୭ ଏବଂ ମୁକେଶ କୁମାର (୨ ବଲ୍‌ରୁ ୫)ଙ୍କ ୧୨ ରନ୍‌ର ଭାଗୀଦାରି ଗଢ଼ି ଦଳୀୟ ସ୍କୋ ଦେଢ଼ଶହର ନିକଟବର୍ତ୍ତୀ କରିଥିଲେ।୩୪୬ ରନ୍ କରିଛି ଭାରତ ଜାବାବରେ ନ୍ୟୁଜିଲାଣ୍ଡ ୧୩ ରନ୍‌ରେ ୩ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲେ। ହେଲେ ମାଥ୍ୟୁ ବୋୟଲ (୧୦୮) ଓ ଡିନ୍ ଫକ୍ସକ୍ରଫ୍ଟ (୮୦) ଅବିଭାଜିତ ଚତୁର୍ଥ ୱିକେଟ୍‌ରେ ୨୦୫ ରନ୍ ଯୋଡ଼ି ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଛନ୍ତି। ଦ୍ୱିତୀୟ ଦିନର ଷଷ୍ଠ ବେଳକୁ ନ୍ୟୁଜିଲାଣ୍ଡ 'ଏ' ୩ ୱିକେଟ୍ ହରାଇ ୨୧୮ ରନ୍ କରିଛି। ଭାରତ ପକ୍ଷରୁ ମୁକେଶ କୁମାର ୨ ଓ ମହମ୍ମଦ ସିରାଜ ଗୋଟିଏ ୱିକେଟ୍ ନେଇଥିଲେ।

ହାମିଲଟନ୍‌ଙ୍କ ରେକର୍ଡ ୧୦୫ତମ ପୋଲ୍

ମେକ୍ସିକୋ ସିଟି ୦୧/୧୧: ବ୍ରିଟିସ୍ ଚାଳକ ଲୁଇସ ହାମିଲଟନ୍ ଫର୍ମୁଲା-୧ରେ ନିଜର ଦବ୍‌ଦବା ଜାରି ରଖିଛନ୍ତି। ମେକ୍ସିକୋ ସିଟି ଗ୍ରାଁ ପ୍ରି ଯୋଗ୍ୟତା ପର୍ଯ୍ୟାୟରେ ସେ ପୋଲ୍ ପୋଜିସନ୍ ହାସଲ କରି ନୂଆ ରେକର୍ଡ କରିଛନ୍ତି। ଚଳିତ ଋତୁରେ

ମେକ୍ସିକୋ ଗ୍ରାଁ ପ୍ରି

ଏହି ଫେରାରି ଚାଳକଙ୍କ ପ୍ରଥମ ଏବଂ ମୋଟ ଉପରେ ୧୦୫ତମ ପୋଲ୍ ପୋଜିସନ୍। ୪୧ ବର୍ଷ ବୟସରେ ହାମିଲଟନ୍ ଏହି ସଫଳତା ହାସଲ କରି ଫର୍ମୁଲାୱାନ-୧ ଇତିହାସରେ ପୋଲ୍ ଜିତିଥିବା ପଞ୍ଚମ ବୟୋଜ୍ୟେଷ୍ଠ ଚାଳକ ହୋଇଛନ୍ତି।୧୯୮୨ରେ ୪୨ ବର୍ଷ ବୟସରେ ମାରିଓ ଆଣ୍ଡ୍ରେଟିଙ୍କ ପରେ ସେ ସବୁଠାରୁ ବୟସ୍କ ଚାଳକ ହେବାର ଗୌରବ ପାଇଛନ୍ତି। ଏହି ବୟୋଜ୍ୟେଷ୍ଠ ପୋଲ୍ ରେକର୍ଡ ନିନୋ ଫାରିନା (୪୭ ବର୍ଷ ୨ ମାସ)ଙ୍କ ନାମରେ ଏବେ ବି ଅତୁଟ ରହିଛି। ଶୁକ୍ରବାର ଅଭ୍ୟାସରେ ନେରାଶ୍ୟଜନକ ପ୍ରଦର୍ଶନ ପରେ ୭ ଥର ବିଶ୍ୱବିଜେତା ହାମିଲଟନ୍ ଶନିବାର ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ମୋ ପାଖରେ କହିବାକୁ ଶବ୍ଦ ନାହିଁ: ହାମିଲଟନ୍ ମର୍ସିଡିଜ୍‌ର ଜର୍ଜ ରସେଲ ଓ ନିଜ ଦଳୀୟ ସାଥୀ ଚାର୍ଲସ ଲେକ୍‌ଲାର୍କଙ୍କୁ ପଛରେ ପକାଇ ସେ ପୋଲ୍ ପୋଜିସନ୍‌ରେ ରହିଥିଲେ। ପୋଲ୍



ପୋଜିସନ୍ ପାଇବା ପରେ ହାମିଲଟନ୍ କହିଛନ୍ତି, "ମୁଁ ବହୁତ ଖୁସି। ଏହା ଭଲ ଅନୁଭବ। ମୋ ପାଖରେ କହିବାକୁ ଶବ୍ଦ ନାହିଁ। ସପ୍ତାହାନ୍ତରେ କାର ସେଟ୍‌ଅପ୍ ନେଇ ଆମେ ଭଲ କାମ କରିଛୁ। ମେକ୍ସିକୋରେ ଫେରାରି ପାଇଁ ମୋର ପ୍ରଥମ ପୋଲ୍ ପାଇବା ନିଶ୍ଚିତ ବଡ଼ ଖୁସିର କଥା"।

ଇତିହାସ ରଚିଲେ କାଗିସୋ ରାବାଡ଼ା

ନୂଆଦିଲ୍ଲୀ ୦୧/୧୧ : ଦକ୍ଷିଣ ଆଫ୍ରିକାର ଘାତକ ଦ୍ରୁତ ବୋଲର କାଗିସୋ ରାବାଡ଼ା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ରଚିଛନ୍ତି ଇତିହାସ। ରାବାଡ଼ା ଅଷ୍ଟ୍ରେଲିଆର ଅନେକ ବ୍ୟାଟରଙ୍କୁ ପାଭିଲିୟନ ପଠାଇ ବିଶ୍ୱ ରେକର୍ଡ ନିଜ ନାଁରେ କରିଛନ୍ତି। ଟେଷ୍ଟ କ୍ରିକେଟରେ ଦ୍ରୁତତମ ୩୫୦ ୱିକେଟ୍ ନେବାର ବୋଲର ପାଲଟିଛନ୍ତି ରାବାଡ଼ା। ଏହି ଦ୍ରୁତ ବୋଲର ନିଜ ଦେଶର ବୋଲର ଡେଲ ଷ୍ଟେନଙ୍କ ଏହି ରେକର୍ଡ ଭାଙ୍ଗିଛନ୍ତି ।ରାବାଡ଼ା ଟେଷ୍ଟ କ୍ରିକେଟରେ ୧୩ ହଜାର ୮୦୮ ବଲରେ ୩୫୦ ୱିକେଟ୍ ଅକ୍ତିକାର କରିଛନ୍ତି। ସେ ବର୍ତ୍ତମାନ ଟେଷ୍ଟ କ୍ରିକେଟରେ ଦ୍ରୁତତମ ୩୫୦ ୱିକେଟ୍ ନେବାର ବୋଲର ହୋଇଛନ୍ତି। ତାଙ୍କ ପୂର୍ବରୁ ଏହି ରେକର୍ଡ ଡେଲ ଷ୍ଟେନଙ୍କ ନାମରେ ଥିଲା। ଷ୍ଟେନ ୧୪ ହଜାର ୭୧୯ ବଲରେ ୩୫୦ ୱିକେଟ୍ ପୂରଣ କରିଥିଲେ। ଏହି ତାଲିକାରେ ପାକିସ୍ତାନର ପୂର୍ବତନ ଦ୍ରୁତ ବୋଲର ୱାକର ୟୁନିସ ତୃତୀୟ ସ୍ଥାନରେ ରହିଛନ୍ତି। ସେ ୧୪ ହଜାର ୯୦୫ ବଲରେ ଏହି ସଫଳତା ହାସଲ କରିଥିଲେ ।ଏହା ସହିତ କାଗିସୋ ରାବାଡ଼ା ଟେଷ୍ଟ କ୍ରିକେଟରେ ୩୫୦ ୱିକେଟ୍ ନେବାରେ ଦକ୍ଷିଣ ଆଫ୍ରିକାର ଚତୁର୍ଥ ବୋଲର ପାଲଟିଛନ୍ତି। ଟେଷ୍ଟରେ ଦକ୍ଷିଣ ଆଫ୍ରିକା ପାଇଁ ସର୍ବାଧିକ ୱିକେଟ୍ ଡେଲ ଷ୍ଟେନ ନେଇଛନ୍ତି।

ରାଜ୍ୟଗୋଷ୍ଠୀ କ୍ରୀଡ଼ା କମିଟିରେ ଦ୍ରାବିଡ଼, ସାଇନା

ନୂଆଦିଲ୍ଲୀ ୦୧/୧୧: ଅହମଦାବାଦରେ ୨୦୩୦ ମସିହା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସଫଳ ଆୟୋଜନ ପାଇଁ ପ୍ରସ୍ତାବିତ କମିଟିରେ ସ୍ଥାନ ପାଇଛନ୍ତି ଭାରତର ପୂର୍ବତନ କ୍ରିକେଟ୍ ଅଧିନାୟକ ରାହୁଲ ଦ୍ରାବିଡ଼ ଓ ଅଲିମ୍ପିକ୍ସ ପଦକ ବିଜୟିନୀ



ବ୍ୟାଡମିଣ୍ଟନ୍ ତାରକା ସାଇନା ନେହୱାଲ। କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଉଭୟଙ୍କୁ କ୍ରୀଡ଼ାବିତ୍ ପ୍ରତିନିଧି ଭାବେ ମନୋନୀତ କରାଯାଇଛି ।ଆୟୋଜନ କମିଟିର ଅଧ୍ୟକ୍ଷ ଭାବେ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ତଥା କ୍ରୀଡ଼ାମନ୍ତ୍ରୀ ହର୍ଷ ସାଂଘଭୀ ଦାୟିତ୍ୱ ନେବାର ସମ୍ଭାବନା ରହିଛି। ଏଥିରେ ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ), ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଘରୋଇ କ୍ଷେତ୍ରର ପ୍ରତିନିଧିମାନେ ମଧ୍ୟ ସାମିଲ ହେବେ। ଘରୋଇ କ୍ଷେତ୍ରରୁ ଜିନାଲ ମେହେଟା ଓ ଅନନ୍ୟା ବିର୍ଲାଙ୍କ ନାମ ସୁପାରିସ୍ କରାଯାଇଛି। ମେହେଟା ଗୁଜରାଟ ଟାଇଟନ୍ସର ଅଧ୍ୟକ୍ଷ ଥିବାବେଳେ ଅନନ୍ୟା ବିର୍ଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ମାଲିକାନା ମଣ୍ଡଳି ସହ ଜଡ଼ିତ। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିବା ସାଇନା ଅବସର ପରେ ବିଜେପିରେ ଯୋଗ ଦେଇଛନ୍ତି। ସେହିପରି ଦ୍ରାବିଡ଼ ଭାରତୀୟ କ୍ରିକେଟ୍ ଦଳର ପ୍ରଶିକ୍ଷକ ଭାବେ ୨୦୨୪ରେ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ପ୍ରସ୍ତାବିତ ଆୟୋଜନ କମିଟିରେ ମୋଟ ୧୨ରୁ ୧୫ ଜଣ ସଦସ୍ୟ ରହିବେ। ଏହା ଏକ ଅଣଲାଭକାରୀ କମ୍ପାନି ଭାବେ ଗଠନ ହେବ। ଅହମଦାବାଦ କ୍ରୀଡ଼ା ଆୟୋଜନ ପାଇଁ ପ୍ରାୟ ୩,୦୦୦ରୁ ୫,୦୦୦ କୋଟି ଟଙ୍କାର ପରିଚାଳନା ଖର୍ଚ୍ଚ ଆକଳନ କରାଯାଇଛି। ଏଥିପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ୧,୦୦୦ କୋଟି ଟଙ୍କାର ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଛି। ଅର୍ଥାତ୍ ଭାବ ଯୋଗୁଁ ଚଳିତବର୍ଷର ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ମାତ୍ର ୧୦ଟି ଖେଳରେ ସୀମିତ ରଖାଯାଇଥିଲା। କିନ୍ତୁ ୨୦୩୦ ଅହମଦାବାଦ ସଂସ୍କରଣରେ ୧୫ରୁ ୧୭ଟି ଖେଳକୁ ସାମିଲ କରିବାକୁ ଭାରତ ଯୋଜନା କରୁଛି। ହକି, କୁସ୍ତି ଓ କ୍ରିକେଟ୍ ଭଳି ଲୋକପ୍ରିୟ ଖେଳଗୁଡ଼ିକୁ ମଧ୍ୟ ଏଥିରେ ସ୍ଥାନ ଦିଆଯିବାର ସମ୍ଭାବନା ରହିଛି।

ଅକ୍‌ଲାଣ୍ଡରେ କୋହଲି-ରୋହିତଙ୍କ ଜୋରଦାର ଅଭ୍ୟାସ

ଅକ୍‌ଲାଣ୍ଡ ୦୧/୧୧: ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଶୃଙ୍ଖଳା ପୂର୍ବରୁ ଅକ୍‌ଲାଣ୍ଡର ଇଡେନ୍ ପାର୍କରେ ଭାରତର ଦୁଇ ଅଭଜ୍ଞ ବ୍ୟାଟର୍ ବିରାଟ କୋହଲି ଓ ରୋହିତ ଶର୍ମା ଜୋରଦାର ଅଭ୍ୟାସ କରିଛନ୍ତି। ଦ୍ୱିତୀୟ ନେଟ୍ସ ଅଧିବେଶନରେ ଉଭୟ ଅନେକ ସମୟ ବ୍ୟାଟିଂ କରିଥିଲେ। କୋହଲି ପ୍ରଥମେ ଥ୍ରୋଡାଉନ୍‌ରେ ଖେଳିବା ପରେ ଦ୍ରୁତ ବୋଲର ଆକ୍ୱିବ ନବି, ଗୁରନୂର ବ୍ରାର ଓ ଅଂଶୁଲ କମ୍ବୋଜଙ୍କ ବୋଲିଂର ସାମ୍ନା କରିଥିଲେ। କୋହଲିଙ୍କୁ କମ୍ବୋଜ ଓ ନବି ଉଭୟ ପଟୁ ସୁଇଂ ବୋଲିଂ କରୁଥିଲା ବେଳେ ବ୍ରାଁ ଲେଗ୍‌ରେ ବୋଲିଂ କରିଥିଲେ। କୋହଲି କର୍ଭ ଡ୍ରାଇଭ୍ ଖେଳି ନିଜ ଆତ୍ମବିଶ୍ୱାସ ବଢ଼ାଉଥିଲେ। କିଛି ଡ୍ରାଇଭ୍ ମିସ୍



ହେବା ସତ୍ତ୍ୱେ କୋହଲି ଆକ୍ରମଣାତ୍ମକ ମନୋଭାବ ଛାଡ଼ି ନ ଥିଲେ। ମିଡ୍‌ୱିକେଟ୍‌ରେ ଫ୍ଲିକ୍ ଖେଳିବାକୁ ମଧ୍ୟ ସେ ଚେଷ୍ଟା କରିଥିଲେ। ତେବେ ରୋହିତ ଅଫ୍‌ଷ୍ଟମ୍ପ୍ ବାହର ବଲ୍‌କୁ ଛାଡ଼ି ଦେଉଥିଲେ। ପ୍ୟାଡ୍‌ରେ ଆସୁଥିବା ବଲ୍‌କୁ ସହଜରେ ଖେଳିଥିଲେ। ଦିନିକିଆ ଶୃଙ୍ଖଳା ବୁଧବାରଠୁ ଆରମ୍ଭ ହେଲେ ନବିଙ୍କ ଇନ୍‌ସ୍ୱିଙ୍ଗ୍ ବଲ୍‌କୁ ଉଭୟ ଖେଳିବାରେ ଅସୁବିଧାରେ ପଡ଼ିଥିଲେ। ପ୍ରଥମ ୩ ଦିନିକିଆ ଲାଗି ଦଳରେ ଥିବା ୨୯ ବର୍ଷୀୟ ନବି ନେଟ୍‌ସରେ ପୂରା ୧ ଘଣ୍ଟା ଭଲ ଲୟରେ ବୋଲିଂ କରିଥିଲେ। ଏହି ଅଭ୍ୟାସ ଅଧିବେଶନ ଅଧିନାୟକ ଶୁବମନ ଗିଲ୍ ଅନୁପସ୍ଥିତ ଥିଲେ। ସେ ଜିମ୍‌ରେ ସମୟ କାଟିଥିଲେ। ହେଲେ କେଏଲ୍ ରାହୁଲ ଓ ଋତୁରାଜ ଗାଏକ୍ୱାଡ ଅଭ୍ୟାସକୁ ଓହ୍ଲାଇଥିଲେ। ଦଳର ବୋଲିଂ ପ୍ରଶିକ୍ଷକ ସାଇରାଜ ବାହୁତୁଲେ, ଫିଲ୍ଡିଂ ପ୍ରଶିକ୍ଷକ ଶୁଭଦୀପ ଘୋଷ, ଦୟାନନ୍ଦ ଗରାଣୀ ଓ ନୁୱାନ ସେନେଭିରନ୍ଙ୍କ ଉପସ୍ଥିତ ଥିଲେ। ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ବୁଧବାରଠୁ ଆରମ୍ଭ ହେବ।

ଜାତୀୟ ଏକତା ଦିବସ ଓ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା

ବାରକୋଟ, ୧।୧୧ (ଅକ୍ଷର ଓଡ଼ିଶା): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ ନିଶାମୁକ୍ତ ଭାରତ ଅଭିଯାନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକସ୍ଥିତ କନ୍ଧଳ +୨ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ।ମେରା ଯୁବ ଭାରତ, ଦେବଗଡ଼ ଆନୁକୂଲ୍ୟରେ ଆୟୋଜିତ



ଏହି ବ୍ଲକସ୍ତରୀୟ 'ନେଇବରହୁଡ୍ ୟୁଥ୍ ପାର୍ଲିଆମେଣ୍ଟ' ଓ ସଚେତନତା କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ନିଶା ସେବନର କୁପରିଣାମ ସମ୍ପର୍କରେ ସଚେତନ କରାଯିବା ସହ ନିଶାମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦିଆଯାଇଥିଲା ।କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ବାରକୋଟ ବିଏସଏସଓ, କନ୍ଧଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଏବଂ ମେରା ଯୁବ ଭାରତର ପ୍ରତିନିଧିମାନେ ଯୋଗଦେଇଥିଲେ। ବକ୍ତାମାନେ ଜାତୀୟ ଏକତା, ଅଖଣ୍ଡତା, ଭାଇଚାରା ଓ ସାମାଜିକ ସଦ୍‌ଭାବନାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଏକ ସୁସ୍ଥ ଓ ନିଶାମୁକ୍ତ ଭାରତ ଗଠନରେ ଯୁବପିଢ଼ିଙ୍କ ସକ୍ରିୟ ଭୂମିକା ରହିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ବୈଠକ



ଭଦ୍ରକ, ୦୧/୧୧(ଅକ୍ଷର ଓଡିଶା)ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ବୈଠକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୁର୍ନୀତି ରୋକିବାରେ ସମସ୍ତଙ୍କ ସକ୍ରିୟ ଭୂମିକା ରହିଛି ବୋଲି ଉଲ୍ଲେଖ କରିବା ସହିତ ପ୍ରତ୍ୟେକ ଅଧିକାରୀ, ଜନସାଧାରଣ ଓ ଯୁବପିଢି ଏଥିପ୍ରତି ଆତ୍ମ ନିୟନ୍ତ୍ରଣ କରି ନିଜ କର୍ତ୍ତବ୍ୟ ସମ୍ପାଦନ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ ।ଏହି ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ କୁମାର ଦତ୍ତ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ଉପସ୍ଥିତ ରହି ପ୍ରତ୍ୟେକ କ୍ଷେତ୍ରରେ ସଚ୍ଚୋଟତା ରକ୍ଷା, ସ୍ୱଚ୍ଛତା ସହ ଦାୟିତ୍ୱ ନିର୍ବାହ କରିବା, ଜନସାଧାରଣଙ୍କ ହିତ ସାଧନ ଲାଗି ସମର୍ପିତ ରହିବା, ଜନସଚେତନତା ହିଁ